


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୪ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 24 October 2024
Vol.No. 35 ■ No.283 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...


ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଭିତରକନିକା- ଧାମରା ଭିତରେ କରିବ ଲ୍ୟାଣ୍ଡଫଲ

- ■ଲ୍ୟାଣ୍ଡଫଲ ବେଳେ ୧୦୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବ
- ■ସମୁଦ୍ରରେ ୭ ଫୁଟ୍ ଉଚ୍ଚର ଜୁଆର ମାଡି ଆସିବ
- ■ଲ୍ୟାଣ୍ଡଫଲର ୫୦ କିମି ପରିଧି ଭିତରେ ତାଣ୍ଡବ ରଚିବ
- ■କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଓ ଜଗତସିଂହପୁର ହେବ ଭୟଙ୍କର ପ୍ରଭାବିତ
- ■ଧାମରା ବନ୍ଦରକୁ ୧୦ ନମ୍ବର ବିପଦ ସଂକେତ
- ■୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇପାରେ
- ■ପ୍ରବଳ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ମାଡ଼ି ଆସୁଛି ବାତ୍ୟା 'ଦାନା '। ଆସନ୍ତାକାଲି ଭୀଷଣ ବାତ୍ୟାର ରୂପ ନେଇ ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ଭିତରକନିକା-ଧାମରା ମଧ୍ୟରେ ସ୍ଥଳର ଭାଗ ଛୁଇଁବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏହି ସୂଚନା ଦେଇଛନ୍ତି। ଶ୍ରୀ ଦାଶ କହିଛନ୍ତି, ବାତ୍ୟା 'ଦାନା ' ୧୫ କି.ମି



ବେଗରେ ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ପାରାଦୀପଠୁ ୫୨୦ ଓ ସାଗର ଦ୍ୱୀପଠାରୁ ୬୦୦ କିମି ଦୂରରେ ରହିଛି। ୨୪ ତାରିଖ ରାତି କିମ୍ବା ୨୫ ତାରିଖ ସକାଳେ ଭିତରକନିକା-ଧାମରା ମଧ୍ୟରେ ବାତ୍ୟା ଲ୍ୟାଣ୍ଡଫଲ୍ କରିବାର ସମ୍ଭାବନା ରହିଛି।ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ୨ରୁ ୩ ମିଟର ଉଚ୍ଚର ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି। ଉମାଶଙ୍କର ଦାଶ ଆହୁରି କହିଛନ୍ତି, ୨୪ ଓ ୨୫ ତାରିଖରେ ବାତ୍ୟାର ପ୍ରଭାବ ଅଧିକ ରହିବ। ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଆଜି ସନ୍ଧ୍ୟାଠୁ ଉପକୂଳ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଯିବ। ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ପୁରୀ, ଗଞ୍ଜାମ ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ,ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର କିଛି କିଛି ସ୍ଥାନରେ ୭ରୁ ୨୦ ସେମି ବର୍ଷା ହେବାର ସମ୍ଭାବନା ରହିଛି। ଆଉ କିଛି ସ୍ଥାନରେ ୨୦ରୁ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ସବୁ ଜିଲ୍ଲା ଗୁଡ଼ିକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। କେନ୍ଦୁଝର, ଢେଙ୍କାନାଳ, କଟକ ଓ ଖୋର୍ଦ୍ଧା ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।୨୪ ଓ ୨୫ ତାରିଖରେ ବର୍ଷାର ବସ୍ତୁତି ବଢ଼ିବ। ୨୬ ତାରିଖରୁ ବର୍ଷାର ମାତ୍ରା କମିବ।ହେଲେ ୨୬ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି ▶▶ପୃଷ୍ଠା ୭

# ଦେଖେଇବା ଭଳି କାର୍ଯ୍ୟାନୁଷ୍ଠାନ ନିଅ ନାହିଁ, ଗୁରୁତ୍ୱର ସହ ନିଅ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩/୧୦ : ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ପୁଣି ଥରେ ପଞ୍ଜାବ, ହରିୟାଣା ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ଉଇଛଗ) କୁ କଡା ଭାଷାରେ ଶୁଣାଇଛନ୍ତି । ଅଦାଲତ କହିଛନ୍ତି ଯେ ଏହି ମାମଲା କିଛି ଆଇନର ଅନୁପାଳନରେ ସୀମିତ ନୁହେଁ। ଲୋକଙ୍କ ମୌଳିକ ଅଧିକାର ଏଠାରେ ଉଲ୍ଲଂଘନ କରାଯାଉଛି । ଯେଉଁମାନେ ବାୟୁକୁ ବିଷାକ୍ତ କରନ୍ତି ଏବଂ ଏହାକୁ ରୋକିବାରେ ବିଫଳ ହୁଅନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ । କୋର୍ଟଙ୍କ ନିର୍ଦ୍ଦେଶରେ ପଞ୍ଜାବ ଏବଂ ହରିୟାଣାର ମୁଖ୍ୟ ସଚିବମାନେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଜଷ୍ଟିସ ଅଭୟ ଓକାଙ୍କ ନେତୃତ୍ୱରେ ୩ ଜଣ ବିଚାରପତିଙ୍କ ଏକ ବେଞ୍ଚ ଉଭୟଙ୍କୁ ତୀବ୍ର ଭର୍ତ୍ସନା କରିଛି। ବେଞ୍ଚର ସଦସ୍ୟ ଜଷ୍ଟିସ ଅମାନତୁଲ୍ଲା କହିଛନ୍ତି, 'ଦିଲ୍ଲୀର ବର୍ତ୍ତମାନର ଅବସ୍ଥା ଏବଂ



ଭବିଷ୍ୟତରେ କଣ ଘଟିବ ସେ ବିଷୟରେ ଚିନ୍ତା କର। ତୁମେ ମଧ୍ୟ ନଡ଼ା ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୋଇଥିବ । ଅନ୍ତତଃ ପକ୍ଷେ ନିଜ ବିଷୟରେ ଚିନ୍ତା କର।' ପଞ୍ଜାବର ଆଡଭୋକେଟ୍ ଜେନେରାଲ୍ ଏବଂ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ରରୁ ଟ୍ରାକ୍ଟର ଏବଂ ମେସିନ୍ ପାଇଁ ପାଣ୍ଠି ମାଗିବା ଅଭିଯୋଗରେ କୋର୍ଟ ତାଗିଦ୍ କରିଛନ୍ତି। ଏହାର କୌଣସି ରେକର୍ଡ ନାହିଁ ବୋଲି କୋର୍ଟ କହିଛନ୍ତି। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ଯେଉଁ ଅଧିକାରୀଙ୍କ ଆଡଭୋକେଟ୍ ଜେନେରାଲ୍ ଏହି ଦାବୀ ପ୍ରକାଶ କରିଛନ୍ତି ସେହି ଅଧିକାରୀଙ୍କ ନାମ ପ୍ରକାଶ କରାଯିବା ଉଚିତ ଯାହା ଦ୍ୱାରା ତାଙ୍କୁ ଅବମାନନା ନୋଟିସ୍ ପଠାଯାଇପାରିବ। ଜପଞ୍ଜାବ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଡଭୋକେଟ୍ ଅଭିଷେକ ମନୁ ସିଂଭି ଏହି ମାମଲା ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ଏହା ଉପରେ ଜଷ୍ଟିସ୍ ଓକା କହିଛନ୍ତି, 'ଆମକୁ ଆଉ କିଛି କହିବାକୁ ବାଧ୍ୟ କର ନାହିଁ। ରାଜ୍ୟ ସରକାରଙ୍କ ଗମ୍ଭୀରତା ଦୃଶ୍ୟମାନ ହେଉଛି। ପ୍ରଥମେ ଆଡଭୋକେଟ୍ ଜେନେରାଲ୍ କହିଛନ୍ତି ଯେ କାହା ବିରୋଧରେ କୌଣସି ମାମଲା ପଞ୍ଜିକୃତ ହୋଇନାହିଁ।

# ଭିଜିଲାନ୍ସ ଜାଲରେ ଆରଆଇ

ସୁବର୍ଣ୍ଣପୁର, ୨୩/୧୦ (ନି.ପ୍ର): ଲାଞ୍ଚ ନେବା ବେଳେ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିନିକା ତହସିଲ ଅଧୀନ ସିନ୍ଦୁରପୁର ରେଭିନ୍ୟୁ ସର୍କଲରେ ଆରଆଇ ବା ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ସହକାରୀ ରାଜସ୍ୱ ନିରୀକ୍ଷକ (ଆସିଷ୍ଟାଣ୍ଟ ଆରଆଇ) ବିବେକାନନ୍ଦ ତ୍ରିପାଠୀ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଜଣେ ବ୍ୟକ୍ତିଙ୍କ ଜମିର କିସମ ପରିବର୍ତ୍ତନ କରିଦେବା ପାଇଁ ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂପର୍କରେ ସଂପୃକ୍ତ ବ୍ୟକ୍ତି ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ପ୍ରକାରେ ଆଜି ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ



ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ଲାଞ୍ଚ ବାବଦକୁ ଦିଆଯାଇଥିବା ସମସ୍ତ ୨୦ ହଜାର ଟଙ୍କା ମିଳିଥିଲା। ସହକାରୀ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ତ୍ରିପାଠୀ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି।

# ନୂଆ ଧାନ ସଂଗ୍ରହ ନୀତି ଓ ସୁଭଦ୍ରା ଗାଇଡଲାଇନ ସଂଶୋଧନ ସମେତ ୬ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ଦାନା' ଭୟଙ୍କର ରୂପଧାରଣ କରି ଓଡ଼ିଶା ଅଭିମୁଖେ ମାଡ଼ି ଆସୁଥିବାବେଳେ ଆଜି ପୂର୍ବାହ୍ନରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ଏହି ବୈଠକରେ ମୋଟ ୬ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ନୂଆ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ସମେତ ସୁଭଦ୍ରା ଗାଇଡଲାଇନରେ ସଂଶୋଧନ, 'ସମୃଦ୍ଧ କୃଷକ ଯୋଜନା'ର କାର୍ଯ୍ୟାନ୍ୱୟନ, ଓଡ଼ିଶା ଏୟାର କନେକ୍ଟିଭିଟି ପଲିସି ଓ ଓଡ଼ିଶା ଜିଏସଟି ଆଇନ-୨୦୧୭ରେ ସଂଶୋଧନ ପାଇଁ ଅଧ୍ୟାଦେଶ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ୨୦୨୪-୨୫ ଖରିଫ ବିପଣନ ବର୍ଷ ପାଇଁ ମୋଟ ୮୦ଲକ୍ଷ ମେଟ୍ରିକ ଟନ୍ ଧାନ(୫୪ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ୨୦୨୪ ନଭେମ୍ବରରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଖରିଫ ଧାନ ଓ ମେ'-ଜୁନ୍ ମାସରେ ରବିଧାନ ସଂଗ୍ରହ କରାଯିବ । ଖରିଫରେ ୬୬ଲକ୍ଷ ଓ ରବିରେ ୧୪ଲକ୍ଷ ମେଟ୍ରିକ ଟନ୍



ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । କେବଳ ପଞ୍ଜିକୃତ ଚାଷୀମାନେ ଯଦି ଅଧିକ ଧାନ ମଣ୍ଡିକୁ ଆଣିବେ ତାକୁ ସରକାର କ୍ରୟ କରିବେ । ଧାନ କ୍ରୟ ଧାର୍ଯ୍ୟ ପରିମାଣରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ମନ୍ତ୍ରିସ୍ତରୀୟ ସବକମିଟି ନେବେ । ସରକାରଙ୍କୁ ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟପତ୍ର ହେବ । ପଞ୍ଜିକୃତ ଚାଷୀ ବାୟୋମେଟ୍ରିକ୍ ଚିହ୍ନଟୀକରଣ ମଧ୍ୟ କରାଯିବ । ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସାଧାରଣ ଗ୍ରେଡ୍ ପାଇଁ ୨୩୦୦ଟଙ୍କା ଓ ଏ ଗ୍ରେଡ୍ ଧାନ ପାଇଁ ୨୩୨୦ଟଙ୍କା ପ୍ରଦାନ କରାଯିବ । ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଧାନବିକ୍ରି ବାବଦ ପ୍ରାପ୍ୟ ଯିବ । ରାଜ୍ୟରେ ପ୍ରାୟ ୨୬ଲକ୍ଷ ମେଟ୍ରିକ ଟନ୍ ଚାଉଳର ଆବଶ୍ୟକତା ଅଛି ଓ ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ)କୁ ପ୍ରଦାନ କରାଯିବ । ତେବେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତିରେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ପ୍ରଦାନ ପାଇଁ କୌଣସି ଉଲ୍ଲେଖ ନାହିଁ । ସରକାର ଏହି ▶▶ପୃଷ୍ଠା ୭

# ବାତ୍ୟା ପାଇଁ ଓସିଏସ ପ୍ରିଲିମ୍ ପରୀକ୍ଷା ସ୍ଥଗିତ: ୭ ଦିନ ପରେ ଧାର୍ଯ୍ୟ ହେବ ନୂଆ ତାରିଖ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ବାତ୍ୟା ପାଇଁ ବଡ଼ ନିଷ୍ପତ୍ତି ନେଲା ଓଡ଼ିଶା ଲୋକସେବା ଆୟୋଗ । ବାତ୍ୟା ଦାନା ପାଇଁ ଓସିଏସ ପ୍ରିଲିମ୍ ପରୀକ୍ଷା ସ୍ଥଗିତ ନିଷ୍ପତ୍ତି । ଆସନ୍ତା ୨୭ ତାରିଖରେ ଓସିଏସ ପ୍ରିଲିମ୍ ପରୀକ୍ଷା ହେବାର ଥିଲା । କିନ୍ତୁ ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ତେବେ ୭ ଦିନ ପରେ ନୂଆ ତାରିଖ ଧାର୍ଯ୍ୟ ହେବ ବୋଲି ଓପିଏସସି ପକ୍ଷରୁ କୁହାଯାଇଛି । ବାତ୍ୟା 'ଦାନା'କୁ ନେଇ ଆସିଲା ବଡ଼ ଖବର । ସ୍ଥଳଭାଗ ଛୁଇଁଲା ବାତ୍ୟାର ବାହ୍ୟବଳୟ । ଭଦ୍ରକ, କେନ୍ଦ୍ରାପଡ଼ାର କିଛି ଅଞ୍ଚଳରେ ବାତ୍ୟାର ବାହ୍ୟବଳୟ ସ୍ପର୍ଶ କରିଛି । ପାରାଦୀପ ରାଡାର ତଥ୍ୟରୁ ପାଣିପାଗ ବିଜ୍ଞାନୀ ଏହି ସୂଚନା ଦେଇଛନ୍ତି । ଏହା ପ୍ରଭାବରେ ଧାମରା, ପାରଦୀପରେ ବର୍ଷା ଆରମ୍ଭ ହେଲାଣି । ସେହପରି କେନ୍ଦ୍ରାପଡ଼ା ରାଜନଗରରେ ବି ବର୍ଷା ଆରମ୍ଭ ହୋଇସାରିଛି । ସେପଟେ ବାତ୍ୟା 'ଦାନା'କୁ ନେଇ ବଡ଼ ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର । ଭିତରକନିକା, ଧାମରା ପାଖରେ ବାତ୍ୟା ଲ୍ୟାଣ୍ଡଫଲ୍ କରିପାରେ ବୋଲି ସୂଚନା ଦେଇଛନ୍ତି ଆଇଏମଡି ଡିଜି । ୨୪ ତାରିଖ ରାତିରୁ ୨୫ ସକାଳ ମଧ୍ୟରେ ଏହା ଲ୍ୟାଣ୍ଡଫଲ କରିବ । ଭୀଷଣ ବାତ୍ୟାର ରୂପ ନେଇ 'ଦାନା' ସ୍ଥଳଭାଗ ଅତିକ୍ରମ କରିବ । ଏହା ସ୍ଥଳଭାଗ ଛୁଇଁଲା ବେଳେ ପବନର ବେଗ ୧୦୦ରୁ ୧୨୦ କିମି ରହିବ । ତେବେ ବାତ୍ୟାର ପ୍ରଭାବ ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକରେ ବେଶି ରହିବ ବୋଲି ଓଗଉ ଡିଜି କହିଛନ୍ତି । ଏହି ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ପବନ ସମ୍ଭାବନା ରହିଛି । ଏହା ବ୍ୟତୀତ ଅନ୍ୟ ପାଶ୍ୱବର୍ତ୍ତୀ ଜିଲ୍ଲା ପୁରୀ, ଖୋର୍ଦ୍ଧା(ଭୁବନେଶ୍ୱର), କଟକ, ମୟୂରଭଂଜ, କେନ୍ଦୁଝର, ଢେଙ୍କାନାଳରେ ମଧ୍ୟ ପ୍ରବଳ ବର୍ଷିବ । ପାଶ୍ୱବର୍ତ୍ତୀ ଜିଲ୍ଲାରେ ବର୍ଷା ସହ ୬୦-୮୦ ବେଗରେ ପବନ ବହିବ ବୋଲି ଓଗଉ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।

# ଆଜି ଓ ଶୁକ୍ରବାର ନନ୍ଦନକାନନ ବନ୍ଦ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଆସନ୍ତା କାଲି ଅର୍ଥାତ ଗୁରୁବାର ଓ ଶୁକ୍ରବାର ଭୁବନେଶ୍ୱରରେ ଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ଦ ରହିବ। ଏହି ସମୟରେ କୌଣସି ପର୍ଯ୍ୟଟକ ନଆସିବା ପାଇଁ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ବାତ୍ୟା 'ଦାନା' ପ୍ରଶାସନ ଏପରି ନିଷ୍ପତ୍ତି ନେଇଛି। ବାତ୍ୟା ସମୟରେ ଜୀବ ଯନ୍ତୁମାନଙ୍କୁ ଖୁଆଡ଼ରେ ଭର୍ତ୍ତି କରାଯିବ। ସେମାନଙ୍କ ପାଇଁ ପର୍ଯ୍ୟପ୍ତ ପରିମାଣର ଖାଦ୍ୟ ମହଜୁଦ୍ ରଖାଯାଇଛି। ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ। ଯଦି କୌଣସି ସ୍ଥାନରେ ପାଚେରୀ ଭାଙ୍ଗିଯାଏ, ତାହାହେଲେ ଶୀଘ୍ର ମରାମତି କରିବା ପାଇଁ ଟିମ୍ ଗଠନ କରାଯାଇଛି ବୋଲି ପିସିସିଏଫ୍ କହିଛନ୍ତି। ସେ ଆହୁରି କହିଛନ୍ତି, ବାତ୍ୟା 'ଦାନା' ପାଇଁ ବନ ବିଭାଗ ଅଧୀନରେ ଥିବା ସବୁ ଇକୋ ଟୋରିଜିମ୍ ସାଇଟ୍‌କୁ ପରିସ୍ଥିତିକୁ ଦେଖି ଡିଏଫ୍‌ଓମାନେ ବନ୍ଦ କରି ପାରନ୍ତି। ଯଦି କେହି ଆଗୁଆ ବୁକିଂ କରିଥିବେ, ତାହାହେଲେ ସେହି ଅର୍ଥ ସେମାନେ ଫେରି ପାଇବେ ବୋଲି ପିସିସିଏଫ୍ କହିଛନ୍ତି। ▶▶ପୃଷ୍ଠା ୭

# ଆଜି ଅପରାହ୍ନରୁ ଭୁବନେଶ୍ୱରରୁ ବିମାନ ଉଡାଣ ବନ୍ଦ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଆସନ୍ତା କାଲି ଅର୍ଥାତ ଗୁରୁବାର ଅପରାହ୍ନ ୫ଟା ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ କୌଣସି ବିମାନ ଉଡି ପାରିବ ନାହିଁ। ଏପରିକି ଆସିପାରିବ ନାହିଁ। ଏହି ନିର୍ଦ୍ଦେଶନାମା ୨୫ ତାରିଖ ଅର୍ଥାତ ଶୁକ୍ରବାର ସକାଳ ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିଛି। ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ(ଇଇଓ) ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ବାତ୍ୟା 'ଦାନା' ପାଇଁ ଇଇଓ ଏପରି ନିଷ୍ପତ୍ତି ନେଇଛନ୍ତି। ବାତ୍ୟା 'ଦାନା' ଧିରେ ଧିରେ ଉଗ୍ର ରୂପ ଧାରଣ କରୁଛି। ଏବେ ଦାନା ପାରାଦୀପଠାରୁ ୪୫୦ କିମି ଦୂରରେ ରହିଛି। ଗୁରୁବାର ରାତିରୁ ଶୁକ୍ରବାର ସକାଳ ଭିତରେ ବାତ୍ୟା ଧାମରାରୁ ଭିତରକନିକା ଦେଇ ଅତିକ୍ରମ କରିବ। ଏହି ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବୋହିବାର ସମ୍ଭାବନା ରହିଛି। ବାଲେଶ୍ୱର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ପବନର ବେଗ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିମି ରହିବ।

# ଯୁଦ୍ଧ ନୁହେଁ, ଶାନ୍ତି ଆଲୋଚନା ଜରୁରୀ: ବ୍ରିକ୍ସ ପ୍ଲାଟଫର୍ମରୁ ଚୀନ୍ ସମେତ ସମଗ୍ର ବିଶ୍ୱକୁ ପରାମର୍ଶ ଦେଲେ ମୋଦୀ

ନୂଆଦିଲ୍ଲୀ, ୨୩/୧୦ : ରୁଷିଆର କଜାନ ସହରରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି। ବ୍ରିକ୍ସ ପ୍ଲାଟଫର୍ମରୁ ସେ ଚୀନ୍ ଏବଂ ରୁଷିଆ ସମେତ ସମଗ୍ର ବିଶ୍ୱକୁ ପରାମର୍ଶ ଦେଇଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି- ଆମେ ଯୁଦ୍ଧ ନୁହେଁ, ଶାନ୍ତି ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରୁଛୁ। ଯେତେବେଳେ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରୁଥିଲେ, ତାଙ୍କ ପାଖରେ ଚୀନ୍ ▶▶ପୃଷ୍ଠା ୭



# ଘୋଷଣା ହେଲା ମହାବିକାଶ ଅଘାଡିର ସିଟ ବଣ୍ଟନ ଫର୍ମୁଲା



ମୁମ୍ବାଇ: ଗତ କିଛି ଦିନ ହେବ ମହାବିକାଶ ଅଘାଡିର ଆସନ ଭାଗବଣ୍ଟାକୁ ନେଇ ଚର୍ଚ୍ଚା ଚାଲିଆସୁଥିଲା । ତେବେ ଆଜି ମୋଟାମୋଟି ଏହା ଶେଷ ହୋଇଛି। ଆଜି ଘୋଷଣା କରାଯାଇଛି ଯେ ସମସ୍ତ ତିନୋଟି ଦଳ ୮୫-୮୫ ଟି ଆସନରେ ସମାନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମହାରାଷ୍ଟ୍ରରେ ସମୁଦାୟ ୨୮୮ ବିଧାନସଭା ଆସନ ଅଛି । ୨୭୦ଟି ଆସନରେ ଉଦ୍ଧବ ଠାକରେ, ଶରଦ ପାୱାର ଏବଂ କଂଗ୍ରେସ ମଧ୍ୟରେ ଏକ ଚୁକ୍ତି ହୋଇଛି। ଅବଶିଷ୍ଟ ୧୮ଟି ଆସନ ଅନ୍ୟ ସହଯୋଗୀ ଦଳକୁ ଯିବ। ୨୭୦ଟି ସିଟ୍ ପାଇଁ ବାହାରିଥିବା ସୂତ୍ର ଅନୁଯାୟୀ ତିନି ଦଳ ୮୫ ଲେଖାଏଁ ସିଟରେ ନିର୍ବାଚନ ଲଢ଼ିବେ । ଅର୍ଥାତ ୨୫୫ଟି ସିଟ୍ ବାବଦରେ ଘୋଷଣା କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ କହିଛନ୍ତି ଯେ ୨୭୦ଟି ଆସନରେ ସହମତି ପ୍ରକାଶ ପାଇଛି। ମହାବିକାଶ ଅଘାଡିର ତିନିଟି ଦଳ ମଧ୍ୟରେ ୧୫ଟି ଆସନ ଉପରେ ଆଲୋଚନା ଜାରି ରହିଛି । ସଞ୍ଜୟ ରାଉତ କହିଛନ୍ତି ଯେ ଆମର ଶେଷ ବୈଠକ ଶରଦ ପାୱାରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ▶▶ପୃଷ୍ଠା ୭

# ସମ୍ଭାବ୍ୟ ବାତ୍ୟା ନିମନ୍ତେ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ: ଜିଲ୍ଲାପାଳ

କେନ୍ଦ୍ରାପଡା, ୨୩/୧୦ (ନି.ପ୍ର): ଆଇଏମ୍‌ଡିର ସତର୍କ ସୂଚନା ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଦାନା ଓଡ଼ିଶାର ଉପକୂଳରେ ୨୪ ଓ ୨୫ ତାରିଖ ମଧ୍ୟରେ ପ୍ରବଳ ବର୍ଷା ଓ ବାତ୍ୟା ଜନିତ କ୍ଷୟକ୍ଷତି ଆଶଙ୍କା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ସେହି ଆଧାରରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ବାତ୍ୟା ମୁକାବିଲା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଗତକାଲି ଅପରାହ୍ନ ୪.୩୦ ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହିତ ଏହାର ସଫଳ ମୁକାବିଲା ନିମନ୍ତେ ସଜାଗ ରହିବା ସହ ଶୂନ୍ୟ ମୃତ୍ୟୁହାରକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ ଆଭାସୀ ମାଧ୍ୟମରେ ଜିଲ୍ଲାର ବିଡିଓ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବୈଠକରେ ଆଶୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୨୪ ତାରିଖ ଦିନ ସକାଳୁ ପ୍ରବଳ ବର୍ଷା ଓ ୨୫ ତାରିଖ ଦିନ ବାତ୍ୟା ଉପକୂଳ ଛୁଇଁବା ଆଶଙ୍କା ଥିବାରୁ ସମସ୍ତ ବିଭାଗ ସତର୍କ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ୧୧୭ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖାଯାଇ ପାନୀୟ ଜଳ, ସାନିଟେସନର ବ୍ୟବସ୍ଥା, ଶୁଖିଲା ଖାଦ୍ୟ ଏବଂ ୨୩ ତାରିଖରୁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଗତକାଲି ଜିଲ୍ଲାର ୧୨୪ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ବେସାମରିକ ଯୋଗାଣ ଅଧିକାରୀଙ୍କୁ ଶୁଖିଲା ଖାଦ୍ୟ, ମହମବତୀ, ଦିଆସିଲି, କିରୋସିନି ଆଦି ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୬ ଜଣ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଆଳି, ରାଜନଗର, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ଗରଦପୁର, ରାଜକନିକା ୬ଟି ବ୍ଲକକୁ ନୋଡାଲ ଅଫିସର ଭାବେ ପ୍ରେରଣ କରାଯାଇଛି। ଆଜି ସନ୍ଧ୍ୟା ସୁଦ୍ଧା ୬ ଗୋଟି ଓଡ୍ରାଫ୍ ଟିମ୍ କେନ୍ଦ୍ରାପଡ଼ାରେ ପହଂଚିବେ। ମହାକାଳପଡ଼ା ଓ ରାଜନଗର ବ୍ଲକ ଅଧିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଏହି ୨ଟି ବ୍ଲକ ପ୍ରତି ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ବାତ୍ୟା ଯୋଗୁଁ ବିଦ୍ୟୁତ୍ ସରବରାହ ଠିକ୍ କରିବା ପାଇଁ ବିଭାଗ ପକ୍ଷରୁ କର୍ମଚାରୀ ନିୟୋଜିତ ହେବାସହ ବିଦ୍ୟୁତ୍ ଉପକରଣ ମହଜୁଦ ରଖାଯାଇଛି ବୋଲି ଟିପିସିଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀରେ ଓଆର୍‌ଏସ୍, କ୍ଲୋରିନ୍ ବଟିକା, ଅତ୍ୟାବଶ୍ୟକ ଔଷଧ ସମାଗ୍ରୀ, ପଶୁ ଖାଦ୍ୟ ଆଦି ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲ ବନ୍ଦ ରହିବ କିନ୍ତୁ ଶିକ୍ଷକମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା ଅବରୋଧ ହଟାଇବା ପାଇଁ ଅଗ୍ନିଶମ ବିଭାଗ, ପୋଲିସ୍ ପ୍ରଶାସନ, ଓଡ୍ରାଫ ଟିମ୍ ମିଳିତ ଭାବେ କାର୍ଯ୍ୟ କରିବେ। ଉକ୍ତ ଆଭାସୀ ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ଦାସ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# କୁଚିଣ୍ଡା ନାବାଳିକା ଗଣଦୁଷ୍କର୍ମ ଘଟଣାକୁ ଗୁରୁତ୍ୱ ଦେଇ ନବୀନଙ୍କ ଦ୍ୱାରା ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ

ଭୁବନେଶ୍ୱର , ୨୩/୧୦ (ନି.ପ୍ର): କୁଚିଣ୍ଡାରେ ଦଳିତ ସମ୍ପ୍ରଦାୟର ଏକ ନାବାଳିକାକୁ ଗଣଦୁଷ୍କର୍ମ ମାମଲାରେ ପୋଲିସର ଟାଳଟୁଳ ନୀତିକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ଶ୍ରୀ ନବୀନ ପଟ୍ଟନାୟକ ଘଟଣା ଉପରେ କ୍ଷୋଭ ପ୍ରକାଶ କରିବା ସହିତ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି ବୋଲି ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ସମନ୍ୱୟ କମିଟି ସଦସ୍ୟ ଶ୍ରୀ ଦେବେଶ ଆଚାର୍ଯ୍ୟ ଓ ମୁଖପାତ୍ର ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି। ଡ଼ଃ ସାମନ୍ତସିଂହାର କହିଥିଲେ, ଅକ୍ଟୋବର ୧୫ ତାରିଖରେ କୁଚିଣ୍ଡାର ଏନଏସି ଅଂଚଳରେ ଦଳିତ ସମ୍ପ୍ରଦାୟର ପାରମ୍ପରିକ କରମା ପୂଜା ଅନୁଷ୍ଠିତ ହେଉଥିଲା। ଏହି ପୂଜାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟର ପଂଚାୟତରାଜ ମନ୍ତ୍ରୀ ଶ୍ରୀ ରବି ନାୟକ ଯୋଗ ଦେଇଥିଲେ। ଘଟଣା ଦିନ ରାତିରେ, ସ୍ଥାନୀୟ ଅଂଚଳର ଚଉଦ ବର୍ଷର ଏକ ନାବାଳିକା ପୂଜା ସ୍ଥଳକୁ ଯାଇଥିଲା। ସେଠାରେ ତାର ଜଣେ ପରିଚିତ ଯୁବକ ସହ ଭେଟ ହୋଇଥିଲା ଯିଏ ତାକୁ ଘରେ ଛାଡ଼ିଦେବ ବୋଲି କହିଥିଲା। ନାବାଳିକା ରାଜି ହେବାରୁ ତାକୁ ନେଇ ଏକ କାରରେ ବସାଇଥିଲା, ଯେଉଁଥିରେ ଆଗରୁ ଆଉ ଚାରିଜଣ ଯୁବକ ବସିଥିଲେ। ଗାଡିଟିକୁ ନାବାଳିକାର ଘରକୁ ନନେଇ ସେମାନେ ଏକ କ୍ଲବ ଘରକୁ ନେଇ ଯାଇଥିଲେ ଓ ସେଠାରେ ଜଣେ ପରେ ଜଣେ ନାବାଳିକାକୁ ଗଣ ବଳତ୍କାର କରିଥିଲେ। ପରେ ସେମାନେ ତାକୁ ଏକ ନିକାଂଚନ ଜାଗାରେ ଛାଡି ଦେଇଥିଲେ। ନାବାଳିକାର ପରିବାର ସଦସ୍ୟ ମାନେ ଝିଅଟିର ଘରକୁ ଫେରିବା ବିଳମ୍ବ ହେବାରୁ ତାକୁ ଖୋଜା ଖୋଜି ଆରମ୍ଭ କରିଥିଲେ ଏବଂ ତାକୁ ଅଧ ରାସ୍ତାରେ ପାଇଥିଲେ। ନାବାଳିକା ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିଲା ଓ ପାଂଚଜଣ ତାକୁ ଏକ ନିକାଂଚନ ଜାଗାକୁ ନେଇଯିବା କଥା କହିଥିଲା। ପରିବାର ସଦସ୍ୟ ନାବାଳିକକୁ କୁଚିଣ୍ଡା ଥାନାକୁ ନେଇଥିଲେ ଓ ସେଠାରେ ତାର ବିବରଣୀ ଅନୁଯାୟୀ ଏକ ଅପହରଣ ମାମଲା ରୁଜୁ କରାଯାଇଥିଲା। ନାବାଳିକା ଘରକୁ ଫେରିଯିବା ପରେ ତାର ମାନସିକ ସ୍ଥିତି ସାମାନ୍ୟ ହେବା ପରେ ସେ ଗଣବଳତ୍କାର କଥା ପ୍ରକାଶ କରିଥିଲା। ପରିବାରର ସଦସ୍ୟମାନେ ପରଦିନ ଥାନାକୁ ଆସି ଗଣବଳତ୍କାର ଅଭିଯୋଗ ତାଙ୍କ ଏଫଆଇଆରରେ ଯୋଡିବା ପାଇଁ ଅନୁରୋଧ କରିଥିଲେ କିନ୍ତୁ ଥାନା ଅଧିକାରୀ ଏହାକୁ ଗ୍ରହଣ କରି ନଥିଲେ। ଉଲ୍ଲେଖଯୋଗ୍ୟ, ପାଂଚଜଣ ଅଭିଯୁକ୍ତଙ୍କ ଭିତରେ ରାଜ୍ୟ ପଂଚାୟତରାଜ ମନ୍ତ୍ରୀଙ୍କ ଜଣେ ଘନିଷ୍ଠ ସହଯୋଗୀ, ହରିହର ପାଣି ଅଛନ୍ତି, ଯେଉଁଥି ପାଇଁ ପୋଲିସ ଅଧିକାରୀ ମାନେ ଘଟଣାକୁ ରଫାଦଫା କରିଦେବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ଡ଼ଃ ସାମନ୍ତସିଂହାର କହିଥିଲେ। ଘଟଣାରେ, ତିନି ଜଣଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା ମନ୍ତ୍ରୀଙ୍କ ସହଯୋଗୀ ପାଣିଙ୍କୁ ଗିରଫ କରାଯାଇ ନାହିଁ। ପୋଲିସ କହୁଛି, ସେମାନେ ତାଙ୍କୁ ଖୋଜୁଛନ୍ତି କିନ୍ତୁ ନାବାଳିକାଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ ଦ୍ୱିତୀୟ ଦିନ ସେମାନେ ଥାନାରେ ପହଂଚିବା ବେଳେ ଅଭିଯୁକ୍ତ ପାଣି ଥାନା ଅଧିକାରୀଙ୍କ ସହ ବସିଥିଲେ।

## ଭାରତୀୟ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ

ବଲାଙ୍ଗିର, ୨୩/୧୦ (ନି.ପ୍ର): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ, ବଲାଙ୍ଗିରରେ ଆଜି ଏକ ଭାରତୀୟ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପାଠୋତ୍ସବର ପ୍ରାରମ୍ଭରେ ଅଧ୍ୟକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନିମନ୍ତ୍ରିତ ଅତିଥି ଭାବରେ କବି ଭାଗିରଥୀ ମିଶ୍ର ଯୋଗଦାନ କରି କବିତାର ଭାବ ସନ୍ଦର୍ଭରେ ନିଜ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ଅର୍ପିତା ବେହେରା, ରତିକାନ୍ତ ନାଏକ, ଅଜିତ କୁମାର ପଣ୍ଡା ମଂଚାସୀନ ଥିଲେ । ମଂଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ଡଃ. ସରୋଜ କୁମାର ଜଗଦଲା । ବହୁଭାଷୀ କବିତା ପାଠୋତ୍ସବରେ ମହାବିଦ୍ୟାଳୟରେ ପଠନରତ ଛାତ୍ରୀମାନଙ୍କ ସମେତ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟର ଏକାଧିକ ଛାତ୍ର ତଥା ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିରର ଅଧ୍ୟାପକ ତଥା ଆଧାପିକା ନିଜ ରଚିତ କବିତା ଗୁଡ଼ିକ ପାଠ କରିଥିଲେ । ଓଡ଼ିଆ ଏବଂ ହିନ୍ଦୀ, ସଂସ୍କୃତ, ସମ୍ବଲପୁରୀ ଭାଷାରେ ରଚିତ ଏକାଧିକ କବିତା ଉକ୍ତ ପାଠୋତ୍ସବରେ ଆବୃତି କରାଯାଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମର ଶେଷରେ ଅଜିତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତରଭା ବ୍ଲକସ୍ତରୀୟ ସୁରଭି ଓ କଳା ଉତ୍ସବ : ନାଟ୍ୟ ଭୂଷଣ, ଅଭିନେତା ଜଗଦାନନ୍ଦ ଚୁରିଆ ସମ୍ବର୍ଦ୍ଧିତ

ସୁବର୍ଣ୍ଣପୁର, ୨୩/୧୦ (ନି.ପ୍ର): ତରଭା ବ୍ଲକ ତରଭା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉର୍ତ୍ସବ ତରଭା ବିଇଓ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ନାଟ୍ୟଭୂଷଣ, ଅଭିନେତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜଗଦାନନ୍ଦ ଛୁରିଆ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଭି ଛାତ୍ର ଛାତ୍ରୀଙ୍କ ଲୁକାୟିତ ପ୍ରତିଭାର ବିକାଶ ମୂଳ ଲକ୍ଷ୍ୟ ହେଉ ଓ ପ୍ରତିଭା ନେଇ ନିଜ ଜନ୍ମମାଟି, ଓଡିଶା ତଥା ଭାରତ ବର୍ଷରେ ସମ୍ମାନ ରହୁ ବୋଲି ଛାତ୍ର, ଛାତ୍ରୀଙ୍କ ଉଦେଶ୍ୟରେ ଉଦବୋଧନ ଦେଇଥିଲେ ଓ ତରଭା ବ୍ଲକ ଜିପିଓ ବିଜୟ ନାଏକ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ମହାପାତ୍ର, ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟ କାରି ହେବାକୁ ଥିବା ବାଳ ଉତ୍ସବ ରେ ଛାତ୍ର ଛାତ୍ରୀ ଭାଗ ନେଇ ନିଜ ପ୍ରତିଭା ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ସଞ୍ଜିବ ସେଠୀଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରିଥିଲେ। କମସରା ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରା ଯାଇଥିଲା। ଅତିଥି ମାନେ ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ଓ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ଉପଯୁକ୍ତ ମାଧ୍ୟମ, ଶିଶୁ ମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ। ଏହି ଅବସରରେ ଅତିଥି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା। ଶିକ୍ଷକ ନୀଳକଣ୍ଠ ବଗର୍ତି ମଂଚ ପରିଚାଳନା କରିଥିବାବେଳେ ରାଧେଶ୍ୟାମ କୁଆଁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ବିଦ୍ୟାଳୟ ଗୁଡ଼ିକର ଛାତ୍ର ଛାତ୍ରୀମାନଙ୍କୁ ନେଇ ୨୯ ଗୋଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଇଓ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭା ରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ସରୋଜ କର୍ମ, ସମ୍ମାନିତ ଅତିଥି ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପ ନଗରପାଳ ଗଗନ ଅଗ୍ରୱାଲ, ଏବିଇ ଓ ଶ୍ରୀ ମହାପାତ୍ର, ଓ ଶ୍ରୀ ପଣ୍ଡା ପ୍ରମୁଖ ମଂଚାସିନ ଥିଲେ। ଉଦଯାପନୀ ଉର୍ତ୍ସବରେ ସି ଆରସିସି ରୋହିତ କୁଆଁର ଓ ତରଣୀ ସେନ ନାଗ ମଂଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ - ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ସିଣ୍ଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ କଟାପାଲି ଉନ୍ନିତ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାରୀ ଥିଲେ ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୯ ଗୋଟି ପ୍ରତିଯୋଗିତାର ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲିସୂଚନା ଦିଆଯାଇଥଲା। ସଂଜୀବ ସା, ସୁରେଶ ପାଣ୍ଡେ, ପ୍ରଦ୍ୟୁମ୍ନ ମହାନ୍ତି, ସାରଙ୍ଗ ପ୍ରଧାନ, ପ୍ରକାଶ ଦଳବେହେରା, ଭରତ ମଲ୍ଲିକ, ଧୁବଳ ପ୍ରଧାନଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ତରଭାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନ ପକ୍ଷରୁ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀଙ୍କୁ ସଂଗଠନ ପକ୍ଷରୁ ଟ୍ରଫି ପ୍ରଦାନ କରିଥିଲେ। ରାତ୍ରିଆଠଟା ପ୍ରାୟନ୍ତ ଛାତ୍ରଛତ୍ରୀଙ୍କ ମନ ଲୋଭ ସାଂକୃତିକ କାର୍ଯ୍ୟକ୍ରମ ମନମୁଗ୍ଧ କରିଥିଲା।

# ଆଳୁ ପିଆଜ ବେପାରୀଙ୍କ ଜୁଲୁମ୍‌ରେ ଖାଉଟି ଅସହାୟ

କେନ୍ଦ୍ରାପଡା, ୨୩/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ଦାନା' ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ବ୍ୟସ୍ତ ଥିବାବେଳେ ମୁନାଫା ଖୋର ଆଳୁ ବେପାରୀମାନେ ସକାଳେ ୩୦ ଟଙ୍କାରେ ବିକୁଥିବାବେଳେ ସଂନ୍ଧ୍ୟାରେ କିଲୋ ପିଛା ୧୦ ଟଙ୍କା ବଢାଇ ୪୦ ଟଙ୍କା ଦର ରେ ବିକ୍ରୟ କରି ଗ୍ରାହକମାନଙ୍କୁ ଶୋଷଣ କରିବା ଆରମ୍ଭ କରି ଦେଲେଣି । ବାତ୍ୟା ହେବା ଆଶଙ୍କାରେ ଜନ ସାଧାରଣ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ, ପନିପରିବା ସଂଗ୍ରହ ପାଇଁ ଉଦ୍ୟମ କରୁଥିବା ବେଳେ କଳା ବଜାରୀ ବ୍ୟବସାୟୀ ମାନେ ଏହି ମୌକାରେ ଗରାଖଙ୍କୁ ଶୋଷଣ କରିବା ଲକ୍ଷ୍ୟ ନେଇ ଦରଦାମ ବୃଦ୍ଧି କରିବାରେ ଲାଗିଛନ୍ତି । ଗଚ୍ଛିତ ଥିବା ସାମଗ୍ରୀକୁ ଲୁଚାଇ ରଖି କୃତିମ ଅଭାବ ସୃଷ୍ଟି କରି ଲୋକଙ୍କ ଠାରୁ ମନଇଛା ଦର କଷୁଥିବା ଦେଖିବାକୁ ମିଳୁଛି । ପର୍ଶ୍ଚିମବଙ୍ଗରେ ଆଳୁ ଦର ବଢି ଯାଇଥିବା କହି କିଲୋ ପିଛା ୧୦ରୁ ୧୫ ଟଙ୍କା ବଢାଇ ବିକ୍ରୟ କରୁଥିବା ଓ ପିଆଜ ଦର ୫୦ରୁ ୬୦ କିଲୋ ପିଛା ବଢାଇ ଗରାଖମାନଙ୍କୁ ଲୁଟୁଛନ୍ତି । ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆଳୁ, ପିଆଜ, ପନିପରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ବିକ୍ରୟ କରୁଥିବା ବେପାରୀ ମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଜିଲ୍ଲା ଯୋଗାଣ ବିଭାଗ ଏଥି ପ୍ରତି ସଜାଗ ରହି ତୁରନ୍ତ କଳା ବଜାରୀ ବ୍ୟବସାୟୀଙ୍କ ଉପରେ ଚଢାଉ କରି ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

# ଟାଙ୍ଗିଣି ଖଣି ପୋଖରୀରୁ ମୃତଦେହ ଉଦ୍ଧାର ଘଟଣା: ଜଣେ ନାବାଳକ ସମେତ ୬ଗିରଫ

ଖୋର୍ଦ୍ଧା, ୨୩/୧୦ (ନି.ପ୍ର): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କାଇପଦର ମୌଜା ଟାଙ୍ଗିଣୀ ମୁଣ୍ଡିଆ ଖଣି ପୋଖରୀରୁ ମିଳିଥିବା ନିଶିକାନ୍ତ ବେହେରା ଓରଫ ରାଜାର ହତ୍ୟାକାଣ୍ଡ ଘଟଣାରେ ଜଣେ ନାବାଳକ ସମେତ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ନେଇ ମଙ୍ଗଳବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଛି । ତେବେ ଗିରଫ ଅଭିଯୁକ୍ତ ମାନେ ହେଲେ ବାଘମାରୀ ଥାନା ଅନ୍ତର୍ଗତ ପତନିବର ଗ୍ରାମର ବିଶ୍ୱନାଥ ପ୍ରଧାନ ଓରଫ ବିସୁ(୨୩) ସୁବାଶିଷ ବଳିଆରସିଂ ଓରଫ ବିଜ୍(୧୯), ସୁକାନ୍ତ ପ୍ରଧାନ ଓରଫ ଚିନୁ(୧୮), ଅମିୟ ରଞ୍ଜନ ବଳିଆରସିଂ ଓରଫ ଡବଲୁ(୨୨) ଆଶୁତୋଷ ବଳିଆରସିଂ ଓରଫ ଜପୁ(୨୬) । ଅଭିଯୁକ୍ତଙ୍କ ଠାରୁ ହତ୍ୟାରେ ବ୍ୟବହୃତ ପଥର, ୪ଟି ଗାମୁଛା, ସବୁଜ ରଙ୍ଗ କପଡା ୨ଟି ବାଇକ, ୬ଟି ମୋବାଇଲ ଏବଂ ମୃତକଙ୍କ କାରକୁ ପୋଲିସ ଜବତ କରିଛି। ସୂଚନା ମୁତାବକ ଅକ୍ଟୋବର ୬ ତାରିଖ ପୂର୍ବାହ୍ନ ସମୟରେ ଟାଟେଣି ଖଣି ପୋଖରିରୁ ପୋଲିସ ଏକ ମୃତଦେହକୁ ଉଦ୍ଧାର କରିଥିଲା। ୮ତାରିଖରେ ମୃତକଙ୍କ ବାପା ଏହା ସୁଚିନ୍ତିତ "ହତ୍ୟା ବୋଲି ଥାନାରେ ଲିଖତ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକୁ ଭିତି କରି ହତ୍ୟା ମାମଲ ନଂ ୨୪୧/୨୪) ରୁଜୁ କରି ତଦନ୍ତ କରିଥିଲା । ଏସପି ସଗାରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ସଦର ଥାନାଧିକାରୀ କାହ୍ନୁଚରଣ ସାଇଁ, ଏସଆଇ ଜୟନ୍ତ କୁମାର ଭଞ୍ଜ, ଜନଷ୍ଟେବଳ ସୁଦାମ ସିଏଚ ବଳିଆରସିଂ ଏବଂ ଅନ୍ୟ ମାନଙ୍କୁ ନେଇ ଏକ ଟିମ ଗଠନ କରିଥିଲେ । ପୋଲିସ ପ୍ରଥମେ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ତାଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଅନ୍ୟ ମାନଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା। । ମୃତ ନିଶିକାନ୍ତଙ୍କ ସହ ମୁଖ୍ୟ ଅଭିଯୁକ୍ତଙ୍କ କୌଣସି କାରଣକୁ ନେଇ ପୂର୍ବ ଶତ୍ରୁତା ରହିଥିଲା । ପୂର୍ବ ଯୋଜନା ମୁତାବକ ବାଘମାରୀ ଥାନା ପତନିବର ବାଉତୀ ମନ୍ଦିର ନିକଟକୁ ନିଶିକାନ୍ତଙ୍କୁ ଡାକାଇଥିଲେ । ଯୋଜନା ମୁତାବକ ତାଙ୍କୁ ସେଠାରେ ହତ୍ୟା ପରେ ଏକ କପଡା, ଗାମୁଛା ରେ ଗୁଡାଇ ପଥର ବାନ୍ଧି ହତ୍ୟା ଉପରୁ ପରଦା ହଟାଇବା ପାଇଁ ଟାଙ୍ଗିଣି ଖଣି ପୋଖରୀରେ ମୃତଦେହକୁ ଫୋପାଡି ଦେଇଥିଲେ ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ଭାଷାବିତ୍ ଗିରିଜାଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆଜି ବିଶିଷ୍ଟ ଭାଷାବିତ୍ ଗିରିଜାଶଙ୍କର ରାୟଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ପ୍ରଫେସର ଡ. ଅରବିନ୍ଦ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ ଭାଷାବିତ୍ ଗିରିଜାଶଙ୍କରଙ୍କ କାଳଜୟୀ ରଚନା ସଂମ୍ପର୍କରେ ସବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ କବି ଓ ସୁସାହିତ୍ୟକ ଡ. ବାସୁଦେବ ସୁନାନୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡିଆ ଭାଷା, ସାହିତ୍ୟ ଓ ନାଟକ କ୍ଷେତ୍ରରେ ଗିରିଜାଶଙ୍କରଙ୍କ ଜୀବନବ୍ୟାପୀ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଗତି କ୍ଷେତ୍ରରେ କରାଯାଉଥିବା କାର୍ଯ୍ୟ ଗିରିଜା ଶଙ୍କରଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହେବବୋଲି ସେ ମତବ୍ୟକ୍ତ କରିଥିଲେ। ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଏବଂ ପ୍ରଫେସର ପ୍ରେମାନନ୍ଦ ମହାନ୍ତି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନିଜର ଅଭିଭାଷଣରେ କୁଳପତି ଶ୍ରୀ ସ୍ୱାଇଁ ଭାଷାବିତ୍ ଗିରିଜା ଶଙ୍କରଙ୍କ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ପ୍ରକଳ୍ପ ଥାଇ ବି ମିଳୁନି ପାଇପ ପାଣି

ଚମ୍ପୁଆ, ୨୩/୧୦ (ନି.ପ୍ର): ଗାଁ ମୁଣ୍ଡରେ ନିର୍ମାଣ ହୋଇଛି ପାଇପ ପାଣି ପ୍ରକଳ୍ପ। ଘରେ ଘରେ ବସିଛି ଷ୍ଟାଣ୍ଡ ପୋଷ୍ଟ ମାତ୍ର ଗାଁ କୁ ମିଳୁନି ପାଇପ ପାଣି। ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତର କଂସରା( କ) ଗ୍ରାମରେ ପାଇପ ପାଣି ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ଗ୍ରାମର ମହିଳା ମାନେ ହାଣ୍ଡି ମାଠିଆ ଧରି ପ୍ରତିବାଦ କରିଥିବା ବେଳେ ଗ୍ରାମରେ ପୁଞ୍ଜିଭୂତ ଅସନ୍ତୋଷ ଆଗକୁ ତୀବ୍ର ରୂପ ଧାରଣ କରିବା ସ୍ପଷ୍ଟ ହୋଇ ସାରିଛି। ଗ୍ରାମ ବିକାଶ ଯୋଜନାରେ ପନ୍ଦର ବର୍ଷ ତଳେ ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ପ୍ରକଳ୍ପ ନିର୍ମାଣ କରାଯାଇଛି। ପାଣି ଯୋଗାଣ ପାଇଁ ପାଇପ ବିଛା ସହିତ ଷ୍ଟାଣ୍ଡ ପୋଷ୍ଟ ମଧ ନିର୍ମାଣ କରା ଯାଇଛି। ନିର୍ମାଣର କିଛି ବର୍ଷ ପାଣି ଯୋଗାଇ ଦିଆ ଯାଇଥିବା ବେଳେ ଏବେ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏପରିକି ବସୁଧା ଯୋଜନାରେ ଚମ୍ପୁଆ ବ୍ଲକ ମିରିଗିସିଙ୍ଗା ଠାରେ ନିର୍ମିତ ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ ର ପାଣି ଘରକୁ ଘର ପହଂଚିବା ପାଇଁ ମଧ୍ୟ ପ୍ରତି ଘରକୁ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି ମାତ୍ର ପାଣି ପାଇବାରୁ ବଂଚିତ ରହିଛନ୍ତି ଗ୍ରାମବାସୀ।

# ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ୨୦୨୪ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୩/୧୦ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଆୟୋଜି ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି କେକ୍ କାଟି ବାଳିକାମାନଙ୍କୁ ଖୁଆଇଥିଲେ ।ବାଳିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତରୋତର ମଙ୍ଗଳ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ନ୍ୟାୟାଳୟ ଆଇନ୍ ସହାୟତା କେନ୍ଦ୍ର ସମ୍ପାଦିକା କୁମୁଦିନୀ ମୁଦୁଲି , ଡି.ଏସ୍.ପି ଏଚ୍. ଆର୍ ପି ସି ପ୍ରତାପ ରଣା, ଭି .ଭି.ଡି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ,କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପ୍ରମୁଖ ଯୋଗଦେଇ ଶିଶୁକନ୍ୟା ମାନଙ୍କର ସୁରକ୍ଷା ,ଆତ୍ମରକ୍ଷା, ଶିକ୍ଷା ଓ ପାରଦର୍ଶିତା ଉପରେ ମତାମତ ରଖିଥିଲେ। ବାଲ୍ୟବିବାହ ପରାମର୍ଶ ଦାତା ଅକ୍ଷୟ କୁମାର ସିଂ ଜୀବନ କୌଶଳ ଏବଂ ଆଶିଷ ଅଗ୍ରୱାଲ ସାଇବର କ୍ରାଇମ୍ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍ .ସି. ସି ବିଭାଗ ,ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ,ପଦ୍ମିନୀ କଲେଜ୍, ଅମ୍ବିକା ବାଳିକା ସୋନପୁର ଆଦିର ୨୩୦ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶେଷ ପାରଦର୍ଶିତା ଲାଭକରିଥିବା ଯଥା ଅସୁରମୁଣ୍ଡାର ତିଳୋତମା ସାହୁ ଆର୍ଟ ଓ ପେଣ୍ଟିଂ ପାଇଁ, ଫେସନ୍ ସୋ ପାଇଁ ଅଂଶିକା ମିଶ୍ର ,ବାଲ୍ୟବିବାହ ସଚେତନତା ପାଇଁ ପଦ୍ମିନୀ ବେହେରା ଏବଂ କୀର୍ତନ ଗାୟିକା କୁନି କଳାକାର ଶୁଭଶ୍ରୀ ସାଣ୍ଟଙ୍କୁ ପ୍ରଂଶସା ପତ୍ର ଓ ଫଳକ ଦେଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନା ରେ ଦୁଇ ଜଣକୁ ୨୦୦୦/- ଟଙ୍କା ର ଚେକ୍ ଓ ବୈଷୟିକ ଶିକ୍ଷା ପାଇଁ ଯୋଷଦା ଯୋଜନା ରେ ଦୁଇ ଜଣ ବାଳିକାଙ୍କୁ ୧୦୦୦୦/- ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭା ସଂଯୋଜନା କରିଥିଲେ। ଉତ୍କଳ ବଳସ୍ରମ ର ଶିଶୁ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଥବିର କାଲସେ, ସ୍ୱାଗତରାଜ ମିଶ୍ର,ରୁଦ୍ର ପ୍ରସନ୍ନ ମିଶ୍ର,ପ୍ରଶାନ୍ତ ମହାକୁଡ ,କେଶବ ଚନ୍ଦ୍ର ମେହେର,ଅନିଲ ମହଲା,ସରିତା ସୁନା ,ସୁଧୀର ଦାସ, ଧର୍ମେନ୍ଦ୍ର ଦାସ ଆଦି ସହଯୋଗ କରିଥିଲେ।

# ଓଡ଼ିଶା ସରକାର ଏବଂ ଏଫ୍‌ଏଓ ଜିଇଏଫ୍ ଫୋଲୁର କାର୍ଯ୍ୟକ୍ରମର ଉଦ୍‌ଘାଟନ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ), ମିଳିତ ଜାତିସଂଘର ମିଳିତ ସହଯୋଗରେ ଗ୍ଲୋବାଲ ଏନଭାୟାରମେଣ୍ଟ ଫାଶିଲିଟି (ଜିଇଏଫ୍) - ୭ ପ୍ରକଳ୍ପ, ଓଡ଼ିଶା ଦ୍ୱାରା ଏକ ଦିନିକିଆ ରାଜ୍ୟ ଉଦ୍‌ଘାଟନୀ କର୍ମଶାଳା ଭୁବନେଶ୍ୱରସ୍ଥିତ କୃଷିଭବନ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାର ଶୀର୍ଷକ "ପଞ୍ଜାବ, ହରିୟାଣା, ଓଡ଼ିଶା ଏବଂ ଛତିଶଗଡ଼ରେ ଧାନ-ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର'' ରହିଛି । ମାନ୍ୟବର ଉପ- ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଇଏଫ୍ ଅନୁଦାନପ୍ରାପ୍ତ ପ୍ରକଳ୍ପ ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରାଥମିକତା ମଧ୍ୟରେ ସୁଦୃଢ଼ ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ଓ ରଣନୀତି ଏକ ସ୍ଥାୟୀ, ଅଧିକ ସହନଶୀଳ ଏବଂ ଖାଦ୍ୟ ଓ ପୋଷଣ ସୁରକ୍ଷିତ ଭବିଷ୍ୟତ ପାଇଁ ରାଜ୍ୟର ଦୃଷ୍ଟିକୋଣ ସହ ଘନିଷ୍ଠ ଭାବେ ମେଳ ଖାଉଛି ବୋଲି ସେ ଉଲ୍ଲେଖ କରିଥିଲେ । ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ, ଭାରତର ପ୍ରତିନିଧି ଶ୍ରୀ ଟାକାୟୁକି ହାଗିୱାରା ଏହି ପ୍ରକଳ୍ପର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସେ ପରିବେଶଭିତ୍ତିକ ସେବା ଏବଂ ବିଶ୍ୱ ପରିବେଶ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ପାଇଁ ମିଳିତ ଭାବରେ ପରିଚାଳିତ ସ୍ଥାୟୀ ଚାଷ ଅଭ୍ୟାସକୁ ଆପଣେଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରକଳ୍ପ ସଫଳ ରୂପାୟନ ସହିତ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଦିଗରେ ଓଡ଼ିଶା ସରକାରଙ୍କ ସହ ଖାଦ୍ୟ ଓ କୃଷି ସଂଗଠନର ଘନିଷ୍ଠ ସମନ୍ୱୟ ପାଇଁ ସେ ସମସ୍ତଙ୍କୁ ଆଶ୍ୱାସନା ଦେଇଥିଲେ । ଜାତୀୟ ପ୍ରକଳ୍ପ ସଂଯୋଜକ ସଞ୍ଜୟ ସେଠୀ, ଧାନ - ଗହମ ଫସଲ ପ୍ରଣାଳୀରେ ରୂପାନ୍ତରଣ ଦ୍ୱାରା ଭାରତରେ ଚିରସ୍ଥାୟୀ ଖାଦ୍ୟ ପ୍ରଣାଳୀର ପ୍ରଚାର ଓ ପ୍ରସାର ସମ୍ବନ୍ଧୀୟ ପ୍ରକଳ୍ପର ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପ୍ରକଳ୍ପ 'ଖାଦ୍ୟ ପ୍ରଣାଳୀ, ଜମି ବ୍ୟବହାର ଓ ପୁନରୁଦ୍ଧାର (ଏଫ୍‌ଓଏଲ୍ୟୁର୍‌) ଇମ୍ପାକ୍ଟ, ଭାରତ କାର୍ଯ୍ୟକ୍ରମର ଏକ ଅଂଶ ଏବଂ ଚିରସ୍ଥାୟୀ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ଭାରତରେ କୃଷି ପଦ୍ଧତିରେ ଉନ୍ନତି ଆଣିବା ପାଇଁ ସରକାରୀ ସଂସ୍ଥା ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ମିଳିତ ପ୍ରଚେଷ୍ଟାକୁ ପ୍ରଦର୍ଶିତ କରୁଅଛି । ଓଡ଼ିଶାରେ ଚିରସ୍ଥାୟୀ କୃଷି (ଧାନ ଚାଷ)କୁ ପ୍ରୋତ୍ସାହିତ କରିବା, ମୃତ୍ତିକା ଓ ଜଳସମ୍ପଦର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା କରିବା ଏବଂ ବଜାର ଓ ପ୍ରଯୁକ୍ତିବିଦ୍ୟା ସୁବିଧା ସହଜରେ କୃଷକଙ୍କୁ ଉପଲବ୍ଧ କରାଇବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ । ଓଡିଶାର - ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହି କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏର୍‌) ଅନୁଷ୍ଠାନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି), ଖାଦ୍ୟ ଓ କୃଷି ସଂଗଠନର ଆଂଚଳିକ କାର୍ଯ୍ୟାଳୟର କର୍ମଚାରୀ ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପ୍ରାୟ ୧୦୦ ଜଣ ଅଧିକାରୀ ଯୋଗ ଦେଇଥିଲେ । ରାଜ୍ୟରେ ପ୍ରକଳ୍ପର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କର୍ମଶାଳାର ପ୍ରାଥମିକ ଲକ୍ଷ୍ୟ ରହିଅଛି । ଅନ୍ୟାନ୍ୟ ରାଜ୍ୟସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ନିଖିଳ ପବନ କଲ୍ୟାଣ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାରାବାହିକ:

ଭାଗ-୨୬

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୧୯ଶ ଅଧ୍ୟାୟ

### ।। କିମ୍ପୁରୁଷ ବର୍ଷ ଓ ଭାରତ ବର୍ଷର ବର୍ଣ୍ଣନା ।।

ଶ୍ରୀ ଶୁକଦେବ କହିଲେ, କିଂପୁରୁଷମାନଙ୍କ ଦେଶରେ ପରମ ଭକ୍ତ ହନୁମାନ ଓ ଗନ୍ଧର୍ବଗଣ ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କର ସ୍ତୁତିଗାନ କରୁଛନ୍ତି । ସେହି ନର ନାରାୟଣଙ୍କୁ ମୁଁ ପ୍ରଣିପାତ କରୁଛି । ସେହି ଅଗଣିତ ରୂପ ଓ ନାମଧାରୀ ରାକ୍ଷସ ସଂହାର ନିମନ୍ତେ ଜନ୍ମ ମରଣରୁ ଉପର ଭଗବାନ ଅବତାର ନେଇ ଭାର୍ଯ୍ୟା ନିମନ୍ତେ ବିବାଦ କରିବା ଓ ବନବାସ ଦୁଃଖ ଗ୍ରହଣ କରିବା ଇତ୍ୟାଦି ତାଙ୍କ ମାୟାର ଏକ ଏକ ଅଂଶ । ଲୋକ ଶିକ୍ଷା ପାଇଁ ଅବତାର ନେଇଥିବା ଭଗବାନ ସୁଖର ଉଲ୍ଲସିତ ଓ ଦୁଃଖର କାତର ହୁଅନ୍ତି ନାହିଁ । କର୍ତ୍ତବ୍ୟ ପାଇଁ ଅନୁଗତ ଭାଇ ଲକ୍ଷ୍ମଣ, ମାତା ସୀତାଙ୍କୁ ମଧ୍ୟ ତ୍ୟାଗ କରିପାରନ୍ତି । ସେହି ସର୍ବବ୍ୟାପୀ ଭଗବାନଙ୍କ ଚରଣରେ ମନ ଲଗାଇପାରିଲେ ସଂସାରର ମାୟା ଖଣ୍ଡିତ ହୁଏ । ପର୍ବତ ଓ ନଦୀବହୁଳ ଏହି ଭାରତବର୍ଷରେ ପୁଣ୍ୟତୋୟା ନଦୀମାନେ ପ୍ରବାହିତ ହୋଇ ଭୂମିକୁ ସୁଜଳା, ସୁଫଳା କରି ପ୍ରାଣୀମାନଙ୍କର ଆନନ୍ଦ ବର୍ଦ୍ଧନ କରନ୍ତି ତ ମୁନିମାନେ ଏହାର ତଟରେ ତପକରି ଜ୍ଞାନାଲୋକ ବାଣ୍ଟନ୍ତି । କର୍ମଭେଦରେ ଦୁଇ ଭାଗ ସ୍ୱର୍ଗ ଓ ନର୍କ ଭାବରେ ଜଣା ଏହି ପୃଥିବୀରେ ଦୃଢ ଭକ୍ତି ବଳରେ ପ୍ରାଣୀ ଜନ୍ମ-ମରଣ ଚକ୍ରରୁ ଉଦ୍ଧାର ପାଇଥାଏ । କ୍ଷୀଣାୟୁ ମନୁଷ୍ୟ ନିଜର ଅନ୍ତଃକାଳରେ ଭଗବାନ ଶ୍ରୀହରିଙ୍କୁ ଧ୍ୟାନକରି ମଧ୍ୟ ମୁକ୍ତି ପାଇବାକୁ ସମର୍ଥ ହୋଇଛନ୍ତି । କୃଷ୍ଣାଶ୍ରିତ ସାଧୁସନ୍ଥ ଯେଉଁଠାରେ ରହନ୍ତି ତାହା ବୈକୁଣ୍ଠ ହୋଇଯାଏ ତ ଯେଉଁଠାରେ ନଥାନ୍ତି ଇନ୍ଦ୍ରପୁରୀ ତୁଲ୍ୟ ମହୋତ୍ସବ ହେଉଥିଲେ ହେଁ ତାହା ଅଯୋଗ୍ୟସ୍ଥଳ ଅଟେ । ଭଗବତପ୍ରେମ ପ୍ରସୂତ ଶ୍ରଦ୍ଧା ଦ୍ୱାରା ଯେ ଅଗ୍ନିପୂଜା କରନ୍ତି କେବଳ ସେହିମାନେ ଦେବତ୍ୱ ପ୍ରାପ୍ତ ହୁଅନ୍ତି ।

### ୨୦ଶ ଅଧ୍ୟାୟ

### ।। ଭୂଗୋଳ ବର୍ଣ୍ଣନା ।।

ଶୁକଦେବ କହିଲେ, ଲବଣ ସମୁଦ୍ରକୁ ଚତୁର୍ଦ୍ଦିଗରେ ଘେରିରହିଛି ପଲ୍କ୍ଷଦ୍ୱୀପ । ଲବଣ ସମୁଦ୍ର ମଝିରେ ଜମ୍ବୁଦ୍ୱୀପ ଓ ତା ମଧ୍ୟରେ ମେରୁ ପର୍ବତ । ରାଜା ପ୍ରିୟବ୍ରତଙ୍କ ସାତପୁତ୍ର ସାତଭାଗରେ ବିଭକ୍ତ ଜମ୍ବୁଦ୍ୱୀପକୁ ଶାସନ କରୁଥିଲେ । ଏହାର ନଦୀର ଜଳ ଖୁବ୍ ପବିତ୍ରଥିବା କାରଣରୁ ଦେବତାମାନେ ବ୍ୟବହାର କରିବା ସହିତ ପ୍ରାଣୀମାନେ ଆୟୁଷ୍ମାନ ଥିଲେ । ପଲକ୍ଷ ଦ୍ୱୀପ ଗରୁଡଙ୍କର ବାସସ୍ଥାନ ସହ ଇକ୍ଷୁରସର ସମଦ୍ର ଦ୍ୱାରା ପରିବେଷ୍ଟିତ । ଏହାପରେ ଘୃତ ସମୁଦ୍ର ପରିବେଷ୍ଟିତ କୁଶଦ୍ୱୀପ, ତାପରେ କ୍ଷୀରସମୁଦ୍ର ପରିବେଷ୍ଟିତ କୌଞ୍ଚଦ୍ୱୀପ ପରେ ଦଧି ସମୁଦ୍ର ପରିବେଷ୍ଟିତ ଶାକଦ୍ୱୀପ ଏହାର ଅପର ପାର୍ଶ୍ୱରେ ମଧୁର ଜଳର ସମୁଦ୍ର ପରିବେଷ୍ଟିତ ବ୍ରହ୍ମାଙ୍କ ଆସନ ଲକ୍ଷଲକ୍ଷ କେଶରଯୁକ୍ତ ସୁବର୍ଣ୍ଣ ପଦ୍ମର ପ୍ରସ୍ଫୁଟିତ ଦ୍ୱୀପ ପୁଷ୍କର ଦ୍ୱୀପ । ଏହାର ଆଗକୁ ଲୋକାଲୋକ ପର୍ବତ ଅବସ୍ଥିତ ଯାହା ସୂର୍ଯ୍ୟେଜ୍ୟାତି ଦ୍ୱାରା ପ୍ରକାଶିତ ଓ ଅପ୍ରକାଶିତ ଅଂଶକୁ ବ୍ୟାପିଛି । ପଞ୍ଚଶତ ଯୋଜନ ବିସ୍ତୀର୍ଣ୍ଣ ଏହି ଭୂଭାଗ ସୂର୍ଯ୍ୟଦେବ ନିଜେ ମୃତଅଣ୍ଡ( ମାର୍ତ୍ତଣ୍ଡ) ସଦୃଶ ପ୍ରତୀତ ହେଲେ ହେଁ ସ୍ଥାବର ଜଙ୍ଗମ ସମସ୍ତ ଜୀବଜଗତର ଆତ୍ମା ଓ ପ୍ରାଣ ପ୍ରତିଷ୍ଠାତା ।

### ୨୧ଶ ଅଧ୍ୟାୟ

### ।। ସୂର୍ଯ୍ୟରଥ ବର୍ଣ୍ଣନା ।।

ଶୁକଦେବ କହିଲେ, ଭୂମଣ୍ଡଳର ବର୍ଣ୍ଣନା ପରେ ତୁମେ ଏବେ ଦ୍ୟୁଲୋକର କଳନା କରିପାରୁଥିବ । ଏହି ଉଭୟର ମଧ୍ୟସ୍ଥ ଅନ୍ତରୀକ୍ଷରେ ସୂର୍ଯ୍ୟଦେବ ପ୍ରକାଶିତ ହୋଇ ତିନି ଲୋକକୁ ଆଲୋକ ପ୍ରଦାନ କରୁଛନ୍ତି । ସୂର୍ଯ୍ୟଙ୍କର ଉତ୍ତରାୟଣ, ଦକ୍ଷିଣାୟନ ଓ ବିଷୁବ ଗତି ଅନୁସାରେ ଦିନ,ରାତି ସମାନ, ସାନ କିମ୍ବା ବଡ ହୋଇଥାଏ । ସୂର୍ଯ୍ୟଙ୍କର ଗତିପଥ ନଅ କୋଟି ଏକାନବେ ଲକ୍ଷ ଯୋଜନ । ଏହାର ମଝିରେ ମାନସଗିରି ଉପରେ ମେରୁର ପୂର୍ବଦିଗରେ ଇନ୍ଦ୍ରଙ୍କର ଅଳକାପୁର, ଦକ୍ଷିଣରେ ଯମଙ୍କ ସଞ୍ଜମନୀ ପୁର । ପଶ୍ଚିମରେ ବରୁଣପୁର ନିମ୍ନୋଚନୀ ଏବଂ ଉତ୍ତରରେ ଚନ୍ଦ୍ରଦେବଙ୍କ ବିଭାବରୀ ପୁର ଅବସ୍ଥିତ । ଏହି ପୁରର ମଧ୍ୟରେ ସ୍ଥିତ ମେରୁର ଚତୁର୍ଦ୍ଦିଗରେ ଉଦୟ, ମଧ୍ୟ ଓ ଅନ୍ତ ତିନିକାଳ ସହିତ ପ୍ରବୃତ୍ତି ଓ ନିବୃତ୍ତି କ୍ରମାନ୍ୱୟରେ ଘଟୁଥାଏ । ସୂର୍ଯ୍ୟଦେବ ମେରୁକୁ ବାମ ପାର୍ଶ୍ୱରେ ରଖି ଗତିକରି ଇନ୍ଦ୍ର, ଯମ, ବରୁଣ ଓ ଚନ୍ଦ୍ରଦେବଙ୍କ ପୁରପ୍ରଦକ୍ଷିଣ କରିବା ସହ ଉଦୟାସ୍ତ କାଳରେ ସମାନ ଲକ୍ଷଣ ପ୍ରକାଶ କରିଥାନ୍ତି । ଚନ୍ଦ୍ରାଦି ଅନ୍ୟ ଗ୍ରହ ଓ ନକ୍ଷତ୍ରମାନେ ଜ୍ୟୋତିଷ୍କ୍ର ମଧ୍ୟରେ ଭ୍ରମଣ କରିଥାନ୍ତି । ସୂର୍ଯ୍ୟଦେବଙ୍କ ରଥ ମୁହୂର୍ତ୍ତକ ମଧ୍ୟରେ ଚଉତ୍ରିଶ ଲକ୍ଷ ଆଠଶତ ଯୋଜନ ଗତିକରି ଏହି ଚାରିପୁରୀ ମଧ୍ୟରେ ଭ୍ରମଣ କରେ । ପ୍ରତି ସମ୍ବତ୍ସରରେ ତାହାର ଏକଚକ୍ର । ସେଥିରେ ମାସ, ବାର, ଋତୁଆଦି ବିଭିନ୍ନ ଅଂଶରୂପେ ରହିଛନ୍ତି । ଏହି ରଥର ସାରଥି ଅରୁଣ ଏବଂ ସପ୍ତ ଅଶ୍ୱ ଗାୟତ୍ରୀ ସପ୍ତଛନ୍ଦ ଅଟନ୍ତି । ଅଙ୍ଗୁଳିର ପବ ସଦୃଶ ବାଳଖିଲ୍ୟାଦି ୬୦ଶହସ୍ର ଋଷି ସୂର୍ଯ୍ୟଙ୍କର ସ୍ତୁତିଗାନରେ ନିଯୁକ୍ତ ଥାନ୍ତି । ଏହାଛଡା ମୁନିଋଷି, ଗନ୍ଧର୍ବାଦି ବିଭିନ୍ନ ମାସରେ ଭିନ୍ନ ଭିନ୍ନ ନାମ ଧରି କର୍ମ ସମ୍ପାଦନ କରନ୍ତି ।

### ୨୨ଶ ଅଧ୍ୟାୟ

### ।। ବିଭିନ୍ନ ଗ୍ରହ ସ୍ଥିତି ଓ ଗତି ।।

ରାଜା ପରୀକ୍ଷିତ କହିଲେ, ହେ ମୁନିବର, ସୂର୍ଯ୍ୟ ଓ ଅନ୍ୟାନ୍ୟ ଗ୍ରହ, ନକ୍ଷତ୍ର ମାନଙ୍କର କକ୍ଷ ଓ ଗତିରେ ତାରତମ୍ୟ ହେତୁ ସେମାନେ କାଳଚକ୍ରରେ କିପରି ସଂଚାରିତ ହୁଅନ୍ତି ବୁଝାଇ କୁହନ୍ତୁ । ଶୁକଦେବ କହିଲେ, କୁମ୍ଭାରର ଚକ ଉପରେ ବସିଥିବା ଜୀବଟି ଚକ୍ରସହିତ ଘୁରିଥାଏ ମାତ୍ର ଚକ୍ରର ଗତି ଓ ପରିଧିଠାରୁ ତାର ଗତି ଓ ପରିଧି ଭିନ୍ନ ହେବା ଭଳି କାଳଚକ୍ରରେ ସୂର୍ଯ୍ୟ ସହିତ ଅନ୍ୟ ରାଶି ନକ୍ଷତ୍ରର ଘୂର୍ଣ୍ଣନ ଚାଲିଥିଲେ ମଧ୍ୟ ସେମାନଙ୍କର କାଳଗତି ଓ ପରିଧି ଭୀନ୍ନ ଭିନ୍ନ ଅଟେ । ଆଦିପୁରୁଷ ପ୍ରାଣୀର ମଙ୍ଗଳ ନିମନ୍ତେ କାଳକୁ ବାରମାସ ଓ ଷଡଋତୁରେ ବିଭକ୍ତ କରି ବିଭିନ୍ନ ଗୁଣ ପ୍ରକାଶ କରିଛନ୍ତି । ସୂର୍ଯ୍ୟଙ୍କ କାଳଚକ୍ରରେ ବାରମାସ ଭୋଗକୁ ସମ୍ବତ୍ସର, ରାଶିଗଣ ତାହାର ଅବୟବ । ପ୍ରତ୍ୟେକ ରାଶି ଚନ୍ଦ୍ରମାନରେ ଶୁକ୍ଳ ଓ କୃଷ୍ଣ ଦୁଇପକ୍ଷ, ଯେଉଁ ସମୟରେ ସୂର୍ଯ୍ୟଦେବ ସମ୍ବତ୍ସର ଷଷ୍ଠାଂଶ ଭୋଗ କରନ୍ତି ତାହା ଋତୁ ନାମରେ ନାମିତ । ଲକ୍ଷେ ଯୋଜନ ଦୂରରେ ଚନ୍ଦ୍ରମା ଯିଏ ସମସ୍ତ କ୍ଷେତ୍ରର ପୁରଭାଗରେ ଅବସ୍ଥିତ ସହ ପବନ ଭଳି ଗତିବାନ ମାତ୍ର ଏକମାସରେ ସୂର୍ଯ୍ୟଙ୍କର ଏକବର୍ଷର ପଥକୁ ଅତିକ୍ରମ କରିଯାନ୍ତି । ଷୋଳକଳା ଯୁକ୍ତ ପ୍ରାଣୀମାନଙ୍କ ଜୀବନ ସଦୃଶ ଚନ୍ଦ୍ରଙ୍କର କୃଷ୍ଣପକ୍ଷରେ ପିତୃଲୋକ ଓ ଶୁକ୍ଳପକ୍ଷରେ ଦେବଲୋକ ଭୋଗହୁଏ । ଅମୃତ ଶରୀର ଧାରଣ ପୂର୍ବକ ଚନ୍ଦ୍ର ପ୍ରାଣୀଙ୍କର ଅଜ୍ଞାନତା ଦୂର କରିବା ସହ ମେରୁର ଦକ୍ଷିଣରେ ଥିବା ୨୭ ନକ୍ଷତ୍ରକୁ ମାତ୍ର ଚଉଦ ମୁହୂର୍ତ୍ତରେ ଗୋଟିଏ ଲେଖାଏଁ ନକ୍ଷତ୍ର ଅତିକ୍ରମ କରିଥାନ୍ତି । ତାହାଙ୍କ ଦୁଇଲକ୍ଷ ଯୋଜନ ଦୂରରେ ଚନ୍ଦ୍ରପୁତ୍ର ମଙ୍ଗଳମୟ, ବୁଧଗ୍ରହର ଅବସ୍ଥାନ । ଯଦି ସେ କ୍ଷିପ୍ର ଗତିରେ ଯାଇ ସୂର୍ଯ୍ୟଙ୍କ ଆଗେଇଗଲେ ଅନାବୃଷ୍ଟି ହୋଇଥାଏ । ଏହାଙ୍କ ଦୁଇଲକ୍ଷ ଯୋଜନ ଦୂରରେ ବୃଷ୍ଟିକାରୀ ଗ୍ରହ ଶୁକ୍ରଙ୍କ ଅବସ୍ଥାନ । ଏହାପରେ ଗୋଟିଏ ରାଶିରେ ତିନିପକ୍ଷ ଲେଖାଏଁ ଭୋଗକରି ବାରରାଶି ଅତିକ୍ରମ କରୁଥିବା ନାମ ବୀପରିତ ଗ୍ରହ ମଙ୍ଗଳଙ୍କ ଅବସ୍ଥାନ । ଏହାପରେ ବ୍ରାହ୍ମଣ କୂଳର କଲ୍ୟାଣକାରୀ, ଗୋଟିଏ ବର୍ଷରେ ଗୋଟିଏ ରାଶି ଭୋଗ କରୁଥିବା ଦେବପୁରୋହିତ ବୃହସ୍ପତିଙ୍କ ଅବସ୍ଥାନ । ମାତ୍ର ବକ୍ରଗତି କଲେ ସେ ଅଶୁଭ ଫଳ ଦିଅନ୍ତି । ଏହାଙ୍କ ପରେ ଏକ ରାଶିରେ ତିନିମାସ ରହୁଥିବା ସମସ୍ତଙ୍କ ନିମନ୍ତେ ଅଶାନ୍ତିଦାୟକ ଶନିଗ୍ରହଙ୍କର ଅବସ୍ଥାନ । ଏହାଙ୍କ ଉପରେ କଶ୍ୟପାଦି ସପ୍ତର୍ଷି ଦେଖାଯାନ୍ତି । ଭଗବାନ ବିଷ୍ଣୁ ଧ୍ରୁବଲୋକକୁ ଶାନ୍ତି ପ୍ରଦାନ କରନ୍ତି ।

### ୨୩ଶ ଅଧ୍ୟାୟ

### ।। ଶିଶୁମାର ଚକ୍ର ।।

ସପ୍ତର୍ଷି ମଣ୍ଡଳଠାରୁ ତେରଲକ୍ଷ ଯୋଜନ ଦୂରରେ ବିଷ୍ଣୁଙ୍କର ପ୍ରିୟ ଧ୍ରୁବଲୋକ ଅବସ୍ଥିତ । ସେଠାରେ ସ୍ୱୟଂ ଧ୍ରୁବ ଉଜ୍ଜ୍ୱଳ ଜ୍ୟୋତିଷ୍କ ସମ ଗୋଟିଏ ସ୍ଥାନରେ ପ୍ରକାଶିତ ହୋଇ ଅନ୍ୟାନ୍ୟ ଭ୍ରମଣରତ ଗ୍ରହମାନଙ୍କର ଆଧାର ସ୍ତମ୍ଭ ସଦୃଶ ବିଦ୍ୟମାନ । ବେଙ୍ଗଳାରେ ସଂଯୋଜିତ ପଶୁମାନେ ମେରିଖୁଣ୍ଟ ନିକଟରୁ ଯୋଚାଯାଇଥିବା ବୃହତ ମଣ୍ଡଳରେ ଘୁରିଲା ଭଳି ଗ୍ରହ ନକ୍ଷତ୍ରମାନେ ଘୁରି ବୁଲୁଛନ୍ତି । ଏହାରି ଭିତରେ ତଳକୁ ମୁଖ ହୋଇଥିବା ସର୍ପାକୃତି ଜ୍ୟୋତିଷ୍କ୍ରକୁ ଶିଶୁମାର କୁହାଯାଏ । ଏହାଙ୍କ ଲାଙ୍ଗୁଳରେ ପ୍ରଜାପତି, ପୁଚ୍ଛମୂଳରେ ଧାତା ବିଧାତା ଓ କଟୀରେ ସପ୍ତର୍ଷି ରହିଛନ୍ତି । ଏହା ଦକ୍ଷିଣାବର୍ତ୍ତୀ ହୋଇ କୁଣ୍ଡଳୀ ଆକାଶ ଧାରଣ କରିବା ସହ ବାମରେ ବିଭିନ୍ନ ଗ୍ରହ ଓ ଦକ୍ଷିଣରେ ନକ୍ଷତ୍ରମାନେ ଅବସ୍ଥିତ । ଉପରେ ଶନିଶ୍ଚର, ଅଗସ୍ତି ନାସିକା ଗର୍ତ୍ତରେ ଆଦିତ୍ୟ, ବୃହସ୍ପତି, ବକ୍ଷସ୍ଥଳରେ ନାରାୟଣ, ମନରେ ଚନ୍ଦ୍ରମା, ନାଭିରେ ଶୁକ୍ର, ସ୍ତନରେ ଅଶ୍ୱିନିକୁମାର, ପ୍ରାଣଅପାନରେ ବୁଧ, ଗଳାରେ ରାହୁ, ସର୍ବାଙ୍ଗରେ କେତୁ ଓ ରୋମାବଳୀରେ ତାରାଗଣ ଅବସ୍ଥିତ । ଏହି ଦେବମୟ ଶିଶୁମାରଙ୍କୁ ସନ୍ଧ୍ୟାରେ ଶୁଚିମନ୍ତ ହୋଇ ଦର୍ଶନ କରିବା ସହ ଭଗବାନଙ୍କୁ ସ୍ତୁତିକଲେ ଅଶେଷ ପୁଣ୍ୟ ମିଳିଥାଏ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

---

## ସମ୍ପର୍କର ରଙ୍ଗ

# ସବୁ ଘଟଣାର କିଛି କାରଣ ଥାଏ



ଶ୍ୱେତା ରାଉତ୍

ସେଇମାନେ ସବୁବେଳେ ଆମ ମନ ଉପରେ ପ୍ରହାର କରନ୍ତି, ଯେଉଁମାନଙ୍କୁ ଆମେ ନିଜଠୁ ଅଧିକ ବିଶ୍ୱାସ କରିଥାନ୍ତି। ସେଇମାନେ ଆମ ଘର ସହଜେ ଭାଙ୍ଗି ପାରନ୍ତି, ଯେଉଁମାନେ ଆମ ସାଥିରେ ରହି ଦେଖିଥାନ୍ତି ଘରର ଦୁର୍ବଳ ଅଙ୍ଗ କୋଉଠି। ସେଇମାନେ ଆମ ମନ ସହିତ ଖେଳି ପାରନ୍ତି ଯେଉଁମାନଙ୍କ ପାଇଁ ଆମେ ଆମ ମନକୁ ଖେଳଣା କରିଥାନ୍ତି।

କେହି କ୍ରୋଧ କଲେ ଆମକୁ ବହୁତ ଖରାପ ଲାଗେ। କିନ୍ତୁ ଆପଣ ଜାଣନ୍ତି କ୍ରୋଧରେ ହିଁ ମଣିଷ ସତକଥା କହିପକାଏ ଯାହା ଦୀର୍ଘ ଦିନ ଧରି ମନଭିତରେ ଓଜନିଆ କରି ରଖିଥାଏ ଆଉ ଛଳନାର ହସ ହସି କେବଳ ଔପଚାରିକତା ଦେଖାଉଥାଏ। ତେଣୁ ବେଳେ ବେଳେ କାହାର କ୍ରୋଧକୁ ବି ସ୍ୱୀକାର କରିନେବା ଉଚିତ୍ କାରଣ ସତ୍ୟ କଣ ଜଣା ପଡିଯାଏ।

ସୀତା ବନବାସ ନଯାଇଥିଲେ ରାବଣ କଣ ମରିଥାନ୍ତା ? ବନବାସ ବି ପୂର୍ବ ନିର୍ଦ୍ଧାରିତ। ଠିକ୍ ସେମିତି ସଂସାରରେ ପ୍ରତି କର୍ମର, ପ୍ରତି କଥାର କିଛି ନା କିଛି କାରଣ ବା ଗୁରୁତ୍ୱ ରହିଛି ଯାହା ଆମର ସ୍ୱଳ୍ପ ବୁଦ୍ଧି ଓ କ୍ଷଣଦୃଷ୍ଟି ଦେଖି ପାରେନାହିଁ। ତେଣୁ ଅନ୍ୟର କୌଣସି କର୍ମକୁ ଖରାପ ବା ଭୁଲ୍ କହିବା ଠିକ୍ ନୁହେଁ କାରଣ ଯେତେବେଳେ ଆମେ ନିଜକୁ ଜାଣି ପାରନ୍ତିନି ସେତେବେଳେ ଅନ୍ୟକୁ ବା କେତେ ଜାଣନ୍ତି। ତାଙ୍କ ଦୃଷ୍ଟିରେ ତାଙ୍କର କିଛି କାରଣ ଥାଇପାରେ।

ସମ୍ପର୍କ ଭିତରେ ନିଆଁ ଜଳିଲେ ଦେଖଣାହାରି ଅନେକ ଟିପ୍ପଣୀ ଦିଅନ୍ତି। ବେଳେବେଳେ ଜୀବନ ସାରା ଜଳୁଥିବା ଲୋକଟିକୁ ଅଙ୍ଗୁଳି ଦେଖେଇ ଦୋଷୀ କରିଦିଅନ୍ତି। କିନ୍ତୁ ନିଆଁ କାହିଁକି ଜଳିଲା, ଚିଙ୍ଗାରିଟିଏ କିଏ ଲଗେଇ ଦେଇ ଆହୁଲା ଦେଇ ନିଆଁକୁ କୁହୁଳାଉଥିଲା କେହି ଜାଣିବାକୁ ଚେଷ୍ଟା କରନ୍ତିନି। କିଛି ନଜାଣି ଜଣକୁ ଦୋଷୀ କରିବା ଆଗରୁ ସେ ଦୋଷ କାହିଁକି କଲା ଜାଣିବା ନିହାତି ଦରକାର, ବୋଧହୁଏ ତାର ପ୍ରତିକ୍ରିୟାର କାରଣ ଆମର କୌଣସି କର୍ମ ବି ହୋଇପାରେ।

ସମ୍ପର୍କରେ କେବଳ ଏତିକି ଦେଖିବା ଉଚିତ୍ ଆମେ ଆମର କର୍ମ କଣ କରୁଛନ୍ତି ଏବଂ ଆଦୌ ଦୁଃଖୀ ହେବା ଉଚିତ୍ ନୁହେଁ ଆମପାଇଁ ଆମ ସମ୍ପର୍କମାନେ କାହିଁକି ଶ୍ରଦ୍ଧାଶୀଳ ନୁହନ୍ତି। କେବେ ଭାଙ୍ଗି ପଡିବା ଆଗରୁ ଭଲଭାବେ ମନେରଖିବା ଉଚିତ୍ ଆମେ ଯାହା ଭୋଗ କରନ୍ତି ତାହା ଆମର ପୂର୍ବ ଅର୍ଜିତ କର୍ମଫଳ ବା ପ୍ରାରବ୍ଧ। ତେଣୁ ଆମ ଦୁଃଖର କାରଣ ଆମେ ଅନ୍ୟକୁ କାହିଁକି ଦେବା।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

---

# ଗାଡ଼ିରେ ଗଲେ ବାନ୍ତି ହେଉଛି କି: ଆପଣାନ୍ତୁ ଏହିସବୁ ଘରୋଇ ଟିପ୍ସ, ଆଉ ହେବନି

ଭ୍ରମଣ ସମୟରେ ଆପଣ ଯଦି ବାନ୍ତି ପରି ସମସ୍ୟା ଭୋଗୁଛନ୍ତି, ତେବେ ଏଠାରେ କିଛି ଟିପ୍ସ ଏବଂ ଘରୋଇ ଉପଚାର ଅଛି, ଯାହାକୁ ଆପଣେଇ ଆପଣ ଏହି ସମସ୍ୟାକୁ ଦୂର କରିପାରିବେ। ଏହି ଟିପ୍ସ ଆପଣଙ୍କ ବାନ୍ତିକୁ ନିୟନ୍ତ୍ରଣ କରିବ ଏବଂ ଆପଣଙ୍କର ଯାତ୍ରା ଉପଭୋଗ କରିବାରେ ସାହାଯ୍ୟ କରିପାରିବ। ବୁଲିଯିବାକୁ କାହାକୁ ବା ଭଲ ନ ଲାଗେ। ଏହା ଏକ ମଜାଦର ସମୟ। କିନ୍ତୁ ଅନେକ ଅଛନ୍ତି ଯେଉଁମାନଙ୍କ ପାଇଁ ଏହା ସେତେ ଉପଭୋଗ୍ୟ ହୋଇ ନଥାଏ। ଭ୍ରମଣ ସମୟରେ ଅନେକ ଲୋକ ନର୍ଭସ ହୋଇଯାଆନ୍ତି, କେହି କେହି ଗାଡିରେ ବାନ୍ତି ମଧ୍ୟ କରନ୍ତି। ଆଉ କିଛିଙ୍କର ମୁଣ୍ଡ ମଧ୍ୟ ବୁଲାଇବା ଆରମ୍ଭ ହୁଏ। ସେ ବିମାନ ହେଉ କି ଟ୍ରେନ୍, କାର୍ କିମ୍ବା ଡଙ୍ଗା ଗତି ମୋସନ ସିକ୍‌ନେସ୍ (ବାନ୍ତି ସମସ୍ୟା) ଯେକୌଣସି ସମୟରେ ବି ହୋଇପାରେ। ଏହା ଭ୍ରମଣକୁ ପୂରା ବେକାର କରିଦିଏ। ଖାଲି ବାନ୍ତି କରୁଥିବା ବ୍ୟକ୍ତି ନୁହେଁ ସାଙ୍ଗରେ ଥିବା ପରିବାର ଲୋକଙ୍କ ପାଇଁ ମଧ୍ୟ ଏହା ବିଗାଡି ଦିଏ। ଯଦି ଭ୍ରମଣ ସମୟରେ ଆପଣ ବି ବାନ୍ତି ପରି ସମସ୍ୟା ଭୋଗୁଛନ୍ତି, ତେବେ ଏଠାରେ କିଛି ଟିପ୍ସ ଏବଂ ଘରୋଇ ଉପଚାର ଅଛି, ଯାହାକୁ ଆପଣେଇ ଆପଣ ଏହି ସମସ୍ୟାକୁ ଦୂର କରିପାରିବେ। ଏହି ଟିପ୍ସ ଆପଣଙ୍କ ବାନ୍ତିକୁ ନିୟନ୍ତ୍ରଣ କରିବ ଏବଂ ଆପଣଙ୍କର ଯାତ୍ରା ଉପଭୋଗ କରିବାରେ ସାହାଯ୍ୟ କରିପାରିବ।



### ଏହି ଟିପ୍ସଗୁଡିକ ଅନୁସରଣ କରନ୍ତୁ:

- ତାଜା ପବନ ଆସିବା ପାଇଁ ଏକ ଗାଡିର ଝରକା ଖୋଲି ରଖନ୍ତୁ କିମ୍ବା ଏକ ଏୟାର ଭେଣ୍ଟ ବ୍ୟବହାର କରନ୍ତୁ। ସତେଜ ବାୟୁ ଗତିର ତୀବ୍ରତାକୁ ହ୍ରାସ କରି ମୁଣ୍ଡ ବୁଲାଇବା ଏବଂ ସ୍ନାୟୁ ଭଳି ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ଗାଡି ଭିତରେ ପଢିବା କିମ୍ବା ମୋବାଇଲ୍ ଦେଖିବା ଠାରୁ ଦୂରେଇ ରୁହନ୍ତୁ, କାରଣ ଏହା ମୋସନ୍ ସିକ୍‌ନେସ୍ ରୋଗର ଅନୁଭବକୁ ଆହୁରି ଖରାପ କରିପାରେ। ଏହା ବଦଳରେ ଝରକା ବାହାରେ ଦେଖନ୍ତୁ କିମ୍ବା ଆଖି ବନ୍ଦ କରି ଆରାମ କରନ୍ତୁ।
- ନିୟମିତ ଭାବେ ଢୋକେ ଢୋକେ ପାଣି ପିଅନ୍ତୁ। ଡିହାଇଡ୍ରେସନ୍ ବାନ୍ତି ସମସ୍ୟାକୁ ବଢେଇଦିଏ, ତେଣୁ ହାଇଡ୍ରେଟେଡ୍ ରୁହନ୍ତୁ।
- ଯାତ୍ରା ପୂର୍ବରୁ ଏବଂ ଯାତ୍ରା ସମୟରେ ଅଳ୍ପ ପରିମାଣରେ ଖାଆନ୍ତୁ। ଭାରି, ତେଲିଆ କିମ୍ବା ମସଲାଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ ଯାହା ଆପଣଙ୍କ ପେଟକୁ ଖରାପ କରିପାରେ।
- ଅଦା ଏବଂ ପୋଦିନା ପତ୍ର ବିଶେଷ ଭାବରେ ଲାଭଦାୟକ ହୋଇପାରେ। ଏହି ସମୟରେ ଏହାର ସେବନ କରନ୍ତୁ।
- ନିଜ ଧ୍ୟାନକୁ ଭଟକେଇବା ପାଇଁ ସଙ୍ଗୀତ ଶୁଣିବା, କଥାବାର୍ତ୍ତା ହେବା କିମ୍ବା ଛୋଟମୋଟ ଖେଳ ଖେଳନ୍ତୁ।
- ଆଖି ବନ୍ଦ କରି ଧୀର, ଗଭୀର ନିଶ୍ୱାସ ନିଅନ୍ତୁ
- ଅଦାର ଏକ ଛୋଟ ଖଣ୍ଡ ଚୋବାନ୍ତୁ କିମ୍ବା ଅଦା ଚା' ପିଅନ୍ତୁ। ଯାତ୍ରା ସମୟରେ ଚା' ପାଇଁ ଥର୍ମୋ ବ୍ୟବହାର କରନ୍ତୁ।
- ପୋଦିନା କାଣ୍ଡକୁ ଚୁଚୁମନ୍ତୁ କିମ୍ବା ପୋଦିନା ଚା' ପିଅନ୍ତୁ।
- ଫାଳେ ଲେମ୍ବୁ ଚୋବାନ୍ତୁ କିମ୍ବା ଲେମ୍ବୁ ପାଣି ପିଅନ୍ତୁ।
- ପାଟିରେ ଅଳ୍ପ କିଛି ଲବଙ୍ଗ ରଖି ଧୀରେ ଧୀରେ ଚୋବାନ୍ତୁ।
- ଗୋଟିଏ ଚାମଚ ମଧୁରୀ ଚୋବାନ୍ତୁ। ଏହା ଗ୍ୟାସ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ଏକ ଚାମଚ ଜୁଆଣିରେ ଏକ ଚାମଚ କଳା ଲୁଣ ମିଶାଇ ଏହାକୁ ପାଣିରେ ଗିଳି ଦିଅନ୍ତୁ। ଏହା ହଜମ କରିବାରେ ସାହାଯ୍ୟ କରିଥାଏ ଏବଂ ବାନ୍ତି କମ କରିଥାଏ।
- ଗୋଟିଏ ଚାମଚ ଜିରାକୁ ପାଣିରେ ଫୁଟାନ୍ତୁ, ଏହାକୁ ଛାଣି ପିଅନ୍ତୁ।
- ଗୁଜୁରାତି ଚୋବାନ୍ତୁ, ଏହାର ସୁଗନ୍ଧ ଏବଂ ସ୍ୱାଦ ବାନ୍ତି ହ୍ରାସ କରିବାରେ ସାହାଯ୍ୟ କରିଥାଏ।

---

# ସ୍ୱାସ୍ଥ୍ୟ ପାଇଁ ଜାମୁକୋଳି



ଜାମୁକୋଳ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏଥିରେ ଅନେକ ପ୍ରକାର ଔଷଧୀୟ ଗୁଣ ରହିଛି। ବିଶେଷ କରି ମଧୁମେହ ରୋଗୀମାନେ ଜାମୁକୋଳି ଏବଂ ତାର ପତ୍ରକୁ ସେବନ କରିବା ଦ୍ୱାରା ସେମାନଙ୍କର ରକ୍ତରେ ଶର୍କରାର ପରିମାଣ ନିୟନ୍ତ୍ରିତ ହୋଇଥାଏ। ଏହା ଖାଦ୍ୟର ଶ୍ୱେତସାରକୁ ଶକ୍ତିରେ ପରିଣତ କରିବାରେ ସହାୟକ ହୋଇଥାଏ। ଯାହାଦ୍ୱାରାକି ରକ୍ତରେ ଶର୍କରାରେ ପରିମାଣ ନିୟନ୍ତ୍ରିତ ରୁହେ। ଜାମୁକୋଳି ମଞ୍ଜିକୁ ମଧ୍ୟ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ହଜମ ପ୍ରକ୍ରିୟା ବି ସହାୟକ ହୁଏ। ସେହିପରି ସୌନ୍ଦର୍ଯ୍ୟରକ୍ଷାର ଜାମୁକୋଳିର ଖୁବ ମହତ୍ତ୍ୱ ରହିଛି। ଏହାକୁ ସେବନ କରିବା ଦ୍ୱାରା ମୁଖବ୍ରଣ, ଦାଗ, ଭଙ୍ଗ ପରି ସମସ୍ୟା ଦୂର ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ଥିବାର ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଜ୍ୟରେ ଉଚ୍ଚମାଧ୍ୟମିକ ଶିକ୍ଷାର ଗତି ଓ ସ୍ଥିତି...

ଆମ ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଉଚ୍ଚ ମାଧ୍ୟମିକ ଦ୍ୱାଦଶ ଶ୍ରେଣୀରେ ଛାତ୍ର ଉପସ୍ଥାନ ବିଷୟରେ ଏକ ନୈରାଶ୍ୟଜନକ ଓ ଚିନ୍ତାଦାୟକ ଖବର କିଛିଦିନ ତଳେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମୁଖ୍ୟତଃ ଦ୍ୱାଦଶ ଶ୍ରେଣୀର ବିଜ୍ଞାନ ଛାତ୍ରଙ୍କ ଉପସ୍ଥାପନ ବିଷୟରେ ଖବରରେ ଚିନ୍ତାପ୍ରକଟ କରାଯାଇଥିଲା। ଏପରି ନୈରାଶ୍ୟଜନକ ଉପସ୍ଥାନ ଯେ କେବଳ ଶ୍ରେଣୀରେ ଅଧ୍ୟାପକଙ୍କ ମାନସିକତାକୁ ପ୍ରଭାବିତ କରୁଛି ତା' ନୁହେଁ; କଲେଜର ଐତିହ୍ୟ ଓ ପ୍ରଶାସନର ଦୁର୍ବଳତାକୁ ମଧ ଇଙ୍ଗିତ କରୁଛି। ଅପରପକ୍ଷରେ ପରିବେଷିତ ସମ୍ବାଦ ଅନୁସାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଅଧିକୃତ ଶିକ୍ଷାନୁଷ୍ଠାନମାନଙ୍କରେ ନିୟମିତ ପାଠପଢ଼ା ହୋଇପାରୁଛି ଏବଂ ସଠିକ ମୂଲ୍ୟାଙ୍କନ ହୋଇ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରାଯାଇପାରୁଛି। ଏହା ଗତ ବର୍ଷେ କିମ୍ବା ଦୁଇବର୍ଷର ସ୍ଥିତି ନୁହେଁ, ବରଂ ବହୁବର୍ଷ ହେଲା ଏହି ଧାରା ଜାରି ରହିଥିଲେ ହେଁ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ। କେବଳ ମହାବିଦ୍ୟାଳୟମାନଙ୍କରେ ଉତ୍ତୀର୍ଣ୍ଣ ହାର ଦେଖି ଆମେ ଆତ୍ମସନ୍ତୋଷ ଲାଭ କରୁଛେ। ଆମ ରାଜ୍ୟରେ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ସହିତ ଅନେକ (ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ) ସେଲ୍‌ଫ ଫାଇନାନ୍ସିଂ(ସ୍ୱୟଂ ଅର୍ଥ ସଂଗ୍ରହକାରୀ) ଉଚ୍ଚମାଧ୍ୟମିକ ବିଦ୍ୟାଳୟ ରହିଛି। ଏହି ସେଲ୍‌ଫ ଫାଇନାନ୍ସିଂ ମହାବିଦ୍ୟାଳୟଗୁଡ଼ିକ ୨୦୦୦ ମସିହା ପରେ ଜନ୍ମ ନେଇଛନ୍ତି। ଏମାନେ ଯୁକ୍ତଦୁଇ ବା ବର୍ତ୍ତମାନର ଉଚ୍ଚମାଧ୍ୟମିକ ଶ୍ରେଣୀରେ ସୁଦୃଷ୍ଟ ଶିକ୍ଷା ଓ କୋଚିଂର ବ୍ୟବସ୍ଥା କରି ବିଭିନ୍ନ ବାଟରେ ପାଉଣା ଆଦାୟ କରିବାରେ ଅଭ୍ୟସ୍ତ। ଆମେ ସମସ୍ତେ ଜାଣିଛେ ଯେ ବର୍ତ୍ତମାନ ସମାଜରେ ପିଲାଟିଏ ମାଟ୍ରିକ୍ ପାଶ୍ କରିବା ପରେ ସବୁ ବାପା ମା'ଙ୍କର ଗୋଟିଏ ଲକ୍ଷ୍ୟ ତାଙ୍କ ପିଲାଟି କୌଣସିପ୍ରକାରେ ଯୁକ୍ତଦୁଇ ବିଜ୍ଞାନ ପଢ଼ି ଯେକୌଣସି ବୈଷୟିକ ଶିକ୍ଷା ଅଧ୍ୟୟନ କରୁ ଏବଂ ସଉକରେ ଖଣ୍ଡେ ଚାକିରି ପାଇଯାଉ। କିନ୍ତୁ ବିଜ୍ଞାନପାଠ ପଢ଼ିବା ପାଇଁ ଯେ ଏକ ସର୍ବନିମ୍ନ ବୋଧଶକ୍ତିର ଆବଶ୍ୟକତା ରହିଛି, ତାହା ସେମାନେ ଉପଲବ୍ଧି କରିପାରନ୍ତି ନାହିଁ। ସେମାନଙ୍କ ଆଗରେ ଉପରୋକ୍ତ ସେଲ୍ ?ଫ ଫାଇନାନ୍ସିଂ ବିଦ୍ୟାଳୟଗୁଡ଼ିକ ପସରା ଖୋଲି ବସିଛନ୍ତି। ଏମାନେ ସମସ୍ତେ ପ୍ରାୟ ଆବାସିକ ଅନୁଷ୍ଠାନ। ଏ ଅନୁଷ୍ଠାନଗୁଡ଼ିକୁ ଆମର ନିନ୍ଦା କରିବାର ଅଭିପ୍ରାୟ ନାହିଁ। କାରଣ ଏମାନଙ୍କ ମଧ୍ୟରୁ ଅନେକ ଅନୁଷ୍ଠାନରୁ ଛାତ୍ର ଏବେ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏବେ ଆମେ ମୂଳ ପ୍ରସଙ୍ଗକୁ ଯିବା। ସାଧାରଣ ଯୁକ୍ତ ଦୁଇ ମହାବିଦ୍ୟାଳୟମାନଙ୍କରେ ଉପସ୍ଥାନ ଅତ୍ୟଧିକ ହ୍ରାସ ପାଇବାର କାରଣ କ'ଣ ? ସେ ସମ୍ପର୍କରେ ଆଲୋଚନା କଲା ବେଳେ ଅନେକ କାରଣ ସାମ୍ନାକୁ ଆସୁଛି। ଦେଖିବାକୁ ଗଲେ ଆମ ରାଜ୍ୟରେ ଉଚ୍ଚମାଧ୍ୟମିକ ଶ୍ରେଣୀରେ ନାମଲେଖା ସରି ପାଠପଢ଼ା ଆରମ୍ଭ ହେବା ବେଳକୁ ଅଗଷ୍ଟ ଶେଷ ସପ୍ତାହ ହୋଇଯାଉଛି। ପିଲାଟିଏ ମାଟ୍ରିକ୍ ପରୀକ୍ଷା ମାର୍ଚ୍ଚ ମାସରେ ଦେଲା ପରେ ପରବର୍ତ୍ତୀ ୫ ମାସ କ'ଣ କରିବ ? ତା'ର ଅଭିଭାବକ ନିଶ୍ଚୟ କୌଣସି ଯୁକ୍ତଦୁଇ କୋଚିଂ ସେଣ୍ଟର ବା ସେଲ୍‌ଫ ଫାଇନାନ୍ସିଂ ମହାବିଦ୍ୟାଳୟରେ ଯୁକ୍ତଦୁଇ ପଢ଼ିବା ପାଇଁ ନାମ ଲେଖାଇବେ। ଏହି ୫ ମାସ ଅବଧି ମଧ୍ୟରେ ସେ ପ୍ରାୟ ୧୧ଶ ଶ୍ରେଣୀର ଅଧା ପାଠ୍ୟକ୍ରମ ପଢ଼ିବାର ସୁଯୋଗ ପାଏ; ତାହା ପୁଣି ଖୁବ୍ କମ୍ ପଇସାରେ। ପରେ ଯଦି ସେ ପିଲାଟି ଉକ୍ତ ଅନୁଷ୍ଠାନରେ ଯୋଗ ନ ଦେଇ କୌଣସି ସରକାରୀ ବା ଅନୁଦାନପ୍ରାପ୍ତ ଅନୁଷ୍ଠାନରେ ନାମ ଲେଖାଇଲା; ତାହା ନାମକୁ ମାତ୍ର ଏବଂ କେବଳ କମ ପଇସା ପଢ଼ିବ ବୋଲି। କିନ୍ତୁ ତା'ର ଲକ୍ଷ୍ୟ ହେଲା କଲେଜରେ କୌଣସି ପ୍ରକାରେ ହାଜିରା ଦେଇ ଏହି କୋଚିଂ ସେଣ୍ଟରମାନଙ୍କରେ ପଢ଼ିବା। କାରଣ ତା'ର ପାଠ ଶୀଘ୍ର ସରିବ ଓ ସେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେବ। ମୂଳ ମହାବିଦ୍ୟାଳୟକୁ ସେ କେବଳ ପ୍ରାକ୍‌ଟିକାଲ୍ କ୍ଲାସ କରିବା ପାଇଁ ଯାଏ। ଏବେ ଶୁଣାଯାଉଛି କେତେକ ମହାବିଦ୍ୟାଳୟରେ ପ୍ରାକ୍ଟିକାଲ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ, ଦୁଇବର୍ଷର ପ୍ରାକ୍ଟିକାଲ୍ (ଏକାଦଶ ଓ ଦ୍ୱାଦଶ ଶ୍ରେଣୀ) ଶୀଘ୍ର ସାରିବାକୁ ଚେଷ୍ଟା କରାଯାଉଛି; ଯାହା ପରୋକ୍ଷ ଭାବରେ ପିଲାଙ୍କୁ କୋଚିଂସେଣ୍ଟର ଯିବାକୁ ସାହାଯ୍ୟ କରୁଛି। ଏହା ସବୁ ମହାବିଦ୍ୟାଳୟରେ ହୋଇ ନ ପାରେ। କିନ୍ତୁ ଏହା ଯଦି କିଛି କ୍ଷେତ୍ରରେ ହେଉ ନ ଥା'ନ୍ତା, ପିଲା ତା'ର ପ୍ରାକ୍ଟିକାଲ କ୍ଲାସରେ ଦୁଇବର୍ଷ ନିୟମିତ ଉପସ୍ଥିତ ରହୁଥା'ନ୍ତା। ଆଉ କେତେକ ମହାବିଦ୍ୟାଳୟରେ ପିଲାମାନେ କେବଳ ପ୍ରାକ୍ଟିକାଲ୍ କ୍ଲାସକୁ ଆସୁଛନ୍ତି କିନ୍ତୁ କୌଣସି ଥିଓରି କ୍ଲାସକୁ ନୁହେଁ। ତେଣୁ ଶ୍ରେଣୀଗୃହରେ ଉପସ୍ଥାନ ସଂଖ୍ୟା ନୈରାଶ୍ୟଜନକ ହେବା ସ୍ୱାଭାବିକ। ତତ୍‌ସହିତ କଲେଜର କ୍ଷମତାପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକା ପିଲାଙ୍କ ଉପସ୍ଥାନ ଉପରେ ଗୁରୁତ୍ୱ ଦେଉନାହାନ୍ତି କି ପିଲାମାନଙ୍କ ଅନୁପସ୍ଥିତି ବିଷୟରେ ଅଭିଭାବକଙ୍କୁ ଜଣାଉ ନାହାନ୍ତି। ବିଭିନ୍ନ ସମୟରେ ଏହାର ତଦାରଖ ହେଉଥିଲେ ପିଲାଙ୍କ ମନରେ ଡର ରହନ୍ତା। ପିଲାଙ୍କ ବଦ୍ଧମୂଳ ଧାରଣା ଯେ ସେମାନେ ସମସ୍ତେ ଶେଷ ପରୀକ୍ଷା ଦେବେ। ଏତଦବ୍ୟତୀତ ଥିଓରି କ୍ଲାସକୁ ପିଲାଙ୍କୁ ଆକର୍ଷଣ କରିବା ପାଇଁ ଅଧ୍ୟାପକ / ଅଧ୍ୟାପିକାଙ୍କ ସଂଖ୍ୟା ହାତଗଣତିରେ ରହିଯାଏ। ଏପରି ଉପସ୍ଥାନରେ ପାଠ୍ୟକ୍ରମ ସରିବା ବା ନସରିବା କେବଳ ଏକ ନିୟମକୁ ଆଖିଠାର ଭଳି ବ୍ୟବସ୍ଥା। ତା'ପରେ ଆସିବା ପାଠ୍ୟକ୍ରମ ସରିବା ବା ନ ସରିବା ବିଷୟକୁ। ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଯୁକ୍ତଦୁଇ ପାଠ୍ୟକ୍ରମ ତିଆରି କଲା ବେଳେ ପ୍ରତ୍ୟେକ ପରିଚ୍ଛେଦ ପାଇଁ ନିର୍ଦ୍ଦିଷ୍ଟ ଶ୍ରେଣୀ ବଣ୍ଟନ କରିଛନ୍ତି। ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ନାମ ଲେଖା ପରେ ବର୍ଷର ଛୁଟି ବ୍ୟବସ୍ଥାକୁ ବାଦ ଦେଲେ ସେତିକି ଶ୍ରେଣୀ ମିଳିବା କଷ୍ଟକର।



# କଟକର ରିଂ ବନ୍ଧ

## ବିପିନ ବିହାରୀ ରାଉତ

ଆମ କଟକ, ହଜାର ବର୍ଷର ମହାନଗରୀ ଅଭିନବ ବାରଣାସୀ କଟକ। ଏପରି ଅନେକ ଗୌରବମୟ ପରିଚିତିକୁ ନେଇ ଆମ ସହର ଗୌରବାନ୍ୱିତ। କଟକର ରିଂ ବନ୍ଧ ବୋଇଲେ ମହାନଦୀ କୂଳ ପଟ ଓ କାଠଯୋଡ଼ି କୂଳପଟକୁ ବୁଝାଏ। ଅନେକ ହୁଏତ ଜାଣିନଥିବେ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରୁ ମହାନଦୀ ତାର ଯାତ୍ରା ଆରମ୍ଭ କରି ପାଖାପାଖି ଆଠଶହ କିଲୋମିଟର ଅତିକ୍ରମ ପରେ ନରାଜଠାରେ ଦୁଇଭାଗ ହୋଇ ଦକ୍ଷିଣ ପଟେ ଏହାର ଶାଖା କାଠଯୋଡ଼ି ଏବଂ ମହାନଦୀ-କାଠଯୋଡ଼ିର ଗୋଜିଆ ବିଭକ୍ତ ସ୍ଥଳ ଯାହାକୁ ଆମ ଓଡ଼ିଆ ଭାଷାରେ ନାଶୀ ଭାବେ ବୁଝାଯାଏ ସମ୍ଭବତଃ ଏହା ହେଲା 'ବିଡ଼ାନାସୀ'ରେ। ଓଡ଼ିଶାର ଭାଗ୍ୟଧର ଭାବେ ସୋମବଂଶୀ ରାଜାମାନଙ୍କୁ ବୁଝାଏ। ଭୌମଙ୍କର ବଂଶର ରାଜତ୍ୱ ପରେ ଦଶମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି ସମୟକୁ ଐତିହାସିକମାନେ କେଶରୀ ବଂଶ ବୋଲି ଲିପିବଦ୍ଧ କରିଛନ୍ତି। ଇତିହାସର ତଥ୍ୟ ଯାହା ବର୍ଣ୍ଣନା କରେ କୀର୍ତ୍ତିମାନ ଓ ସାହାସୀ, ପ୍ରବଳ ପରାକ୍ରମୀ ଥିଲେ ସୋମବଂଶର ଏହି କେଶରୀମାନେ। ନୃପକେଶରୀ ଆଜି କଟକ ବାସୀଙ୍କ ପାଇଁ ଜଣେ ପ୍ରାତଃ ସ୍ମରଣୀୟ ଓ ସମ୍ମାନନୀୟ ବ୍ୟକ୍ତିତ୍ୱ। ନୃପକେଶରୀ ମହାନଦୀର କାଠଯୋଡ଼ିର ଉର୍ବର ତ୍ରିକୋଣ ଭୂମିରେ କଟକ ସହର ଗଢ଼ିଥିଲେ। ତୃତୀୟ ଅନଙ୍ଗଭୀମ ଦେବ ଖ୍ରୀଷ୍ଟାବ୍ଦ ୧୨୧୧-୧୨୩୮ ବାରବାଟୀ ଦୁର୍ଗ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ଏହା ଅଭିନବ ବାରଣାସୀ ଭାବେ ନାମିତ ହେଲା। ଓଡ଼ିଶାର ସିଂହାସନରେ କପିଳେନ୍ଦ୍ର ଦେବ ଶାସନ ଆରମ୍ଭ କରିଥିବା ସମୟର ତଥ୍ୟ ତାମ୍ର ଶାସନରୁ ଜଣାପଡ଼େ। ଏହି ସମୃଦ୍ଧମୟ ଓ ବିପୁଳ ସୌନ୍ଦର୍ଯ୍ୟରେ ଭରପୁର ସହରକୁ ପରବର୍ତ୍ତୀ ସମୟରେ ମୋଗଲ, ଆଫଗାନ୍, ମରହଟ୍ଟା ଓ ସର୍ବଶେଷରେ ଶାସନ ଭାର ପାଇଁ ଆସିଥିଲେ ଗୋରା ଇଂରେଜ ଶାସକ।

ତେବେ କଟକ ସହର ପାଇଁ ବର୍ଷା ସମୟରେ କାଠଯୋଡ଼ି ଓ ମହାନଦୀ କୂଳ ଲଂଘନ କରି କଟକ ଭିତରେ ଉଦବୃତ୍ତ ବନ୍ୟାଜଳ ଅନେକ କ୍ଷୟକ୍ଷତି କଲା। ମହାନଦୀର ପ୍ରଳୟଙ୍କାରୀ ବନ୍ୟା ଅନେକ କ୍ଷତି କରିବସିଲା। ଏସବୁ ଦୃଷ୍ଟିରେ ରଖି ରାଜା ନୃପମର୍କତ କେଶରୀ ମହାନଦୀ ଓ କାଠଯୋଡ଼ିର କୂଳରେ ପଥର ବନ୍ଧ ତିଆରି ପାଇଁ ଯୋଜନା କଲେ। ତେବେ ଐତିହାସିକ ତଥ୍ୟରେ ଲିପିବଦ୍ଧ ନଥିଲେ ବି ଯାହା ଶୁଣିବା କଥା ସହରକୁ ବନ୍ୟା ଦାଉରୁ ବଞ୍ଚାଇବା ପାଇଁ ବାଇମୁଣ୍ଡୀ ନାମକ ଜଣେ ପୁରୁଖା କଟକର ବାସିନ୍ଦା ମର୍କତ କେଶରୀଙ୍କୁ ଏହି ପଥର ବନ୍ଧର ଯୋଜନା ସମ୍ପର୍କରେ ବିସ୍ତୃତ ପ୍ରସ୍ତାବ ଦେଇଥିଲେ। ଏହା ସେହିଦିନ ଠାରୁ କାଳ କାଳ ପାଇଁ ଲୋକମୁଖରେ କଥା ହୋଇ ରହିଗଲା 'କଟକ ଚିନ୍ତା ବାଇମୁଣ୍ଡିକୁ'। ଏତେବଡ଼ ସହରର ସୁରକ୍ଷା ଦାୟିତ୍ୱକୁ ଜଣେ ସାଧାରଣ ମଣିଷର ପ୍ରସ୍ତାବକୁ ଯଦି ତତ୍କାଳୀନ ମହାରାଜ ମର୍କତ କେଶରୀ ଗୁରୁତ୍ୱ ଦେଇନଥାନ୍ତେ ତେବେ ବର୍ତ୍ତମାନ କଟକ ସହରର ରୂପରେଖ କ'ଣ ହୋଇଥାନ୍ତା ତାହା ସହଜେ ଅନୁମେୟ। ତେବେ ଯାହା ଐତିହାସିକ ତଥ୍ୟରୁ ଆମେ ଜାଣିବାକୁ ପାଉ ପୁରୁଣା ପଥର ବନ୍ଧ କାଠଯୋଡ଼ିର ବାମପାର୍ଶ୍ୱରେ ଚହଟା ଠାରୁ ସତୀଚୌରା, ହରିହରଘାଟ, ଗଣେଶ ଘାଟ, ପୁରୀଘାଟ ଦେଇ ଖାନନଗର ପର୍ଯ୍ୟନ୍ତ ଲମ୍ବିଥିବା ଓ ମହାନଦୀର ଦକ୍ଷିଣ ପାର୍ଶ୍ୱରେ ଚହଟା ଘାଟ ଠାରୁ ଗଡ଼ଗଡ଼ିଆ ଘାଟ, ମାତା ମଠ ହୋଇ ଏହା ଯୋବ୍ରା ପର୍ଯ୍ୟନ୍ତ ଲମ୍ବିଥିଲା। ସେ ସମୟର ଏହି ପଥର ବନ୍ଧ ତିନି ମିଟରରୁ ଛଅ ମିଟର ଉଚ୍ଚ ଓ ଚଉଡା ୧୨୦ ମିଟରରୁ ୧୬୦ ମିଟର ପର୍ଯ୍ୟନ୍ତ ଅତ୍ୟନ୍ତ ସୁଦୃଢ଼ ଭାବେ ରହିଥିଲା। ମାଙ୍କଡ଼ା ପଥର ଓ ହାର୍ଡ ଷ୍ଟୋନ ଏଥିପାଇଁ ସଂଗ୍ରହ କରାଯାଇଥିଲା। ତେବେ ବନ୍ୟା ଜଳକୁ ନଦୀ ମଧ୍ୟକୁ ସ୍ୱାଭାବିକ ଭାବେ ସ୍ରୋତରେ ଯିବା ପାଇଁ ପଥର ବନ୍ଧର କେତେକ ସ୍ଥାନରେ ବୁରୁଜ ତିଆରି କରାଯାଇଥିଲା। ବର୍ତ୍ତମାନ ସମୟକୁ ଟିକେ ଚିନ୍ତା କରି ଟିକେ ଭଲ ଭାବେ ବୁଝିବା ପାଇଁ ଚେଷ୍ଟା କରନ୍ତୁ ଯେ ସେ ସମୟରେ ଆଜିର ସମୟ ପରି କୌଣସି ଆଧୁନିକ ବୈଷୟିକ ନିର୍ମାଣ କୌଶଳର ଜ୍ଞାନ ନଥାଇ ବି ଏହି ବନ୍ଧ ଅତ୍ୟନ୍ତ ସୁଦୃଢ଼, ପ୍ରଶସ୍ତ ଓ ମଜଭୁତ ଥିଲା ଯାହାପାଇଁ ୧୮୮୫ ଖ୍ରୀଷ୍ଟାବ୍ଦରେ ମହାନଦୀରେ ଆସିଥିବା ପ୍ରଳୟଙ୍କାରୀ ଭୟାନକ ବନ୍ୟା କଟକ ସହରର କ୍ଷତି କରିଥିଲା ସତ କିନ୍ତୁ ସେପରି କ୍ଷତି ହୋଇନଥିଲା। ତେବେ କଲିକତାରୁ କ୍ୟାପଟେନ ଜନ୍ ହ୍ୟାରିସ୍ ବାରବାଟୀ ଦୁର୍ଗରୁ ପଥର ସଂଗ୍ରହ କରି ବନ୍ଧ ମରାମତି କରିଥିଲେ। ତେବେ ସମୟର ଆବଶ୍ୟକତାକୁ ଦେଖି ପରବର୍ତ୍ତୀ ସମୟରେ ତାଳଦଣ୍ଡା କେନାଲ, ଦକ୍ଷିଣପୂର୍ବ ରେଳପଥ ଓ ଜାତୀୟ ରାଜପଥ ଆଦି ନିର୍ମାଣ ହେବାରୁ ଏହି ବନ୍ଧ ଉଭୟ ମହାନଦୀ ଓ କାଠଯୋଡ଼ି ପଟେ ବଢ଼ାଯାଇଛି।

୧୯୫୦ରୁ ୧୯୬୧ ଏହି ସମୟ ବେଳକୁ ମହାନଦୀର ତ୍ରିକୋଣ ଭୂମିରେ ବନ୍ୟାର ଯେଉଁ ଭୟାନକ ଗତିସ୍ରୋତ ଓ ପ୍ରକୋପ ଦେଖା ଦେଇଥିଲା ଏହାକୁ କମାଇବା ପାଇଁ ହୀରାକୁଦ ବହୁମୁଖୀ ନଦୀବନ୍ଧ ଯୋଜନା ଆରମ୍ଭ କରାଗଲା। ତେବେ ଏହା ସେପରି ସଫଳ ନହେବାରୁ ହୀରାକୁଦରୁ ତଳିଆ ଅଞ୍ଚଳକୁ ମହାନଦୀରେ ବନ୍ୟାଜଳ ଭାସି ଆସି ୧୯୮୦ ଓ ୧୯୮୨ରେ ଏହି ତ୍ରିକୋଣ ଭୂମି ଅଞ୍ଚଳରେ ଅଭାବନୀୟ କ୍ଷତି ଘଟାଇଥିଲା। ନରାଜ ଠାରେ ମହାନଦୀର ଜଳ ପ୍ରଭାବ ଅଞ୍ଚଳ ପ୍ରାୟ ୧,୩୨୦,୮୫ ବର୍ଗ କିଲୋମିଟର ହୋଇଥିବାବେଳେ ହୀରାକୁଦ ବନ୍ଧର ତଳିଆ ଅଞ୍ଚଳର ଜଳ ପ୍ରଭାବ ଅଞ୍ଚଳ ହେଉଛି ପ୍ରାୟ ୫୧,୧୬୫ ବର୍ଗ କିଲୋମିଟର।

କଟକ ସହର ପାଇଁ ଏହି ପୁରାତନ ବନ୍ଧ ମଜଭୁତ ହୋଇଥିଲେ ମଧ କେତେକ ସମୟରେ ଏହା ଚହଟା, ଶିଶୁଭବନ, କଲେକ୍ଟେରିଏଟ, ରାଜାବଗିଚା, ସନସାଇନ ପଡ଼ିଆ, ପୁରୀଘାଟ ଓ ଖାନନଗର ପରି ସ୍ଥାନମାନଙ୍କରେ ପ୍ରବଳ ବନ୍ୟା ଜଳ ସ୍ରୋତର ସାମାନ୍ୟ ଝରି (ଓଡ଼ିଆ ଭାଷାରେ ଯାହାକୁ ଏକ ପ୍ରକାର ଘଳିଆ କୁହନ୍ତି) ଅନେକ କ୍ଷତି ସୃଷ୍ଟି କରିଥିଲା। ସେହିପରି ମହାନଦୀ ପଟର ଗଡ଼ଗଡ଼ିଆ, ଯୋବ୍ରା ଓ ମାତାମଠ ସ୍ଥାନରେ ମଧ ଏହି ବନ୍ୟା ଜଳର ବିପଦ ଦେଖାଦେଇଥିଲା। ୧୯୮୦ ନରାଜ ଠାରେ ସର୍ବୋଚ୍ଚ ବନ୍ୟାଜଳର ପରିମାଣ ଥିଲା ୭୪,୭୪୨ ଘନ ମିଟର (୧୨,୨୭୨୭୯ ଘନଫୁଟ) ଥିବାବେଳେ ୧୯୮୨ରେ ଏହା ରେକର୍ଡ଼ ଭାଙ୍ଗି ୪୪୭୩ ଘନ ମିଟର (୧୫,୮୦୦୩୧ ଘନ ଫୁଟ ହୋଇଥିବାର) ରେକର୍ଡ଼ ରହିଥିଲେ। ଅନେକ ଘାଇ ଧନ ଜୀବନର କ୍ଷତି ଘଟାଇଥିଲା। ୧୯୮୨ ବନ୍ୟା ସମୟରେ ଗଡ଼େଶ୍ୱର ମନ୍ଦିର ପାଖରେ ବନ୍ୟାଜଳ ଗଡ଼ଖାଇ ଭିତରକୁ ପ୍ରବେଶ କରିଥିଲା। କଟକ ସହର କହିଲେ ଓଡ଼ିଶାର ସାଂସ୍କୃତିକ ବିଭବ ଓ ବ୍ୟବସାୟିକ ପ୍ରାଣ କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାର ରାଜଧାନୀ ଥିଲା ଏହି କଟକରେ ହାଇକୋର୍ଟ ଠାରୁ ଶିଶୁଭବନ, ବଡ଼ ମେଡ଼ିକାଲ ଠାରୁ ରେଭେନ୍ସା କଲେଜ, ଆକାଶବାଣୀ ଠାରୁ ଦୂରଦର୍ଶନ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଥିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୦ ଡିସେମ୍ବର ୧୬ ତାରିଖରେ କଟକ ନଗରର ଦୁଇପଟେ ରିଂ ବନ୍ଧ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥି ନିମିତ୍ତ ଯେଉଁ ବୈଷୟିକ ପରାମର୍ଶଦାତା କମିଟି ଗଢ଼ା ଯାଇଥିଲା ସେମାନଙ୍କ ସୁପାରିଶ ଓ ବିଚାର ବିମର୍ଷକୁ ଗ୍ରହଣ କରି ଏହି ବନ୍ଧକୁ ନରାଜ ଠାରେ ୪୨,୪୭୫ ଘନ ମିଟର (୧୫ ଲକ୍ଷ ଘନଫୁଟ) ବନ୍ୟା ଜଳର ଜଳପତନ ଠାରୁ ଦୁଇ ମିଟର ଉଚ୍ଚ କରାଯିବାର ସ୍ଥିର କରାଗଲା। ଏହି ବୈଷୟିକ ସୁପାରିଶ କାର୍ଯ୍ୟ ପୁନେ ଠାରେ ଥିବା କେନ୍ଦ୍ରୀୟ ଜଳ ବିଦ୍ୟୁତ ରିସର୍ଚ୍ଚ ସେଣ୍ଟରର ମଡ଼େଲ ଷ୍ଟଡି ଦ୍ୱାରା ଗ୍ରହଣ କରାଯାଇଥିଲା। ମହାନଦୀ ପଟେ ଚହଟା ଠାରୁ ନରାଜ ଓ କାଠଯୋଡ଼ି ପଟେ ହରିହର ଘାଟ ଠାରୁ ନରାଜ ପର୍ଯ୍ୟନ୍ତ ବଢ଼ାଯାଇ ଏହା ଭିତରେ ଥିବା ପ୍ରାୟ ଏକ ହଜାର ହେକ୍ଟର ଜମିକୁ ଉନ୍ନତ କରାଯାଇ କଟକ ସହରର ସୀମା ବଢ଼ାଇବା ପାଇଁ ଯୋଜନା କରାଯାଇଥିଲା। ଦିନକୁ ଦିନ କଟକ ସହରର ଲୋକସଂଖ୍ୟା ଓ ଯାନବାହାନକୁ ଦୃଷ୍ଟିରେ ରଖି ଏହି ରିଂ ରୋଡ଼ର ଚଉଡାକୁ ୬.୭୦ ମିଟର ଭାବେ ଦୁଇଟି ଲେନରେ ତିଆରି ପାଇଁ ବ୍ୟବସ୍ଥା କରାଯାଇଥିଲା। ମହାନଦୀ ପଟେ ଗୋରାକବର ଓ ଗଡ଼ଗଡ଼ିଆ ଠାରୁ ମାତା ମଠ ପର୍ଯ୍ୟନ୍ତ ଓ କାଠଯୋଡ଼ି ପଟେ ଶିଶୁଭବନ କଲେକ୍ଟିରିଏଟ ଓ ଖାନାନଗର ଆଦି ସ୍ଥାନ ମାନଙ୍କରେ ରିଂ ରୋଡ଼ ପାଇଁ ଆବଶ୍ୟକୀୟ ସ୍ଥାନ ନଥିବାରୁ ଏହି ସ୍ଥାନ ମାନଙ୍କରେ ରିଂ ରୋଡ଼କୁ ନଦୀ ଶଯ୍ୟା ଭିତରକୁ ସାମାନ୍ୟ ଭାବେ ନିଆଯାଇଛି। ଏଥିପାଇଁ ମହାନଦୀ ଦକ୍ଷିଣ ଡିଭିଜନକୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜଳ ସେଚନ ବିଭାଗ ତରଫରୁ ଜାନୁଆର ୧୯୮୩ରେ କଟକ ଠାରେ କଟକ ଜଳସେଚନ ଡିଭିଜନ ଭାବେ ଏକ ସ୍ୱତନ୍ତ୍ର ଡିଭିଜନ ଖୋଲାଯାଇ ଏହି ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଥିଲା। ତେବେ ରିଂ ରୋଡ଼ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବା ପରେ ୧୯୯୦ ଅଗଷ୍ଟ ମାସରେ ଏହାକୁ ପୁଣିଥରେ ମହାନଦୀ ଦକ୍ଷିଣ ଡିଭିଜନ ସହ ମିଶି ଯାଇଛି।

ରିଂ ରୋଡ଼ରେ ପଥର ବନ୍ଧ ପାଇଁ ୧୯୮୩ରୁ ୧୯୯୦ ପର୍ଯ୍ୟନ୍ତ ଏହାର ସମୟ ଲାଗିଥିଲା। କାଠଯୋଡ଼ି ପଟକୁ ଦେଖିଲେ ଚହଟାରୁ ପ୍ରେସ ଛକ ପର୍ଯ୍ୟନ୍ତ ୮.୫୦ କିଲୋମିଟର ଲମ୍ବ ଓ ମହାନଦୀ ପଟେ ଚହଟା ଠାରୁ ଗଣ୍ଡରପୁର ପର୍ଯ୍ୟନ୍ତ ୮.୭୦ କିଲୋମିଟର ହେଉଛି ଏହାର ଲମ୍ବ। ଏହା ବ୍ୟତୀତ ବିଡ଼ାନାସୀ ରିଂ ବନ୍ଧ ଯାହା କାଠଯୋଡ଼ି ପଟେ ନରାଜ ଠାରୁ ହରିହର ଘାଟ ପର୍ଯ୍ୟନ୍ତ ୮.୭୦ କିଲୋମିଟର ଓ ମହାନଦୀ ପଟେ ନରାଜ ଠାରୁ ଚହଟା ପର୍ଯ୍ୟନ୍ତ ୭.୫୦ କିଲୋମିଟର ଲମ୍ବ ନିର୍ମାଣ କାର୍ଯ୍ୟ ହୋଇଛି। ଏହା ବ୍ୟତୀତ ବିଶ୍ୱ ବ୍ୟାଙ୍କର ସହାୟତାରେ ଦୁଇଟି ନୂତନ ବ୍ୟାରେଜ ତିଆରି କରାଯାଇ ତ୍ରିକୋଣ ଭୂମି ଅଞ୍ଚଳର ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ ଓ ନିର୍ଭର ଯୋଗ୍ୟ କରାଯାଇଛି। ରିଂ ରୋଡ଼ର ଅନେକ ସ୍ଥାନରେ ମୁଖ୍ୟ ରାସ୍ତା ସହିତ ସଂଯୋଗ ରହିଛି। ସେ ସମୟରେ ଏହାର ବ୍ୟୟ ଅଟକଳ ଥିଲା ୧୨୯୯.୭୩ ଲକ୍ଷ ଟଙ୍କା। ଓ ବିଡ଼ାନାସୀ ରିଂ ବନ୍ଧ ପାଇଁ ୨୪୮.୮୮ ଲକ୍ଷ ଟଙ୍କା। ବର୍ତ୍ତମାନ ବିଡ଼ାନାସୀ ରିଂ ବନ୍ଧର ଉନ୍ନୟନ କାର୍ଯ୍ୟ କଟକ ଡେଭଲପମେଣ୍ଟ ଅଥରିଟିକୁ ଦିଆଯାଇଛି। ତେବେ ରିଂ ରୋଡ଼ ତିଆରି ହେବା ପରେ ପରବର୍ତ୍ତୀ ସମୟରେ କଳେବର ବଢ଼ା ହେବା ସହ ମରାମତି ଓ ରକ୍ଷଣା ବେକ୍ଷଣ ମଧ କରାଯାଇଛି। କଟକର ରିଂ ବନ୍ଧର ସୁରକ୍ଷା ବିପନ୍ନ ହେଲେ ସହରର ସୁରକ୍ଷା ବିପନ୍ନ ହେବା ସ୍ୱାଭାବିକ। ହଜାରେ ବର୍ଷର ସମୃଦ୍ଧ ଏହି କଟକର ରିଂ ବନ୍ଧ ଆମ ଗର୍ବ, ଗୌରବ ଓ ପରିଚୟ। ତେଣୁ ବର୍ତ୍ତମାନ ସମୟରେ ସେହି କଟକ ଚିନ୍ତା ବାଇମୁଣ୍ଡିକୁ ଟିକିଏ ବିଚାର କଲେ ଆମ ସହରର ଭାଇଚାରା ଓ ଗର୍ବ ଗୌରବର ଗାଥାର ମୁଖସାକ୍ଷୀ ହେଉଛି ଏହି ରିଂ ରୋଡ଼।


ଶ୍ରୀବିହାର କଲୋନୀ, କଟକ




# ରାଷ୍ଟ୍ର ନିର୍ମାଣ ଓ ପରୋପକାରର ପ୍ରତୀକ : ରତନ ଟାଟା

## ବାଦଲ ଭୂୟାଁ



ସଚ୍ଚୋଟତା, ନୈତିକ ନେତୃତ୍ୱ, ପରୋପକାର ଓ ବିନୟ ସ୍ୱଭାବର ପ୍ରତୀକ ଥିଲେ ରତନ ଟାଟା। ତାଙ୍କ ଜୀବନ ଯାତ୍ରାର ଉଜ୍ଜ୍ୱଳତା ସମଗ୍ର ବିଶ୍ୱକୁ ପ୍ରେରଣା ଯୋଗାଉଥିବାବେଳେ ତାଙ୍କ ଦେହାନ୍ତ ସହିତ ଏକ ଯୁଗର ଅବସାନ ଘଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଟାଟା ଗ୍ରୁପ୍‌କୁ ବିଶ୍ୱରେ ପରିଚିତ କରିବାରେ ସେ ଥିଲେ ବିନ୍ଧାଣି। ବ୍ୟବସାୟରେ ବିଚକ୍ଷଣ ଗୋଟି ଚାଳନାରେ ସେ ଥିଲେ ସିଦ୍ଧ ହସ୍ତ। ସାରା ଜୀବନ ଅବିବାହିତ ରହିଥିବା ରତନ ଟାଟା ସର୍ବଦା ଲୋକମାନଙ୍କ ମଙ୍ଗଳ ଚିନ୍ତା କରୁଥିଲେ। ତାଙ୍କ ଭଳି ଜଣେ ଶିଳ୍ପପତିଙ୍କୁ ହରାଇବା ଭାରତ ଲାଗି ଅପୂରଣୀୟ କ୍ଷତି ହୋଇଛି। ରତନ ଟାଟାଙ୍କ ଜୀବନରୁ ମିଳୁଥିବା ସବୁଠୁ ବଡ଼ ପ୍ରେରଣା ହେଉଛି ବଡ଼ ସ୍ୱପ୍ନ ଦେଖିବାକୁ ଭୟ କରନାହିଁ। ସ୍ୱପ୍ନ ଦେଖ ଓ ତାହାକୁ ପୂରଣ କରିବା ଲାଗି ଚେଷ୍ଟା କର। ପ୍ରଥମେ ଲୋକମାନେ ଉପହାସ କରିପାରନ୍ତି, କିନ୍ତୁ ସଫଳତା ମିଳିବା ପରେ ସମସ୍ତେ ତାହାକୁ ସ୍ୱୀକାର କରିବା ସହିତ ଗର୍ବିତ ହେବେ। ଟାଟା ଗ୍ରୁପ୍‌କୁ କେବଳ ଭାରତ ଭିତରେ ସୀମିତ ରଖିବାକୁ ରତନ ଟାଟା ଚାହୁଁ ନଥିଲେ। ତାହାକୁ ଏକ ବିଶ୍ୱ ପ୍ରସିଦ୍ଧ କମ୍ପାନୀରେ ପରିଣତ କରିବାକୁ ଚାହୁଁଥିଲେ। ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକୁ ଅଧିଗ୍ରହଣ କରି ସେ ସାରା ଦୁନିଆରେ ଟାଟାର ପଦଚିହ୍ନ ସୃଷ୍ଟି କରିପାରିଥିଲେ। ତାଙ୍କ ବୈପ୍ଳବିକ ଓ ଅଭିନବ ପଦକ୍ଷେପ ଲାଗି ଟାଟା ଦୁନିଆର କୋଣ ଅନୁକୋଣରେ ପହଞ୍ଚି ପାରିଥିଲା। ଏବେ ଟାଟା ଗ୍ରୁପର ଦୁଇ ତୃତୀୟାଂଶ ରାଜସ୍ୱ ବିଦେଶ ବଜାରରୁ ଆସୁଛି।

ଟାଟା ଗ୍ରୁପ ପ୍ରତିଷ୍ଠାତା ଜାମସେଦଜି ଟାଟା ଏବଂ ପୂର୍ବଜ ଜେଆରଡି ଟାଟାଙ୍କର ଦେଶର ଶିଳ୍ପ କ୍ଷେତ୍ରରେ ରହିଥିବା ସ୍ୱତନ୍ତ୍ର ଛାପକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରତନ ଟାଟା। ଟାଟା ସନ୍ସରେ ତାଙ୍କର ତିନି ଦଶନ୍ଧିର ନେତୃତ୍ୱରେ ସେ ନିଜକୁ ପୁନଃ ଆବିଷ୍କାର କରିବା ସହ ଅତ୍ୟନ୍ତ ଭଦ୍ର, ଉଦାରଶୀଳ ଏବଂ ଦକ୍ଷ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ି ତୋଳିଥିଲେ। ଟାଟା ସନ୍ସର ଅଧ୍ୟକ୍ଷ ହେବା ପରେ ରତନ ଟାଟା ଟାଟାଗ୍ରୁପ ପାଇଁ ଏକ ଅଭିନବ ଯୋଜନା ଗ୍ରହଣ କରିଥିଲେ। ଦେଶରେ ଲାଇସେନ୍ସ ରାଜ ଚାଲୁଥିବାବେଳେ ଟାଟା ଗ୍ରହଣ କରିଥିବା ଅଭିନବ ପଦକ୍ଷେପ ଅନେକଙ୍କ ଲାଗି ସ୍ୱପ୍ନ ଭଳି ଥିଲା। ଗୀତା ପିରାମଲ ତାଙ୍କ ପୁସ୍ତକ ବିଜନେସ ମହାରାଜାରେ ଲେଖିଛନ୍ତି ଉଦାରୀକରଣ ଆରମ୍ଭ ହେଉଥିବା ବେଳେ ଟାଟା ଗ୍ରୁପର କାୟାକଳ୍ପ ବଦଳାଇ ଦେବାକୁ ଅଣ୍ଟା ଭିଡ଼ିଥିଲେ ରତନ ଟାଟା। ନୂଆ ଟେକ୍ନୋଲୋଜି ଗ୍ରହଣ ସହ ଟାଟା ଗ୍ରୁପରେ ବଡ଼ ବ୍ରାଣ୍ଡ ଗୁଡ଼ିକର ମିଶ୍ରଣକୁ ସେ ଦେଇଥିଲେ ଅଗ୍ରାଧିକାର।

ଭାରତକୁ ବିଶ୍ୱ ଅର୍ଥନୀତିର ଏକ ପ୍ରମୁଖ ଅଂଶୀଦାର ଭାବେ ଦେଖିବାକୁ ତାଙ୍କର ସ୍ୱପ୍ନ ଥିଲା। ୨୦୦୦ରେ ବ୍ରିଟେନର ଚା ପ୍ରସ୍ତୁତକାରୀ ଫାର୍ମ ଟିଟଲି ଏବଂ ଷ୍ଟିଲ କମ୍ପାନୀ କୋରସକୁ ଟାଟା ଗ୍ରୁପ ୧୨ ବିଲିୟନ ଡଲାରରେ ଅଧିଗ୍ରହଣ କଲା। କୌଣସି ଭାରତୀୟ କମ୍ପାନୀ ପକ୍ଷରୁ ଏହା ସେ ସମୟର ବଡ଼ ଅଧିଗ୍ରହଣ ଥିଲା। ଏହା ପରେ ପରେ ୨୦୦୮ରେ ଟାଟା ଗ୍ରୁପ ଅନ୍ୟ ଏକ ପ୍ରମୁଖ ଡିଲ ଦ୍ୱାରା ଜାଗୁଆର ଏବଂ ଲ୍ୟାଣ୍ଡ ରୋଭରକୁ ମଧ ଅଧିଗ୍ରହଣ କରିନେଲା। ଇଣ୍ଡିକା ଭଳି ପ୍ରଥମ କାର କମ୍ପାନୀ ସ୍ଥାପନା, ନାନୋ ଭଳି ସୁଲଭ କାର ପରିକଳ୍ପନା କେବଳ ଟାଟା ହିଁ କରିପାରିଥିଲେ। ଇଣ୍ଡିକାକୁ ବାଣିଜ୍ୟିକ ସଫଳତା ମିଳିଥିବା ବେଳେ ନାନୋ ଏତେଟା ସଫଳତା ପାଇ ପାରିନଥିଲା। ୨୦୦୪ରେ ଟିସିଏସକୁ ପୁଞ୍ଜି ବଜାରରେ ସୂଚୀଭୁକ୍ତ କରାଇଥିଲେ ଟାଟା। ଏହି ସମୟରେ ୧.୧୭ ବିଲିୟନ ଡଲାର ପୁଞ୍ଜି ବଜାରରୁ ଉଠାଣ ହୋଇଥିଲା। ଏହା ସେ ସମୟର ଭାରତର ସର୍ବବୃହତ ଏବଂ ଏସିଆର ଦ୍ୱିତୀୟ ବଡ଼ ଆଇପିଓ ଥିଲା। ୨୦୨୧ରେ ଟାଟା ଗ୍ରୁପ ଏୟାର ଇଣ୍ଡିଆକୁ ଅଧିଗ୍ରହଣ କଲା। ସିଙ୍ଗାପୁର ଏୟାରଲାଇନ୍ସ ସହ ମିଳିତ ହୋଇ ସେ ଆରମ୍ଭ କରିଥିବା ଭିସ୍ତାରା ଏବେ ଏୟାର ଇଣ୍ଡିଆ ସହ ମିଶ୍ରଣ ହୋଇଛି।

ମୁମ୍ବାଇରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣରେ ମଧ ସେ ଲୋକମାନଙ୍କ ସହ ଠିଆ ହୋଇଥିଲେ। ରିଲଫ ପ୍ରଦାନ ଠାରୁ ଆରମ୍ଭ କରି ପୀଡ଼ିତ ମାନଙ୍କୁ ସାହାଯ୍ୟ କରିବା ପର୍ଯ୍ୟନ୍ତ ସବୁ କିଛିର ସେ ପ୍ରତ୍ୟକ୍ଷ ଭାବେ ଦେଖାଶୁଣା କରିଥିଲେ। ପଶୁପକ୍ଷୀଙ୍କୁ ସେ ବହୁତ ଭଲ ପାଉଥିଲେ। ଅଧିକାଂଶ ସମୟରେ ନିଜ ପୋଷାକ କୁକୁର ସହ ତାଙ୍କର ଫଟୋ ଦେଖିବାକୁ ମିଳୁଥିଲା। ନିଜ ବାସ ଭବନ ପାଖରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ଖୁଆଉଥିବାର ମଧ ତାଙ୍କୁ ଦେଖିବାକୁ ମିଳେ। ମୁମ୍ବାଇରେ ଥିବା ତାଜ ମହଲ ପ୍ୟାଲେସ ହୋଟେଲର ଦ୍ୱାରକୁ ବୁଲା ପଶୁଙ୍କ ଲାଗି ଖୋଲା ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ବର୍ଷା ଓ ଖରାପ ପାଣିପାଗ ପରିସ୍ଥିତିରେ ସେମାନଙ୍କୁ ଆଶ୍ରୟ ଦେବାକୁ କହୁଥିଲେ। ସେ ପଶୁଙ୍କ ପ୍ରତି ଦୟାଳୁ ଭାବ ଦେଖାଇବା ପରେ ଦେଶର ଅନେକ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ତାଙ୍କୁ ଅନୁସରଣ କରି ପଶୁଙ୍କ ଯତ୍ନ ନେଇଥିଲେ। ପଶୁଙ୍କୁ ଉଦ୍ଧାର କରି ତାଙ୍କ ଚିକିତ୍ସା କରୁଥିବା ବହୁ ସଂସ୍ଥାକୁ ସେ ସହଯୋଗ କରୁଥିଲେ। ଓଡ଼ିଶା ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା। ଓଡ଼ିଶାରେ କଳିଙ୍ଗନଗର ପ୍ରୋଜେକ୍ଟ ଠାରୁ ଗୋପାଳପୁର ପର୍ଯ୍ୟନ୍ତ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ଭବ ହୋଇପାରୁଥିଲା। ବିଶେଷକରି ଓଡ଼ିଶା ଲିଭେବଲ ହାବିଟାଟ୍ ମିଶନ ମାଧ୍ୟମରେ ବସ୍ତୀ ବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନରେ ରତନ ଟାଟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ରତନ ଟାଟା କେବଳ ଜଣେ ସାଧାରଣ ମଣିଷ ନଥିଲେ। ରାଷ୍ଟ୍ର ନିର୍ମାଣ, ଉଦ୍ଭାବନ ଓ ପରୋପକାର ପ୍ରତି ତାଙ୍କର ନିରନ୍ତର ସମର୍ପଣ ଏକ ଅବିସ୍ମରଣୀୟ ଛାପ ଛାଡ଼ିଛି।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର





## ତୁମ ଶୁଭ ଆଶୀର୍ବାଦେ...

### ରାମଚନ୍ଦ୍ର ବେହେରା



ସୁଖ ଦୁଃଖ ଭରା ଜୀବନ କାହାଣୀ
ଛାଇ ଆଲୁଅର ଖେଳ
ତୁମେ ଆଦି ଅନ୍ତ ହେ ପରମେଶ୍ୱର
ସବୁ କାହାଣୀର ମୂଳ।

ଭିନ୍ନ ସ୍ୱରୂପରେ ସବୁରି ଭିତରେ
ତୁମ ସତ୍ତା ବିଦ୍ୟମାନ
ତୁମେ ନିରାକାର ଅନନ୍ତ ଈଶ୍ୱର
ତୁମେ ସର୍ବ ଶକ୍ତିମାନ।

ତୁମେ ଚାରି ଯୁଗ ତୁମେ ଚାରି ବେଦ
ତୁମେ ବ୍ରହ୍ମ ତୁମେ ନାଦ
ତୁମେ ବର୍ତ୍ତମାନ ତୁମେ ହିଁ ଅତୀତ
ତୁମେ ପ୍ରଭୁ ଭବିଷ୍ୟତ।
ତୁମେ ତପସ୍ୟାର ତପୋବନ ପ୍ରଭୁ
ସମାଧାନ ସମସ୍ୟାର
ତୁମେ ବେଦନାର ଉପଚାର ପ୍ରଭୁ
କରୁଣାର ଅବତାର।

ସୁଖ ଦୁଃଖ ରୂପୀ ଜୀବନ ଯାତ୍ରାରେ
ଛାର ମାନବ ମୁହିଁଟି
ତୁମ ଇଛା ମତେ ଯାହା ଦେବ ପ୍ରଭୁ
ସାଦରେ ନେବି ସାଉଁଟି।

ମୋହ ବନ୍ଧନରୁ ମୁକୁଳାଇ ପ୍ରଭୁ
ବାନ୍ଧିଦିଅ ଭାବ ଡୋରେ
ମିଛ ଦୁନିଆଁକୁ ତୁଚ୍ଛ ମଣୁଥିବି
ରହି ତୁମ ପାଦ ତଳେ।

ଭାବ ପରା ଏକ ଅଛିଣ୍ଡା ସମ୍ପର୍କ
ତୁମେ ଥିବ ମୋର ସାଥେ
ତୁମ ନାମ ଧାୟୀ କାଳ କାଟୁଥିବି
ତୁମ ଶୁଭ ଆଶୀର୍ବାଦେ।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ସୁର ତରଙ୍ଗିଣୀ

### ବେଣୁଧର ସୂତାର



ଧୂର୍ଜଟି ଜଟା ମଣ୍ଡିତା ମୁଁ ଗଙ୍ଗା
ବିଷ୍ଣୁ ପଦ ସୃତ ସୁରଧୁନୀ
ତ୍ରିପଥ ଗାମିନୀ ପୀୟୂଷ ପ୍ଳାବିନୀ
ଗତିଶୀଳା ଏକ ଯାଜ୍ଞସେନୀ ।।

ବିଷ୍ଣୁପଦୀ ମୁଁ ଯେ ବିଷ୍ଣୁପଦରୁ
ଅବତରୀ ଆସି ଧରାତଳ
ଚିରନ୍ତନୀ ମୁହିଁ ଚିନ୍ମୟୀ ନଇ
ଦୁର୍ବାର ଗତି ମୋ ଚିରକାଳ ।।

ଦୁର୍ଗମ ପଥ ଚାରିଣୀ ମୁଁ ସଦା
ଅତଳେ ବିତଳେ ମହୀ ବକ୍ଷେ
ସ୍ୱର୍ଗରୁ ଆସି ମୁଁ ବହୁଛି ଧରାରେ
ଜୀବାତ୍ମା ମୁକ୍ତିର ମହାଲକ୍ଷ୍ୟେ ।।

ଭୂଦେବୀର ମୁଁ ଯେ ମାନସ କନ୍ୟା
ଭୂମା ଠାରୁ କେବେ ନୁହେଁ ଭିନ୍ନ
କରୁଣା ସଲିଳ ବିତରି ବିତରି
ଆୟୁଷ ହୋଇନି କଦା କ୍ଷୁର୍ଣ୍ଣ ।।

ପବିତ୍ର ସଲିଳା ଲାବଣ୍ୟ ମଞ୍ଜୁଳା
ଏ ଧୂଳି ଧରଣୀ ବିପୁଳ ଅଙ୍ଗେ
ସ୍ନେହ ସଞ୍ଚିତ ଅନ୍ତର ମୋହର
ଦିବ୍ୟରୂପା ଦୟାମୟୀ ମୁଁ ଗଙ୍ଗେ।

କେତେମରୁପଥେ ଭରିଦେଇଛି ମୁଁ
ଜୀବନର ମୁଗ୍ଧ ମାଧୁରିମା
ଚିର ବତ୍ସଳା ମୋ ଉପକୂଳ ଧାରେ
ସୃଜନରେ ଭରା ସବୁଜିମା ।।

ପୂତ ପୟୋଧାରେ ହରିମୁଁ ନେଇଛି
ଏ ମାଟି ମଣିଷ କ୍ଲେଶ କଲୁଷ
ମନ୍ଦାକିନୀ ମୁଁ ଯେ ମନ୍ଦ୍ର ଗାମିନୀ
ତୋଷଦାନେ ଭବ ଆଶୁତୋଷ ।।


ବନ୍ଧନ ଏଡାଇ ବନ୍ଧୁର ପଥେ ମୁଁ
ଜଗତେ ଦେଖାଏ ମୁକ୍ତି ମାର୍ଗ
ମୃତ୍ୟୁଞ୍ଜୟା ମୁହିଁ ମର୍ତ୍ତ୍ୟରେ ବହୁଛି
ତ୍ୟାଗ କରି ସୁଖ ଭୋଗ ସ୍ୱର୍ଗ ।।

ଅନେକ ସ୍ମୃତିର ଅଭିଲେଖ ଲେଖି
ମୋ ପବିତ୍ର ପୂତ ପୟୋଧାରେ
ଚିର ଅମଳିନ ଅଭିଯାନ ପଥେ
ବହୁଥାଏ ମୁହିଁ ନିର୍ବିକାରେ ।।

ସଦା ବନ୍ଦିତା ମୁଁ ଅଭିନନ୍ଦିତା
ପାପ ବିମୋଚନୀ ଦୁଃଖ ହାରିଣୀ
ଦୀନ ଦୁର୍ଗତର ଦୁର୍ଗତି ନାଶିନୀ
ସ୍ନେହ ମମତାର ତପଷ୍ୱାରିଣୀ ।।

ତ୍ରିତାପ ନାଶିନୀ ପତିତ ପାବନୀ
ମୋକ୍ଷ ଓ ମୁକ୍ତିର ଜନନୀ ଗଙ୍ଗା
ଧୂଳି ସରଗର ଜୀବନ ଜାହ୍ନବୀ
ସର୍ବାର୍ଥ ସାଧିକା ଶକ୍ତିରେ ରଙ୍ଗା ।।


କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୩୯



ଡ.ସିନ୍ଧୁ ସେନ୍

ଯେଉଁ ସ୍ୱର୍ଣ୍ଣପୁରୀ ଲଙ୍କାକୁ ଏତେ ଯତ୍ନରେ ଗଢ଼ିଥିଲି ତାକୁ ଶ୍ମଶାନରେ ପରିଣତ କରିଦେଲି । ନିଜ ସ୍ୱାର୍ଥ ପାଇଁ ଅନେକଙ୍କର କ୍ଷତି କରିଦେଲି । ମୋରି ପାଇଁ କେବଳ ମୋରି ପାଇଁ ଲଙ୍କାର ଚତୁର୍ଦ୍ଦିଗରେ ହୁତୁହୁତୁ ହୋଇ ନିଆଁ ଜଳୁଥିଲା । ସେହି ନିଆଁର ଲେଲିହାନ ଶିଖା ମୋତେ ବିଦ୍ରୁପ କରୁଥିଲା । ଏବେବି ମୁଁ ସେ ବହ୍ନିଶିଖାର ଉତ୍ତାପକୁ ହୃଦୟଙ୍ଗମ କରିପାରୁଛି । ମୋତେ ତେଣୁ ଦୁରନ୍ତ ଶିଖା ନକହି ଆଉ କ'ଣ କହିହେବ ।

ମୋ ସମ୍ମୁଖରେ ପ୍ରଭୁ ଶ୍ରୀରାମ, ଶାନ୍ତ, ସ୍ନିଗ୍ଧ, ତେଜୋଦୀପ୍ତ ମୁଖମଣ୍ଡଳ । ସେ କିନ୍ତୁ ମୋତେ ଠିକ୍ ବୁଝିଛନ୍ତି, ମୋତେ ଠିକ୍ ଜାଣିଛନ୍ତି । ନହେଲେ କେବଳ ମୋରି ପାଇଁ ତାଙ୍କୁ ଏତେ କଷ୍ଟ କରିବାକୁ ପଡ଼ନ୍ତା କାହିଁକି, ଆଜି ଜୀବନର ଅନ୍ତିମ ମୁହୂର୍ତ୍ତରେ ମୋର ଅତୀତର ଅନେକ ସ୍ମୃତି ମନକୁ ଆସୁଛି ସତ ହେଲେ ମୋର ଯେ ଆହୁରି ଅନେକ କଥା କହିବାକୁ ବାକି ଅଛି । ମୋ ମୁଣ୍ଡ ଉପରେ ଆକାଶ, କାନଡେରି ସବୁ ଶୁଣୁଛି । ଏ ପର୍ଯ୍ୟନ୍ତ ମୁଁ ତ କେବଳ ମୋ ଭାଇ, ଭଗିନୀ, ପତ୍ନୀଙ୍କ କଥା ହିଁ କହିଛି । ହେଲେ ମୋ ଜୀବନ କାହାଣୀ ଯେ ଅନେକ ଦୀର୍ଘ । ମୁଁ ତେଣୁ ମୋର ଶେଷ ନିଃଶ୍ୱାସ ଚାଲିଥିବା ପର୍ଯ୍ୟନ୍ତ ବାକି କଥା ସବୁ କହିଦିଏ । ନହେଲେ ମୋ କାହାଣୀ ଯେ ଅଧା ରହିଯିବ । ହେ ପ୍ରଭୁ ଶ୍ରୀରାମ, ଅନ୍ତତଃ ପକ୍ଷେ ମୋର ଏ କାହାଣୀ ଶେଷ ପର୍ଯ୍ୟନ୍ତ ଅପେକ୍ଷା କର..

॥ ଅଠର ॥

ଆଦ୍ୟ ହେମନ୍ତର ଏକ ଉଦାସ ସକାଳ । ଯେମିତି ଏକ ଅସ୍ଫୁଟ ସଂଗୀତର ଅଶ୍ରୁତ ସ୍ୱର । ମୋ ମନ ମଧ୍ୟରେ ଝଙ୍କୃତ ହେଉଥିଲା ସେ ସ୍ୱରର ଧ୍ୱନି । ମୋ ନିଜସ୍ୱ କାର୍ଯ୍ୟକଳାପ ସମଗ୍ର ଲଙ୍କାରେ ଏକ ଭୟର ବାତାବରଣ ଖେଳା ଦେଇଥିଲା । ଫଳସ୍ୱରୂପ ହିଂସା ଓ ଲୁଟତରାଜ ନିଆଁ ଜଳିବା ଆରମ୍ଭ ହୋଇଯାଇଥିଲା । ତାଛଡ଼ା ମୋ ପକ୍ଷରେ ଅନ୍ୟ କିଛି ବିକଳ୍ପ ପନ୍ଥା ମଧ୍ୟ ନଥିଲା । ମୁଁ ଯାହା ବି କରିଥିଲି, ତାହା ମୋ ବିଚାରରେ ଠିକ୍ କରିଥିଲି । କାରଣ ରାକ୍ଷସ ସଂସ୍କୃତିର ବିକାଶ ପାଇଁ ଆର୍ଯ୍ୟସଂସ୍କୃତିକୁ ଧ୍ୱଂସ କରିବାକୁ ପଡ଼ିବ । ଏ ବିଚାରଧାରା ମୋ ପାଇଁ ଠିକ୍ କି ଭୁଲ୍, ତାହା ଜାଣିବାର ଆବଶ୍ୟକତା ମୋ ପାଇଁ ଜରୁରୀ ନୁହେଁ । କାରଣ ରାକ୍ଷସ ସଂସ୍କୃତିକୁ ପ୍ରତିଷ୍ଠା କରିବା ମୋର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ । ମୁଁ ତେଣୁ ସେ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇପାରନ୍ତି କେମିତି ?

ସେଦିନ ମୁଁ ଦଶଶିର ଓ ବିଂଶବାହୁ ରୂପଧରି ସିଂହାସନରେ ବସିଥିଲି । ରାଜ ପାରିଷଦର ଅନ୍ୟାନ୍ୟ ସଦସ୍ୟ ମାନେ ନିଜନିଜ ଜାଗାରେ ବସିଥିଲେ । ବେଶ୍ ନିରବତା, ଶୃଙ୍ଖଳିତ ବାତାବରଣ ମଧ୍ୟରେ ରାଜସଭା ଚାଲିଥିଲା । ଲଙ୍କାର ଦୂତ ଆସି ମୋତେ ଅଭିବାଦନ ଜଣାଇ କହିଲା ମହାରାଜ, ଅଳକାପୁରୀରୁ ଦୂତ ଆପଣଙ୍କ ଦର୍ଶନପ୍ରାର୍ଥୀ । ସମ୍ବାଦଟି ମୋତେ ଖୁବ୍ ଆନନ୍ଦ ଦେଇଥିଲା । କାରଣ ବହୁତଦିନ ହେଲା କୁବେର ଭାଇଙ୍କର ଖବର କିଛି ପାଇ ନଥିଲି । ବଡ଼ଭାଇଙ୍କ ପ୍ରତି ମୁଁ କରିଥିବା ଅନ୍ୟାୟ ପାଇଁ ପ୍ରକୃତରେ ମୁଁ କ୍ଷମାର ଯୋଗ୍ୟ ନଥିଲି । ତଥାପି ଭାଇ ମୋର କେତେ ମଂଗଳାକାଂକ୍ଷୀ, ଉଦାର ପ୍ରକୃତିର ନହେଲେ ସେ ମୋ ପ୍ରତି କୌଣସି ଅସୂୟା ଭାବ କରଖି ମୋତେ ଏବେବି ସ୍ନେହ କରନ୍ତି । ଆଉ ମୋ ଭଲମନ୍ଦ ଜାଣିବା ପାଇଁ ଦୂତ ପଠାଇଛନ୍ତି । ମନ କହୁଥିଲା ଭାଇ ଯଦି ନିଜେ ଆସିଥାନ୍ତେ, ତାଙ୍କୁ ଟିକିଏ ଆଲିଙ୍ଗନ କରି କୃତଜ୍ଞତା ଜଣାନ୍ତି । ସତରେ, ମୁଁ କେତେ ଅନ୍ୟାୟ ନ କରିଚି ଭାଇ ପ୍ରତି ।

ଅଳ୍ପସମୟ ମଧ୍ୟରେ ଆମ ଲଙ୍କାର ରାଜସେବକଙ୍କ ସହ ଅଳକାପୁରୀର ଦୂତ ରାଜସଭା ମଧ୍ୟକୁ ପ୍ରବେଶ କରି ମୋତେ ଅଭିବାଦନ ଜଣାଇଲା । ତାଙ୍କୁ ଆସନ ଗ୍ରହଣ କରିବାକୁ ଅନୁରୋଧ କରି ଧନପତି କୁବେରଙ୍କ କୁଶଳ ଜିଜ୍ଞାସା କଲି ଏବଂ ଏଠିକୁ ଆସିବାର ଅଭିପ୍ରାୟ ଜିଜ୍ଞାସା କଲି ।

ଦୂତ କିନ୍ତୁ କିଛିଟା ଆତଙ୍କିତ ମଧ୍ୟରେ କହିଲେ, ଆମ ରାଜା ମୋ ହାତରେ ଆପଣଙ୍କ ପାଇଁ ଏକ ସନ୍ଦେଶ ପଠାଇଛନ୍ତି । ଆପଣ ଯଦି ଆଜ୍ଞା ପ୍ରଦାନ କରି ଅଭୟ ଦେବେ ତେବେ ମୁଁ ସର୍ବସମ୍ମୁଖରେ ଏହା ବ୍ୟକ୍ତ କରିବି ।

ଆରେ ଏଥିରେ ଭୟ କରିବାର କ'ଣ ଅଛି । ତୁମେ ତ ଦୂତ ମାତ୍ର । କୁହ ଯକ୍ଷରାଜ କି ସନ୍ଦେଶ ପ୍ରେରଣ କରିଛନ୍ତି ।

ଦୂତ ମୁହଁରୁ ମୁଁ କିନ୍ତୁ ଯାହା ଶୁଣିଲି, ସେଥିରେ ମୋର ରକ୍ତ ତାତି ଉଠିଲା । କୁବେର ଭାଇ ପରୋକ୍ଷରେ ମୋ ବିରୁଦ୍ଧାଚରଣ କରି ମୋତେ ଧର୍ମର ଉପଦେଶ ଦେଇଛନ୍ତି । ମୁଁ କୁଆଡ଼େ ଖୁବ୍ ଅଧର୍ମୀ, ଆଉ ଅତ୍ୟାଚାରୀ ହୋଇଗଲିଣି । ଶୁଭାକାଂକ୍ଷୀ ଭାବେ ସେ ତେଣୁ ସତର୍କ କରାଇ ଦେଇଛନ୍ତି । ମୋର କାର୍ଯ୍ୟକଳାପ ଯେ ପିତାଙ୍କ ପ୍ରତି ଅପମାନ, ଏକଥା ମଧ୍ୟ ଚେତାଇ ଦେଇଛନ୍ତି ।

ମୁଁ ରାବଣ, ରାକ୍ଷସ ମାତାଙ୍କ ରକ୍ତ ମୋ ଧମନୀରେ ପ୍ରବାହିତ । ମୋ ରକ୍ତରେ ଶୀତଳତା ପରିବର୍ତ୍ତେ ଭରି ରହିଛି ଉଷ୍ଣତା । ଯାହା ବାଷ୍ପୀଭୂତ ହୋଇ ମୋର ସମଗ୍ର ଅଂଗ ପ୍ରତ୍ୟଙ୍ଗରେ ବଢ଼ାଇ ଦେଇଛି ତାତି । ମୋତେ ପୁଣି ସାମାନ୍ୟ ଦୂତ ଦେବ ଉପଦେଶ । ଭାବିପାରୁ ନଥିଲି ଏକଥା କହିବାକୁ ଦୂତର ସାହସ ହେଲା କେମିତି ? ତାଛଡ଼ା ବଡ଼ଭାଇ କ'ଣ ଜାଣନ୍ତି ନାହିଁ ରାବଣ କ'ଣ ? ସେ ବା କେମିତି ଦୂତ ହାତରେ ଏଭଳି ବାର୍ତ୍ତା ପଠାଇ ପାରିଲେ । ଅତ୍ୟଧିକ କ୍ରୋଧରେ ମୋର ସର୍ବାଙ୍ଗ କମ୍ପି ଉଠୁଥିଲା । ଦୂତ ମୁହଁରୁ ଆଉ କିଛି ଶୁଣିବାକୁ ଧୈର୍ଯ୍ୟ ମୋର ନଥିଲା । ସଂଗେସଂଗେ ଦୂତକୁ ବନ୍ଦୀ କରି ହତ୍ୟା କରିବାପାଇଁ ଆଦେଶ ଦେଲି । ଲକ୍ଷ୍ୟ କଲି ବିଭୀଷଣ ନିଜ ଆସନରୁ ଛିଡ଼ା ହୋଇ ହାତଯୋଡ଼ି କହିଲେ ମହାରାଜ ଆପଣ ଦୂତକୁ ଅଭୟ ଦେଇ ସାରିଛନ୍ତି । ତାଛଡ଼ା ଏଥିରେ ଦୂତର ବା ଦୋଷ କ'ଣ ? ସେ ତ କେବଳ ତାଙ୍କ ରାଜାଙ୍କର ଆଦେଶ ପାଳନ କରିଛି । ତାଙ୍କୁ ଏମିତି ଭାବେ ବଧ କରିବା ଘୋର ଅନ୍ୟାୟ । ଆଉ ଜଣେ ରାଜ୍ୟର ଶାସକ ଭାବେ ଏଭଳି ଅଧର୍ମ କାର୍ଯ୍ୟକୁ କେହି ବି କ୍ଷମା କରିବେନି ।

ବିଭୀଷଣ ମୋତେ ଧର୍ମର ବାଣୀ ଶୁଣାଉଥିଲା । ହେ ଲଙ୍କେଶ, ଧର୍ମ ଏଭଳି କିଛି ନୁହେଁ, ଯାହାକୁ ମନୁଷ୍ୟର କାର୍ଯ୍ୟକଳାପରୁ ବିଚ୍ଛିନ୍ନ କରାଯାଇ ପାରିବ । ମନୁଷ୍ୟର ସକଳ କାର୍ଯ୍ୟ ଧର୍ମର ନୈତିକ ଭିତ୍ତି ଉପରେ ଅବଲମ୍ବିତ ହେବା ଉଚିତ୍ । ମନୁଷ୍ୟର କାର୍ଯ୍ୟାବଳୀକୁ ସାମାଜିକ, ଅର୍ଥନୈତିକ, ରାଜନୀତିକ ତଥା ଧର୍ମ ସମ୍ପର୍କୀୟ ଭାବେ ପୃଥକ କରାଯାଇ ପାରେନା । ଧର୍ମ ସହିତ ସମ୍ପର୍କ ଶୂନ୍ୟ ହେଲେ ମନୁଷ୍ୟର କାର୍ଯ୍ୟ ତାକୁ ଅନ୍ଧକାର ମଧ୍ୟକୁ ନେଇଯିବ ।

ମୁଁ ଲଙ୍କାର ଅଧିପତି ରାବଣ । ବିଭୀଷଣ ମୋତେ ଧର୍ମ, ଅଧର୍ମର ସଂଜ୍ଞା ଶୁଣାଉଛି । ସେ କେମିତି ଜାଣିବ, ମୁଁ ଅନେକଦିନରୁ ଧର୍ମ, ଅଧର୍ମକୁ ଜୟ କରିଯାଇଛି ବୋଲି, ମୁଁ କେବଳ ଏତିକି ଜାଣିଛି ଧର୍ମ ମୋତେ ସ୍ୱର୍ଗକୁ ନେବନି କି ନର୍କକୁ ମଧ ନୁହେଁ । ବିଭୀଷଣ କିନ୍ତୁ ପ୍ରାଣପଣେ ମୋତେ ବୁଝାଇବାରେ ଲାଗିଥାଏ । ଏମିତି ଅକର୍ମ କରନ୍ତୁନାହିଁ ମହାରାଜ । ଦେବତା ମାନେ ମଧ ଏ ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିଥାନ୍ତି । ମୁଁ କିନ୍ତୁ ବିଭୀଷଣର ଉପେଦଶକୁ ମାନିନେବାକୁ ପ୍ରସ୍ତୁତ ନଥିଲି । ଭାବୁଥିଲି ଜ୍ୟେଷ୍ଠ ଭାଇଙ୍କର ଅହଂକାର ବଢ଼ି ଯାଇଛି । ଆଉ ତାଙ୍କୁ ଉଚିତ ଜବାବ ଦେବାକୁ ହେଲେ ମୋତେ ତାଙ୍କ ପ୍ରେରିତ ଦୂତକୁ ହତ୍ୟାକରି କୁବେରଙ୍କ ସହ ଯୁଦ୍ଧ ଘୋଷଣା କରିବାକୁ ପଡ଼ିବ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୬୪ ॥

ଅରିଷ୍ଟ ନେମୀ ଦେଖିବାକୁ ନିଜ ପିତାଙ୍କ ପରି ଦୀର୍ଘ ଦେହୀ, ଗୌର ବର୍ଣ୍ଣ , ସରୁ, ଲମ୍ବା ନାସା, ନୀଳ ଚକ୍ଷୁ ଏବଂ ମାତାଙ୍କ ପରି ଉତ୍ତମ ସଂସ୍କାରଘେନି ଜନ୍ମ ଗ୍ରହଣ କରିଥିଲେ । ସମସ୍ତ ବିଦ୍ୟା ଗୁଡ଼ିକ ରେ ନିପୁଣତା ତାଙ୍କୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିପାରିଥିଲା । ଦକ୍ଷ ପ୍ରଜାପତିଙ୍କର ଅଧିକାଂଶ କନ୍ୟା ତାଙ୍କ ପାଇଁବାକ ଦତ୍ତ । ଥିଲେ । କିନ୍ତୁ ଏବେ ସେମାନଙ୍କର ବିବାହ ପାଇଁ ଉପଯୁକ୍ତ ବୟସ ହୋଇ ନଥିଲା । ନିଜେ ଅରିଷ୍ଟ ନେମୀ ଆଦୌ କୁସଂସ୍କାର ବିବାହ ପ୍ରତି ଆଗ୍ରହୀ ନଥିଲେ ।

ତାଙ୍କ ସହିତ ତାକ୍ଷ, ତ୍ୱଷ୍ଟା ଓ କୁଶାଶ୍ୱମଧ କର୍ମରତ ଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ, ଖୁବ୍ କମ୍ ବର୍ଷ ମଧ୍ୟରେ ଏହି ପୃଥିବୀରେ ଏକ ମହା ପ୍ରଳୟ ସୃଷ୍ଟି ହେବ । ସେତେବେଳେ ମହାପ୍ରଳୟ ସଂଗଠିତ ହେବା ପୂର୍ବରୁ ସେ ମୃତ ପ୍ରାଣୀ ମାନଙ୍କର ଜୀବକୋଷିକା ଗୁଡିକୁ ସଂଗ୍ରହ କରି, କିମ୍ବା ଜୀବିତ ପ୍ରାଣୀ ମାନଙ୍କୁ ଆଣି ସେମାନଙ୍କୁ ତାଙ୍କର ନାଭି ଥିବା ସେହି କାଷ୍ଠ ନିର୍ମିତ ବିଜ୍ଞାନ ଶାଳା ମଧ୍ୟରେ ଥିବା ଏକ ଗର୍ଭଗୃହ ମଧ୍ୟରେ ସଦ୍ୟମୃତ ଜୀବକୋଷ ମାନଙ୍କ ସହ ଜୀବନ୍ତ ସଂରକ୍ଷିତ କରି ରଖା ଯିବା ଉଚିତ୍ ।' ଅରିଷ୍ଟ ନେମୀ ପିତାମହଙ୍କ ଆଦେଶ ପାଇ ସେହି କାଷ୍ଠ ନିର୍ମିତ ଗୃହରେ ନିଜର ବିଜ୍ଞାନ ଶାଳା ସଜାଡ଼ି ବାରେ ଲାଗି ପଡ଼ିଲେ । ଏହା ପୂର୍ବରୁ ଗଢି ଉଠିଥିବା ସୁମେରୀୟ ସଭ୍ୟତାରେ ଅନେକ ବିଜ୍ଞାନ ଉପକରଣ ପ୍ରସ୍ତୁତ ହୋଇ ଥିଲା । ସେ ନିଜ ବିଜ୍ଞାନ ଶାଳାରେ ସୂର୍ଯ୍ୟ ଘଡି, ବାର୍ଷିକ ପଞ୍ଜିକା, ନୂତନ ପ୍ରସ୍ତୁତ ନୌକା, ରଥ,ଉଡନ୍ତା ଯାନ, ତରବାରୀ, ଅଗ୍ନିବାଣ, ସିଲ୍, ପ୍ରଲେପ ଆଦି ପ୍ରସ୍ତୁତ କରି ସାଇତି ରଖିଲେ । ବିଶେଷ ଭାବେ ସେ ନୂତନ ସୃଷ୍ଟି ସର୍ଜନା କରିବାର ଥିବାରୁ ସେ ଜୀବ ବିଜ୍ଞାନ ପ୍ରତି ଅଧିକ ଧ୍ୟାନ ଦେଇଥିଲେ । ସେତେବେଳକୁ ମିଶର୍‌ରେ ମୃତ ଫାରୋ ରାଜାମାନଙ୍କ ଶବ ଗୁଡ଼ିକ ବିଭିନ୍ନ ପ୍ରଲେପ ବୋଳି ଜୀବନ୍ତ ରଖାଯାଉଥିଲା । ଏହି ପ୍ରଜାପତିମାନେ ବିଭିନ୍ନ ଜାତି ଓ ପ୍ରଜାତିର ମାନବ ଶବ ଗୁଡ଼ିକ ସଂଗ୍ରହ କରି ପ୍ରଲେପ ଦେଇ ଗର୍ଭଗୃହ ମଧ୍ୟରେ ସାଇତି ରଖିଲେ । ଏହାବ୍ୟତୀତ ବହୁ ଦୁର୍ଲ୍ଲଭ ପ୍ରାଣୀ, ପ୍ରାଚୀନ ଜୀବ ମାନଂକ ମେରୁଦଣ୍ଡ, ସେମାନଙ୍କ ଶୁକ୍ରାଣୁ, ଦିମ୍ବାନୁ, ଜୀବ କୋଷ, ମଞ୍ଜି ଓ ଶାଖା ଆଦି ସାଇତି ରଖିଲେ ।

ସମୟ କ୍ରମେ ସେହି ଯୋଗୀ ଯୁବ ବୈଜ୍ଞାନିକଙ୍କ ନିକଟକୁ ଦକ୍ଷ ପ୍ରଜାପତି ଆଗ ମନ କଲେ ଏବଂ ନୂତନ ସୃଷ୍ଟି କରିବାର ସାଧନା ଆରମ୍ଭ କଲେ । ଦିନେ ନିଜେ ପ୍ରଜାପତି ବ୍ରହ୍ମା ଯୋଗ ବଳରେ ପୌତ୍ର କଶ୍ୟପଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ କହିଲେ,'ସୁପୌତ୍ର କଶ୍ୟପ,ଏବେ ଦକ୍ଷ ପ୍ରଜାପତି ନୂତନ ସୃଷ୍ଟି କାର୍ଯ୍ୟରେ ମଗ୍ନ ରହିବେ । ସେ କେବଳ ଷାଠିଏଟି କନ୍ୟା ସନ୍ତାନ ସୃଷ୍ଟି କରିବେ । ତୁମେ ଆଉ ବିଳମ୍ବ ନକରି ମୋର ପରାମର୍ଶରେ ପୁରୁଷ ପ୍ରାଣୀ ମାନଙ୍କୁ ସୃଷ୍ଟି କର । ଯେଉଁ ମାନଙ୍କ ମଧ୍ୟରେ ଯୋଗ ବଳରେ ତୁମେ ସ୍ୱୟଂ ନିଜର ଆତ୍ମାକୁ ପରକାୟା ପ୍ରବେଶ କରାଇ ସଙ୍ଗମ କରିବ ଏବଂ ମୈଥୁନଜ ପ୍ରାଣୀମାନେ ଜନ୍ମ ହେବେ ।''

'ଯେପରି ଆଜ୍ଞା ।' ଏହାକହି କଶ୍ୟପ ପିତାମହଙ୍କର ପରାମର୍ଶରେ ନିଜ ବିଜ୍ଞାନ ଶାଳା ମଧ୍ୟରେ ବସି ଚିନ୍ତା କଲେ ଯେ, ମୋ ପାଖରେ ସୃଷ୍ଟିର ଉପାଦାନମାନ ରହିଅଛି । କିନ୍ତୁ ସୃଷ୍ଟି କରିବାର ଉପାୟ ଜାଣିବି କିପରି ? ଏହା ଜାଣିବା ପାଇଁ ମୋତେ କୌଣସି ଏକାନ୍ତ ସ୍ଥାନକୁ ଯାଇ ଭଗବାନ ବିଷ୍ଣୁ ଙ୍କ ପାଇଁ ତପସ୍ୟା କରିବା ଉଚିତ । କାରଣ, ମୋର ଏହି କଟା ନାଭିର ଶକ୍ତି ବଳରେ ହୁଏତ ଉପାଦାନ ଗୁଡ଼ିକୁ ଆସନ୍ତା ପ୍ରଳୟ ପର୍ଯ୍ୟନ୍ତ ଜୀବନ୍ତ ରଖାଯାଇ ପାରିବ ନାହିଁ । ଏହି ସୁରକ୍ଷାକୁ ଚିରସ୍ଥାୟୀ କରିବାକୁ ହେଲେ ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା ପ୍ରୟୋଜନ ।'


ଏହା ଚିନ୍ତା କରି ସେ ତପସ୍ୟା ଉଦ୍ଦେଶ୍ୟରେ କାଶ୍ମୀର ଉପତ୍ୟକାରେ ପହଞ୍ଚି ଗଲେ । ଏହି କାଶ୍ମୀର ଥିଲା ଏକ ଜଳ ଶୁଷ୍କ ପ୍ରାକୃତିକ ସୌନ୍ଦର୍ଯ୍ୟର ସ୍ୱର୍ଗଭୂମି । ଏହା ଯେପରି ନିର୍ଜନ, ସେହିପରି ଶାନ୍ତ ଥିଲା । ସେତେବେଳକୁ ପ୍ରିୟ ବ୍ରତଙ୍କ ପୁତ୍ରମାନେ ସାତଟି ଦ୍ୱିପ କୁ ନିଜ ସନ୍ତାନ ମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିବାରୁ ଚାରି ଆଡେ କ୍ଷୁଦ୍ର, କ୍ଷୁଦ୍ର ରାଜ୍ୟ ସବୁ ଗଢି ଉଠିଥିଲା । ଏଣେ ଚାରିଆଡ଼େ ଲୋକ ମୁଖରେ ପ୍ରଚାର ହୋଇ ଗଲା ଯେ, କଶ୍ୟପ ଅସୁରମାନଙ୍କୁ ମାରିବା ପାଇଁ ତପସ୍ୟା କରୁଛନ୍ତି । ଆଉ କେତେକ କହିଲେ ଯେ, କଶ୍ୟପମିର ଗ୍ରୀସର ବିଶପ ଓ ସୁମେରୁର ପୁରୋହିତଙ୍କ ପରି କାଶୀ ରାଜାଙ୍କ କକ୍ଷ ଅପ୍ ବା ସଭା କକ୍ଷର ଅଧିପତି ଓ ଯୁଦ୍ଧ, ରାଜସ୍ୱ ବିଭାଗର ସର୍ବୋଚ୍ଚ କର୍ତ୍ତା ହେବେ । ନୂତନ ପ୍ରଜା ସର୍ଜନା କରିବା ପାଇଁ ସେ ତପସ୍ୟା କରୁଛନ୍ତି । ଆଉ କେତେକ କହିଲେ, ତାଙ୍କ ବିଜ୍ଞାନ ସର୍ଜନା ଦେଖି, ଦେଶ, ବିଦେଶରୁ ତାଙ୍କ ପାଦ ତଳେ ସମ୍ପଦ ଅଜାଡ଼ି ହୋଇ ପଡୁଛି । ସେହି ଅମୀର ଏବଂ ଅମର କଶ୍ୟପଙ୍କ ଏହି ତପସ୍ୟା ସ୍ଥାନ, ଏହି ହ୍ରଦ ସହ ତାଙ୍କ ନାମ ଅନୁସାରେ କାଶ୍ମୀର ରହିବା । କ୍ରମେ ଅନ୍ୟାନ୍ୟ ପ୍ରଜାପତିଙ୍କ ସହିତ, ଶହ, ଶହ ଋଷି, ମୁନିଙ୍କୁ ଆଣି କଶ୍ୟପ ଏଠାରେ ବସତି ସ୍ଥାପନ କରିଥିଲେ । ଏହା ପୂର୍ବରୁ ସାତ, ସାତ ଜଣ ଋଷି ମିଶି ଭାର୍ଗବ ଆଦି ଋଷି ମାନେ ଗୋତ୍ର ବା ଗୋତ୍ର ପ୍ରବର୍ ମାନ ସୃଷ୍ଟି କରିଥିଲେ । ଏବେ କଶ୍ୟପ ମଧ ଏହି ଋଷି ମାନଙ୍କୁ ନେଇ ନିଜ ନାମରେ ଗୋତ୍ର ବା ଗୋଷ୍ଠୀ ତିଆରି କଲେ । ନିଜର ପୂର୍ବଜ ମାନଙ୍କୁ ସମ୍ମାନ ଦେବା ପାଇଁ ଗୋତ୍ର ସୃଷ୍ଟି ହେଲା ଓ ଏହା ଥିଲା ସନାତନ ଧର୍ମ । ତପସ୍ୟାରେ ସିଦ୍ଧ ହୋଇ କଶ୍ୟପ ବିଷ୍ଣୁଙ୍କଠାରୁ ଏକ ମଣି ଲାଭ କରିଥିଲେ । ଯାହାର ପ୍ରଭାବରେ ଜଗନ୍ନାଥଙ୍କ ବ୍ରହ୍ମ ମଧ୍ୟରେ ଫୁଲ, ତୁଳସୀ ବାର ବର୍ଷ ସତେଜ ରହିବା ପରି, ଜୀବ କୋଷ ମାନେ ଶହ, ଶହ ବର୍ଷ ଜୀବନ୍ତ ରହୁଥିଲେ । ସେ ବିଷ୍ଣୁଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ସୃଷ୍ଟିର ତତ୍ତ୍ୱ ଲାଭ କରି, ପୁନଶ୍ଚ ଗୃହସ୍ଥ ବିଜ୍ଞାନ ଶାଳାକୁ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କ ନାମ ଅନୁସାରେ ତାଙ୍କ କଠୋର ତପସ୍ୟା ସ୍ଥଳର ନାମ କାଶ୍ମୀର ରହିଥିଲା । ଏହି ତପସ୍ୟା ସମୟରେ ସେ ବନ୍ଦ ଗୁହା ମଧ୍ୟରେ ବହୁଦିନ ଧରି ଖାଦ୍ୟ, ପାନୀୟ ତ୍ୟାଗ କରି ଠିକ୍ ଏକ କଚ୍ଛପ ସଦୃଶ କେବଳ ଅଳ୍ପ ଜଳ ମାତ୍ର ପାନ କରି ସାଧନା କରିଥିଲେ । ସେହି ଦିନଠାରୁ ସେ ଭଗବାନ ଙ୍କର କଚ୍ଛପ ଅବତାର ରୂପେ ସମ୍ମାନୀତ ହୋଇଥିଲେ । ସେହି କଶ୍ୟପ, ଯେ ବର୍ତ୍ତମାନଠାରୁ ଏଗାର କୋଟିରୁ ଚଉଦ କୋଟି ବର୍ଷ ପୂର୍ବେ ପ୍ରଥମେ ବହି ଅସ୍ଥି ସହ ସୃଷ୍ଟ୍ କଚ୍ଛପ ସହିତ ହିଁ ଆକାଶରେ ଏକ ନକ୍ଷତ୍ର ରୂପେ ଧ୍ରୁବ ତାରା ନିକଟରେ ପ୍ରଥମେ ଦେଖା ଦେଇଥିଲେ । ସେ, ସେହି କଶ୍ୟପ, ଯେ ସାଧନା ବଳରେ ଜାଣି ପାରିଥିଲେ ଯେ, ପୂର୍ବ ଜନ୍ମରେ ସେ ବ୍ରହ୍ମାଙ୍କ ଆଦେଶରେ ଜଳ ମଧ୍ୟରେ ଜୀବ କୋଷ ରୂପେ ସଞ୍ଚାରିତ ହୋଇଥିଲେ । ପୁଣି ଅଗ୍ନି ପ୍ରଳୟ ପରେ କ୍ଷୁଦ୍ର ମୂଷିକ ଆଦି ରୂପେ, ଏହି ଆବରଣ ଯୁକ୍ତ ପୃଥିବୀ ରୂପକ କଶ୍ୟପ(କକ୍ଷର ଉପର ଭାଗ, ଛାତ ତଳେ) କଶ୍ୟପ ଗର୍ଭରେ ପାର୍ଥିବ ଜୀବନକୁ ସୁରକ୍ଷିତ ରଖିଥିଲେ !

ସାଧନା ପରେ ସେ ପୁରୁଷ ପ୍ରାଣୀ, ଜଳଜନ୍ତୁ, ଉଦ୍ଭିଦ ଆଦି ସୃଷ୍ଟି କଲେ । ସେ ମଧ ଦକ୍ଷଙ୍କ ପରି ଶାଖା ମାନ ଖଞ୍ଜି ଏକ ବିଶାଳ ଫଳ ଏବଂ କୁସୁମର ବୃକ୍ଷ, ତରୁ, ତୃଣ, ଲତା, କଣ୍ଟକର ଉଦ୍ୟାନ କଲେ, ଯେଉଁଥିରେ କେବଳ ପୁରୁଷ କୁସୁମମାନ ଫୁଟୁଥିଲା । ଏହାପରେ ସେ ଆସନ୍ନ ବିବାହର ମଧୁ ଲଗ୍ନର ଅପେକ୍ଷାରେ ସମୟ ବିତାଉଥିଲେ । ପୁଣି ଦିନେ ବ୍ରହ୍ମା ତାଙ୍କ ନିକଟକୁ ଆସି କହିଲେ ' ସୁପୌତ୍ର କଶ୍ୟପ, ଏବେ ମଧ ତୁମେ କିଶୋର ଅଛ । ଏବେବି ତୁମର ତାରୁଣ୍ୟ ଆସିନାହିଁ, । ବିବାହ ବୟସ ମଧ ହୋଇନାହିଁ । ଦକ୍ଷଙ୍କର ସମସ୍ତ କନ୍ୟା ମାନେ ମଧ ବୟଃ ପ୍ରାପ୍ତ ହୋଇନାହାନ୍ତି । ତେଣୁ ତୁମେ ପ୍ରଥମେ କୀଟ, ପତଙ୍ଗ, ଉଦ୍ଭିଦ, ପ୍ରାଣୀ ସୃଷ୍ଟି ପରେ ଦେବ, ଦାନବ, ମାନବ, ଗନ୍ଧର୍ବ ଆଦି ସୃଷ୍ଟି ହେବେ । ଏବେ ପ୍ରାଣୀମାନଙ୍କ ବ୍ୟତୀତ ପୃଥିବୀ ଶୂନ୍ୟ ହୋଇଗଲାଣି । ପୃଥିବୀରେ ପୂର୍ବ ସୃଷ୍ଟ ସର୍ବଶ୍ରେଷ୍ଠପ୍ରାଣୀ ମନୁଷ୍ୟ ବାରମ୍ବାର ପ୍ରଳୟ ଜଳରେ ସମାଧିସ୍ଥ ହୋଇ ଯାଇଛନ୍ତି । ମୋ ଦ୍ୱାରା ସୃଷ୍ଟ ସନ୍ତାନମାନେ ଯୋଗୀ ଓ ତାପସ ରୂପେ ଜୀବନ ଯାପନ କରୁଛନ୍ତି । କେବଳ ସ୍ୱୟଂଭୁବ ଓ ସତରୂପାଙ୍କ ଠାରୁ ସୃଷ୍ଟ ମନୁଷ୍ୟ ମାନେ ହାତ ଗଣତିରେ ରାଜବଂଶୀୟ ରୂପେ ପୃଥିବୀକୁ ଭୋଗ କରୁଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଜାଙ୍କ ସଂଖ୍ୟା ଗୌଣ । କେତେଦିନ ଏହିପରି ପ୍ରଜାବିହୀନ ସାମ୍ରାଜ୍ୟରେ ସେମାନେ ରାଜପଣ କରୁଥିବେ ? ଏତେ ଅଳ୍ପ ସଂଖ୍ୟକ ପ୍ରଜା ହେଲେ ଏ ପୃଥିବୀ ଅଚିରେ ଶୂନ୍ୟ ହୋଇଯିବ । ତେଣୁ ବିବାହ ପାଇଁ ଅପେକ୍ଷା ନକରି ତୁମେ ପ୍ରଥମେ ତୁମ୍ଭ ବିଜ୍ଞାନ ଶାଳାରେ ମନୁଷ୍ୟ ମାନଙ୍କୁ ସୃଷ୍ଟି କର ଓ ଏହି ନୂତନ ମାନବ ମାନଙ୍କୁ ପୃଥିବୀର ଚତୁର୍ଦ୍ଦିଗକୁ ପ୍ରେରଣ କର । 'ଯେ ପରି ଆଜ୍ଞା' । ସେହି ଯୋଉଦୀପ୍ତ, ସୁଗଠିତ ବପୁ,ସୁନ୍ଦର କିଶୋର ବିଜ୍ଞାନୀ କଶ୍ୟପ ତାଙ୍କ ବିଜ୍ଞାନ ଶଳା ମଧ୍ୟରେ ବସି କିପରି ମନୁଷ୍ୟ ସୃଷ୍ଟି କରିବେ ସେକଥା ଚିନ୍ତା କଲେ । ସେ ନିଜ ବିଜ୍ଞାନ ଶଳା ମଧ୍ୟରେ ବସି ଚିନ୍ତା ମଗ୍ନ ହେଲେ । ତାଙ୍କୁ ଏକ ଉପାୟ ମିଳିଗଲା । ଏବେ ତାଙ୍କ ଗର୍ଭରେ ପ୍ରଳୟ ମଧ୍ୟରୁ ବଞ୍ଚି ରହିଥିବା ଦୁଇଟି ମନୁଷ୍ୟ ଆକୃତିର ପ୍ରାଣୀ ରହିଛନ୍ତି । ଗୋଟିଏ ହେଉଛି ଗରିଲା ଓ ଅନ୍ୟଟି ସିମ୍ପାଞ୍ଜି । କିନ୍ତୁ ସ୍ୱତନ୍ତ୍ର ଭାବେ ଗୋଟିଏ ପ୍ରାଣୀର ମାନବ ଶରୀର ସହିତ ଏବଂ ଅନ୍ୟଟିର କେବଳ ମଣିଷର ବୁଦ୍ଧି ଓ ମସ୍ତିଷ୍କ ସହିତ ହିଁ ସାମଞ୍ଜସ୍ୟ ଅଛି । ଉଭୟଙ୍କର ମିଳନ ନହେଲେ ଏହା ବ୍ରହ୍ମାଙ୍କ ସୃଷ୍ଟ ଏକ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହୋଇ ପାରିବନାହିଁ । ହିଁ, ତେବେ ମଣିଷ କିପରି ସୃଷ୍ଟି ହେବ ? ଗୋଟିଏ ଉପାୟ ଦେଖାଗଲା କିଶୋର କଶ୍ୟପଙ୍କୁ । ସେ ଗଭୀର ଭାବରେ ଚିନ୍ତା କଲେ ଓ ମାନବର ଏକ ବିକଳ୍ପ ସୃଷ୍ଟି ପାଇଁ ଯତ୍ନ କଲେ । ତେବେ ଗୋଟିଏ ଗରିଲା ଓ ଗୋଟିଏ ସିମ୍ପାଜିର ଶୁକ୍ର ଅଣୁ ଓ ଡିମ୍ବାଣୁ ବା କୋଶିକାକୁ ମିଳିତ କରି କଣ ଏକ ମାନବର ସୃଷ୍ଟି କରାଯାଇ ପାରିବ ? ସେ ପରୀକ୍ଷା କରି ଦେଖିଲେ ଯେ ଗୋଟିଏ ଗରିଲା ଏବଂ ଗୋଟିଏ ସିମ୍ପାଜିର ଗୁଣସୂତ୍ର ସଂଖ୍ୟା ସମାନ ନୁହେଁ । ସେ ଏଥର ନିଶ୍ଚିତ ହେଲେ ଯେ, ଯେଉଁ ବିଲୁପ୍ତ ନୃବାନରଠାରୁ ମାନବ ସୃଷ୍ଟି ହୋଇଥିଲା, ତାହାର ମସ୍ତିସ୍କଟି ସିମ୍ପାଜି ପରି ଏବଂ ଶରୀରଟି ଗରିଲା ସଦୃଶ ଥିଲା । କିନ୍ତୁ ସମୟ କ୍ରମେ ଆଧୁନିକ ମାନବଠାରୁ ଏହି ପ୍ରାଣୀ କୋଷ ଭିନ୍ନ ହୋଇ ଅଛି । ସେ ଗୋଟିଏ ଗରିଲାର ଗର୍ଭାଶୟରେ ଗୋଟିଏ ସିମ୍ପାଜିର ଭୃଣକୁ ରଖି ତାହାର ମସ୍ତିସ୍କଟିକୁ ବିକଶିତ କରାଇ ଗରିଲାର ମସ୍ତିସ୍କ ମଧ୍ୟକୁ ନେଇଗଲେ । କିନ୍ତୁ ସେଥିରେ କୃତକାର୍ଯ୍ୟ ନହେବାରୁ ସେ ସେହି ବିଲୁପ୍ତ ଅନୁନ୍ନତ ମାନବର ସଂଗୃହିତ ଜୀବକୋଷକୁ ଏକ ନାରୀ ଜୀବକୋଷରେ ମିଳିତ କରି ଗର୍ଭରେ ପ୍ରତି ରୂପ ମାନ ସୃଷ୍ଟି କଲେ । ଏହିଭଳି ଉପାୟରେ ସେ ମାନବ ସୃଷ୍ଟି କରିବାକୁ ସକ୍ଷମ ହୋଇ ଥିଲେ କି ?


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ନୀରବତା ଅନେକ କଥା କୁହେ

## ଦିପ୍ତିମୟୀ ନାୟକ




ଯେତେବେଳେ ଜଣେ ମଣିଷ ନିଜ ମନର କଥାକୁ ଅନ୍ୟ ଜଣକ ଆଗରେ ଖୋଲିକି କୁହେ । ଅନ୍ୟ ଜଣକ ଯଦି ଚୁପ ରୁହେ ତେବେ ସେଇଠୁ ବୁଝିଯିବା ଉଚିତ ଯେ ଏ ମଣିଷ ଆମ ସହ କିଛି କଥା ହେବାକୁ ଚାହୁଁନି କିମ୍ବା ଏ ମଣିଷ ଅନ୍ୟ ଜଣକ ଭାବନାକୁ କେବେ ବୁଝେନି । ଯେଉଁଠି ଯେଉଁ ମଣିଷର ଭାବନାକୁ ଅନ୍ୟ ଜଣେ ମଣିଷ ବୁଝେନି ସେଠି ଅନ୍ୟ ଜଣକ କଥା ଅଧା ଅଧୁରା ରହିବା ସ୍ୱାଭାବିକ କଥା । ହେଲେ ବେଳେବେଳେ ମନ କହୁଥାଏ ଏମାନେ ଆଗରୁ ଆମର ପ୍ରତ୍ୟେକଟି କଥାକୁ ଶୁଣୁଥିଲେ କିନ୍ତୁ ଏବେ କାହିଁକି ଏମାନେ ଆମ କଥା ଶୁଣିବାକୁ ଟିକେ ଧ୍ୟାନ ଦେଉନାହାନ୍ତି । ଆଉ ବେଳେବେଳେ ଆଖିରେ ଆଖିଏ ଲୁହ ମଧ୍ୟ ଚାଲିଆସେ । କେବଳ ଏଥିପାଇଁ ଯେ ଏମାନେ ଯାହାକୁ ବିଶ୍ୱାସ କରିଥାନ୍ତି । ନିଜର ସୁଖ ଦୁଃଖ କଥା ବାଣ୍ଟି ଥାଆନ୍ତି ଆଉ ଏମାନେ ଯେତେବେଳେ ହଠାତ ପରିବର୍ତ୍ତନ ହୋଇଯାଆନ୍ତି । କିଛି କହିବାକୁ ଚାହିଁଲେ ବିରକ୍ତ ହେବାକୁ ଲାଗନ୍ତି ସେତେବେଳେ କେବଳ ଗୋଟିଏ କଥା ମନକୁ ଆସିଯାଏ । କେହିଜଣେ ସତ କହିଥିଲେ ସମ୍ପର୍କ ବିଶ୍ୱାସରୁ ଆରମ୍ଭ ହୋଇ ପ୍ରତାରଣାରେ ଶେଷ ହୋଇଥାଏ । ଯଦି ପ୍ରତାରଣା କରିବାର ଥିଲା ତେବେ ଏ ସମ୍ପର୍କ କାହିଁକି ଯୋଡ଼ା ହେଉଥିଲା ।

ଆଜିର ସମାଜରେ ଅନେକ ସମ୍ପର୍କ ବିନା କାରଣରେ ଭାଙ୍ଗିଯାଉଛି । କେତେବେଳେ ପ୍ରେମ ଆଉ କେତେବେଳେ ବନ୍ଧୁତା ପୁଣି କେତେବେଳେ ସମ୍ପର୍କୀୟ ମାନଙ୍କର ସେହି ପୁରୁଣା ସମ୍ପର୍କ । ତେବେ ଏହି ସମ୍ପର୍କ ଗୁଡିକ ଭାଙ୍ଗିବାର ପ୍ରମୁଖ କାରଣ କଣ ହୋଇପାରେ । କୌଣସି ସମ୍ପର୍କ ବିନା କାରଣରେ ଭାଙ୍ଗିଯାଏନି । ଯଦି କୌଣସି ସମ୍ପର୍କ ଭାଙ୍ଗୁଛି ତେବେ ଏହାର ମଧ୍ୟ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବ । ସେହି କାରଣଟି ହେଲା ଆଜିର ସମାଜର କିଛି ଲୋକ ସ୍ୱାର୍ଥବାଦୀ ଅଟନ୍ତି । ଯେଉଁମାନେ ନିଜ ସୁବିଧା ଦେଖି ଭାବ ଲାଗଇଥାଆନ୍ତି । ସ୍ୱାର୍ଥ ସରିଲେ ମଣିଷକୁ ପଶୁଠାରୁ ହୀନ ଦୃଷ୍ଟିରେ ଦେଖିଥାନ୍ତି । ପ୍ରତ୍ୟେକ ଲୋକଙ୍କ ମନର ଭାବନା ଅଛି ଆଉ ଯେଉଁମାନେ ମଣିଷ ହୋଇ ମଣିଷ ଭାବନାକୁ ବୁଝି ପାରନ୍ତିନି ସେମାନେ ଅମଣିଷ ହୋଇଥାନ୍ତି । ଆଜିକାଲି ଲୋକ ବହୁତ ଚତୁର । ଅର୍ଥ, ସମ୍ପତ୍ତି, କୋଠାଘର, ଗାଡି, ଚାକିରୀ, ନିଜ ସୁବିଧା ଦେଖି ଭାବ ଲଗାନ୍ତି । ଯେମିତି ଏମାନେ ମଣିଷକୁ ନୁହେଁ ଅର୍ଥ, ସମ୍ପତ୍ତି, କୋଠାଘର, ଗାଡି, ଚାକିରୀ, ନିଜ ସୁବିଧା ଦେଖି ଭାବ କରିଛନ୍ତି । କିଛି ସମ୍ପର୍କୀୟ ମଧ୍ୟ ଧନ ଥିଲା ବାଲାଙ୍କୁ ପଚାରୁଛନ୍ତି ଧନ ନଥିଲା ବାଲାଙ୍କୁ ଦୂରେଇ ଦେଉଛନ୍ତି । ହେଲେ ସେମାନେ ଭୁଲି ଯାଉଛନ୍ତି ଯେଉଁଠି ଆତ୍ମୀୟତା ନଥାଏ ସେଠି ବିଶ୍ୱାସ ନଥାଏ । ଆଉ ଯେଉଁଠି ଆତ୍ମୀୟତା ଥାଏ ସେଠି ବିଶ୍ୱାସ ରହିଥାଏ । ମିଛ ସମ୍ପର୍କ କେବଳ ଅଢେଇ ଦିନ ପାଇଁ ଗଢ଼ା ହୋଇଥାଏ କିନ୍ତୁ ଏ ମଣିଷ ନିଜ ସ୍ୱାର୍ଥ ପାଇଁ ସମ୍ପର୍କର ଭିନ୍ନ ଏକ ରୂପ ଦେଉଥାଏ । ଯେଉଁ ରୂପରେ ଥାଏ କେବଳ ଛଳନା, ଭଲପାଇବା ବଦଳରେ ପ୍ରତାରଣା । ତେଣୁ ଜୀବନରେ ସେମାନଙ୍କୁ ଗୁରୁତ୍ୱ ଦିଅ ଯେଉଁମାନେ ତୁମକୁ ଗୁରୁତ୍ୱ ଦେଉଛନ୍ତି । ତୁମ ନୀରବ ମନକୁ ପଢିପାରୁଛନ୍ତି ଏବଂ ବିନା ସ୍ୱାର୍ଥରେ ତମକୁ ଭଲପାଉଛନ୍ତି ସେହିମାନେ ହିଁ କେବଳ ତୁମକୁ ବୁଝୁଛନ୍ତି । ଆଉ ଯେଉଁମାନେ ଅଢେଇ ଦିନ ପାଇଁ ତୁମକୁ ବୁଝନ୍ତି କିମ୍ବା ବୁଝାନ୍ତି ସେମାନେ କେବଳ ସ୍ୱାର୍ଥ ରଖି ତୁମ ସହ ଭାବ ଲଗାନ୍ତି । ତାପରେ ଏହି ନୀରବତାପଣକୁ ତମ ରୋଗର କାରଣ କରିଦିଅନ୍ତି ।


+ ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬


# ନଈଟିଏ ମୁହିଁ

## ଲତିକା ମହାପାତ୍ର



ଆଜି ଯାଏଁ
କେହି ମୋତେ ଭଲ ପାଇଛି କାହିଁ ?
ଜାଣି ମୁଁ ତ ପାରି ନାଇଁ, ନଈ ପରି ଯାଏ ମୁଁ ଯେ ବହି
ଗୁଣୁ ଗୁଣୁ ଗୀତ ଗାଇ ଗାଇ
ହସ ଲୁହ ଗଞ୍ଜଣାର ରସ ପିଇ ପିଇ
ନଈଟିଏ କୁଳୁକୁଳୁ ଯାଏ ବହି ବହି
ଜାଣିନାଇଁ ମୋତେ କେହି
ଭଲ ସତେ ପାଇଛି କି ନାଇଁ, ମନୋଇ ମାନିନୀ ମୁହିଁ
ମୋ ମଗ୍ନ ନୀରବତା ମଧ୍ୟେ ଡୁବିରହି
ପିଇଛି ମୁଁ ଜହରର ଗିଲାସ ଗିଲାସ
ଜାଣେନା ଗୋ ଏ ଜଗତ,
ଦେଖିଚି କି ନାଇଁ ନଈଟିଏ ମୁହିଁ
ମୋତେ କେ ପାଇଚି ଭଲ
ମୋର କେ ବୁଝିଚି ମୂଲ
ଅନ୍ତର ଆବେଗ ଦୁଇ କୂଳ
ଖାଏ ରହି ରହି, ଅମାନିଆ ଅଶ୍ରୁ ଧାର
କେତେ ବି ଯାଇଛି ବହି, କେବେ ହେଲେ କହିନାଇଁ
ମୋ ଭିତରେ ଅହରହ ଯାଇଛି
ମଗନ ହୋଇ, ବୁଝେ ନାଇଁ ଅନ୍ତର କେ
ବୁଝେଇ ବି ହୁଏ ନାଇଁ
ସୁନ୍ଦର ମୋ ମୁକ୍ତା ଝରା ଖିଲି ଖିଲି ହସ
ସୁନ୍ଦର ବି କୋହଥରା ବୁକୁର ଉଚ୍ଛ୍ୱାସ
ସୁନ୍ଦର ମୋ ସପନର ପାହାନ୍ତି ଆକାଶ
ଆଶା ଆଉ ନିରାଶାର ମୁହୂର୍ତ୍ତ ଅଳସ
ଜାଣିଛି ଗୋ ସଖୀ
ସପନ ଆଖିରେ ମାଖି
ସାମ୍ନା କରି ଝଡ଼ ରାତି ଶେଷ ଯାଏଁ
କଂକରିଳ ପଥେ ବହୁଥିବି ମୁହିଁ
ନିଜକୁ ମୁଁ ନିଜେ ଭଲପାଇ
ଅଥୟ ଅଧୀର ହୋଇ ନଈଟିଏ ମୁହିଁ ।


+ ତାଳଚେର

# ଜିଲ୍ଲାସ୍ତରୀୟ ଜାତୀୟ ତମାଖୁ ନିୟନ୍ତ୍ରଣ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୩/୧୦ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକମ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୨.୦ ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଜିଲ୍ଲାରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନକୁ ସଫଳ କରିବାରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଚେତା ପାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲାପାଳ, ବିଭିନ୍ନ ବିଭାଗର ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ସ୍ୱାଗତ ଜଣେଇବା ସହିତ ଏହି ଅଭିଯାନ ସମ୍ବନ୍ଧେ ଓ ତମାଖୁର କୁପ୍ରଭାବ ଓ ଏହାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ଉପରେ ସମ୍ୟକ ସୂଚନା ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାକେଶ କୁମାର ସାହୁ ଏହି ଯୁବ ଅଭିଯାନର ମୂଳ ଉଦ୍ଦେଶ୍ୟ, ଗତ ଅଭିଯାନରେ କଳାହାଣ୍ଡି ଜିଲ୍ଲାରେ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ତଥା ଏହି ବର୍ଷ ଅଭିଯାନର ୫ଟି ମୁଖ୍ୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଂଟ ମ୍ୟାନେଜର- ଅଣସଂକ୍ରମଣ ରୋଗ, ହିମାଂଶୁ ଶେଖର ବାରିକ ଏହି ଅଭିଯାନରେ ଥିବା ବିଭିନ୍ନ ବିଭାଗର ଦାୟିତ୍ୱ ଭୂମିକା, ଜିଲ୍ଲା ସ୍ତରୀୟ ଯୋଜନା ଓ ଅଭିଯାନର ଅନଲାଇନ ଡାଟା ଏଂଟ୍ରି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅଭିଯାନରେ ୫ ଟି ମୂଳ କାର୍ଯ୍ୟକ୍ରମ ଅଛି ଯଥା: ତମାଖୁର କୁପ୍ରଭାବ ଉପରେ ଜନ ସଚେତନତା ସୃଷ୍ଟି କରିବା, ଜିଲ୍ଲାର ୧୬୦ ଟି ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ କରିବା, ୨୦ଟି ଗାଁକୁ ତମାଖୁମୁକ୍ତ କରିବା, ୧୬ଟି କୋଟପା ପେକା ଏନଫୋର୍ସମେଣ୍ଟ ଡ୍ରାଇଭ କରିବା ଓ ସବୁ କାର୍ଯ୍ୟକ୍ରମକୁ ଅନଲାଇନ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ନାୟକ- ସୁପରିଟେଣ୍ଡେଣ୍ଟ ଅବକାରୀ ବିଭାଗ, ଡ. ରଞ୍ଜନ ମିତ୍ର- ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡି ଏଚ ଏଚ, ବିଚିତ୍ରାନନ୍ଦ ସେଠି ପୋଲିସ ଡ଼ିଏସପି, ହଳଧର ନିଆଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁଶାନ୍ତ କୁମାର ଚୋପଦାର ଜିଲ୍ଲା ଶିକ୍ଷା ଅଧିକାରୀ, ନିହାର ରଞ୍ଜନ ଠାକୁର, ଏପିଡେମିଓଲୋଜିଷ୍ଟ ତଥା ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ, ବ୍ଲକ ସ୍ତରୀୟ ବିପିଏଚଓ, ବିପିଏମ , ଆଶା ଓ ବିଏସଏ ଏନଜିଓର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରେ ପରେ ଜିଲ୍ଲାପାଳ ଙ୍କ ଅଧକ୍ଷତାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ କୋଡିନେସନ କମିଟିର ବୈଠକ ମଧ୍ୟ ହୋଇଥିଲା ଓ ପୂର୍ବ କାର୍ଯ୍ୟକ୍ରମ ଉପରେ ଆଲୋଚନା ଓ ଆଗାମୀ କାର୍ଯ୍ୟକ୍ରମ ଉପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପରିଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ଏନ. ଏଚ. ଏମ, ଭବାନୀ ଶଙ୍କର ସାହୁ କାର୍ଯ୍ୟକ୍ରମ ରେ ଉପସ୍ଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ଥ ଲଗାଣକାରୀ ସଂସ୍ଥା ମାୟା ଜାଲରେ ମହିଳା ଗୋଷ୍ଠୀ

ଜୟପୁର, ୨୩/୧୦ (ନି.ପ୍ର): କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ଏବେ ଛତୁ ଫୁଟିଲା ଭଳି ଅର୍ଥ ଲଗାଣକାରୀ ସଂସ୍ଥା ଖୋଲିବାରେ ଲାଗିଛି। ଏସବୁ ଅର୍ଥ ଲଗାଣକାରୀ ସଂସ୍ଥା ବା ମାଇକ୍ରୋ ଫାଇନାନ୍ସ କମ୍ପାନୀର ମାୟାଜାଲରେ ମହିଳା ଗୋଷ୍ଠୀମାନେ ଫସି ଆର୍ଥିକ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିଭିନ୍ନ ଗାଁ ଠାରୁ ସହର ପର୍ଯ୍ୟନ୍ତ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାଙ୍କୁ ଋଣ ଯୋଗାଇଥିବା ବେଳେ ସୁଧ ଆକାରରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଛନ୍ତି। ଋଣ ଦେବା ପରେ ପ୍ରତି ସପ୍ତାହରେ ସମ୍ପୃକ୍ତ ସଂସ୍ଥାର ପ୍ରତିନିଧିମାନେ ଘରକୁ ଘର ଯାଇ ଋଣୀ ବ୍ୟକ୍ତିଙ୍କ ଠାରୁ ସୁଧ ଓ ଋଣ ବାବଦ କିସ୍ତି ଆଦାୟ କରୁଛନ୍ତି। ଏପରିକି କେହି ଯଦି କିସ୍ତି ପରିଶୋଧ କରି ନ ପାରିଲେ ସେମାନଙ୍କୁ ନାନାପ୍ରକାର ଧମକ ଦେବା ସହ କୋର୍ଟ କଚେରି ଭୟ ମଧ୍ୟ ଦେଖାଉଛନ୍ତି। ଏପରିକି ଗୋଟେ ଋଣ ଶୁଝିବା ପାଇଁ ଆଉ ଗୋଟେ ଋଣ କରିବାକୁ ବାଧ ହେଉଛନ୍ତି ନିରୀହ ମହିଳା। ସହଜ ଓ ସୁବିଧାରେ ଘର ପାଖରେ ଋଣ ମିଳିଯିବା ସହ ସାପ୍ତାହିକ ଓ ମାସିକିଆ କିସ୍ତି ଆକାରରେ ପରିଶୋଧ ବ୍ୟବସ୍ଥା କରାଯାଇଥିବା ହେତୁ ମହିଳାମାନେ ଏହି ଋଣ କାରବାରରେ ସହଜରେ ସାମିଲ ହେଉଛନ୍ତି। ମାଇକ୍ରୋଫାଇନାନ୍ସ କମ୍ପାନୀର ଏଜେଂଟ ମାନେ ନିଜ ବ୍ୟବସାୟ ନେଟୱାର୍କ ବଢ଼ାଇବା ପାଇଁ ମହିଳା ଗୋଷ୍ଠୀଙ୍କୁ ହାତ ବାରିଶି କରୁଥିବା ଅଭିଯୋଗ ହେଉଛି। ଶହ ଶହ ମହିଳା ଗୋଷ୍ଠୀର ସଦସ୍ୟା ଗ୍ରାମାଚଂଳରେ ଏଭଳି ମାୟାଜାଲରେ ଛନ୍ଦି ହୋଇ ରହିଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରି ନଥିବା, ଭୌଗୋଳିକ ଭାବେ ବିଚ୍ଛିନ୍ନ ଥିବା ତଥା ବ୍ୟାଙ୍କିଙ୍ଗ ସେବା ଠାରୁ ଦୂରରେ ଥିବା ବେରୋଜଗାର ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସ୍ୱାବଲମ୍ବୀ କରିବା ମାଇକ୍ରୋ ଫାଇନାନ୍ସର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ବେଳେ ଏହି ମାଇକ୍ରୋ ଫାଇନାନ୍ସ କମ୍ପାନୀଗୁଡିକ ଲାଭଖୋର ମନବୃତି ନେଇ ମାତ୍ରାଧିକ ସୁଧ ଆଦାୟ କରୁଥିବା ଅଭିଯୋଗ ହେଉଛି। ଏପରିକି ସ୍ଥଳବିଶେଷରେ ୨୪ ପ୍ରତିଶତ ଯାଏଁ ସୁଧ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି ଓ ମହିଳାମାନେ ଏହି ଅର୍ଥ ଲଗାଣକାରୀ କମ୍ପାନୀଗୁଡ଼ିକର ଜଟିଳ ଗଣିତ ବୁଝି ନ ପାରି ଶୋଷଣର ଶିକାର ହେଉଛନ୍ତି। ଆର୍ଥିକ ନେଣଦେଣରେ ସମ୍ପୃକ୍ତ ଥିବା ଏହି କମ୍ପାନୀଗୁଡିକ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ପଞ୍ଜିକୃତ ହୋଇ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ପରିଚାଳିତ ହେବା ଅନିବାର୍ଯ୍ୟ ହୋଇଥିବା ସ୍ଥଳେ ଏମାନେ ପଞ୍ଜିକୃତ ହୋଇଛନ୍ତି ନା ନାହିଁ ଏବଂ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସରଣ କରୁଛନ୍ତି ନା ନାହିଁ ତାହା ଯାଂଚ୍ ହେବାର ଆବଶ୍ୟକତା ରହିଛି। ପୂର୍ବରୁ ମହାନଦୀ ଫାଉଣ୍ଡେସନ, ଫ୍ଲୋରିଶ ଇଣ୍ଡିଆ, ସିସୋର ଭଳି ସଂସ୍ଥାରେ ପୁଞ୍ଜି ନିବେଶ କରି ଅନେକ ବ୍ୟକ୍ତି ସର୍ବସ୍ୱାନ୍ତ ହୋଇଥିବା ବେଳେ ଏବେ ଋଣଭାର ବେଡ଼ି ଉପରେ କରଡା ମାଡ଼ ସଦୃଶ ହୋଇଛି। ଯଦି ପ୍ରଶାସନ ତରଫରୁ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଭବିଷ୍ୟତରେ ଚିଟଫଣ୍ଡ ଭଳି ଏକ ବଡ଼ଧରଣର ବିପର୍ଯ୍ୟୟ ସମ୍ମୁଖୀନ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଜୟପୁର ସହରରେ ଗଳି ଗନ୍ଦିରେ କାର୍ଯ୍ୟାଳୟ ଖୋଲି ମହିଳା ମାନଙ୍କୁ ଋଣ ଦେବା ନାମରେ ଲୁଟ ଚାଲିଥିବା ଅଭିଯୋଗ ହେଉଛି।

## ବିଜେଡି ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ସ୍ଥଗିତ ପାଇଁ ବୈଠକ

କେନ୍ଦ୍ରାପଡା, ୨୩/୧୦ (ନି.ପ୍ର): ଆଜି ଗରାପୁରସ୍ଥିତ ବିଜେଡ଼ି କାର୍ଯ୍ୟାଳୟରେ କେନ୍ଦ୍ରପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୬ନଂ ଜୋନ୍ ଓ ୮ନଂ ଜୋନର ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଦଳର ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ପଦଯାତ୍ରାକୁ ବର୍ତମାନ ସ୍ଥଗିତ ରଖିବାକୁ ନିଷ୍ପତି ନିଆଗଲା ଓ ବାତ୍ୟା ପରେ ପରବର୍ତୀ ନିଷ୍ପତି ଗ୍ରହଣ କରାଯିବ। ଉକ୍ତ ବୈଠକରେ ବ୍ଲକ ବିଜେଡ଼ି ସଭାପତି ଆଲୋକ ସାହୁ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମହାପାତ୍ର, ପ୍ରଦୀପ୍ତ ମହାନ୍ତି, ରଶ୍ମି ରଞ୍ଜନ ରାଉତ, ସୁମିତ୍ରା ପାଢି, ପ୍ରଦ୍ୟୁମ୍ନ ଜେନା, ଗଣେଶ ରାଉତ, ଦାମୋଦର ଜେନା, ରତିକାନ୍ତ ସାମଲ, ସଙ୍ଗମ ସାମଲ, ଅନାମ ଖଟୁଆ, ଅଭିରାମ ମହାନ୍ତି, ନରେଶ ଜେନା, ଅକ୍ଷୟ ବାରିକ, ବସନ୍ତ ରାଉତ, ସାରଦା ରାଉତ ସମେତ ବହୁ ବରିଷ୍ଠ ବିଜେଡି ନେତା ଉପସ୍ଥିତ ଥିଲେ।

# ଓଡ଼ିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଜ୍ୟୋତି ଓ ସମୁଦ୍ରଙ୍କୁ ସୋନପୁରରେ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୨୩/୧୦ (ନି.ପ୍ର): ଓପିଏସଇ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସୋନପୁରର ଜ୍ୟୋତି ରଂଜନ ଭୋଇଙ୍କୁ ଆଜି ତାଙ୍କ ସାନ ଝିଂକି ସ୍ଥିତ ବାସଭବନରେ ପରିବାର, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋନପୁର ବ୍ଲକ୍ ରେ କିରାଣୀ ଭାବେ କାର୍ଯ୍ୟରତ ଥିବା ବାପା ଦୈତ୍ୟ ଦେବ ଭୋଇ ଓ ମାତା ଜୟଶ୍ରୀ ଭୋଇଙ୍କ ସୁପୁତ୍ର ଅଟନ୍ତି ଶ୍ରୀମାନ ଜ୍ୟୋତି। ପ୍ରଥମେ ସୋନପୁରର ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀ ଓ ଅଜା ସମେତ ବାପା ମା ଙ୍କୁ ଏ ସଫଳତାର ଶ୍ରେୟ ଦେବି ବୋଲି ଆଜି ସାମ୍ବାଦିକଙ୍କ ପ୍ରଶ୍ନର ଉତର ରଖିଥିଲେ ଜ୍ୟୋତି। ପ୍ରଥମ ଥର ଓ ଏ ଏସ ପରୀକ୍ଷାରେ ୩୭୨ ନମ୍ବର୍ ରେଙ୍କ ରେ ଓ ଜନସୂଚିତ ଜାତି ଭାବେ ୪ ନମ୍ବର୍ ରେଙ୍କ୍ ରେ ସଫଳ ହୋଇଥିବା ଜ୍ୟୋତି ପ୍ରଥମେ ବୃଦ୍ଧ ବୃଦ୍ଧା, ତଳ ସ୍ତରର ସାଧାରଣ ଜନତାଙ୍କୁ ଉତମ ସେବା ଦେବାକୁ ଓ ବିଶେଷ କରି ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଛି ବୋଲି କହି ଭାବ ପ୍ରବଣ ହୋଇଯାଇଥିଲେ। ପୁଅ ଆଗକୁ ଜଣେ ଆଇ ଏଫ୍ ଏସ ଅଫିସର ହୋଇ ଜଙ୍ଗଲ ପରିବେଶ ସୁରକ୍ଷାର ଗୁରୁ ଦାୟିତ୍ୱ ବହନ କରିବାକୁ ଶୁଭ କାମନା ଜଣାଇଛନ୍ତି ବାପା ଦୈତ୍ୟ ଦେବ। ପୁଅର ସଫଳତା ଖବର ପରେ ଶ୍ରୀ ଭୋଇଙ୍କ ପରିବାର ଓ ସାନ ଝୀଙ୍କୀ ଗାଁ ଗତକାଲି ଠାରୁ ଉତ୍ସବ ମୁଖର ହୋଇ ଉଠିଛି। ସେହିପରି ୩୩ ରେଙ୍କ ହାସଲ କରି ସୋନପୁରର ସୁରଥ ମିଶ୍ର ଓ ବେବିଙ୍କ ସୁପୁତ୍ର ସମୁଦ୍ର ମିଶ୍ର ମଧ୍ୟ ମୂଳ ସ୍ଥାନ ବୌଦ୍ଧ ଜିଲ୍ଲା ଓ ବର୍ତମାନ ବାସ କରୁଥିବା ସୁବର୍ଣ୍ଣପୁର ଜିଲ୍ଲାର ଗୌରବ ବଢାଇଛନ୍ତି। ମୋର ପ୍ରଥମ ଚେଷ୍ଟାରେ ଏ ସଫଳତା ହାସଲ କରିଥିବା ଓ ଏହାର ଶ୍ରେୟ ମୋ ବାପା ମାଆ କାକା ଖୁଡି ସାଙ୍ଗ ସାଥି ଓ ସିନିଅରଙ୍କୁ ଦେବି ବୋଲି ସମୁଦ୍ର ମିଡ଼ିଆକୁ କହିଥିଲେ। ସୋନପୁର ସେଂଟ ଆନି ସ୍କୁଲ୍ ରେ ମେଟ୍ରିକ୍ ରେ ଟପର ହୋଇ ଥିବା ସମୁଦ୍ର ଯେଉଁଠି ଦାୟିତ୍ୱ ମିଳିବ ମୁଁ ଭଲରେ ଓ ଉତ୍ସର୍ଗୀକୃତ ସର୍ଭିସ୍ ଦେବି ବୋଲି କହିଥିଲେ। ସେ ମଧ୍ୟ ସ୍ୱତନ୍ତ୍ର ଭାବେ ଶିକ୍ଷା ବିଭାଗର ସଂସ୍କାର ଆଣି ଏହାକୁ ଗୁରୁତ୍ୱ ଦେବାକୁ ସଂକଳ୍ପ ନେଇଥିବା ମିଡ଼ିଆକୁ ମତ ଦେଇଥିଲେ। ଏ ଫଳାଫଳ ଓ ଭବିଷ୍ୟତ ଉଜ୍ୱଳ ଥିବା କଥା ପୁଅ ଉପରେ ଆମ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା ଓ ଆହୁରି ରହିବ ବୋଲି ପ୍ରେରଣା ଦାୟୀ ସମୁଦ୍ରଙ୍କ ଖୁଡି ପ୍ରଭାସିନୀ କହିଥିଲେ। ଓଏଏସ ପାଇବା ଖବର ପରେ ଶ୍ରୀମାନ ମିଶ୍ର ଓ ଶ୍ରୀମାନ ଭୋଇ ଙ୍କୁ ଜିଲ୍ଲା ତଥା ରାଜ୍ୟ ର ସମଗ୍ର ଅଂଚଳରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଜଣାଯାଇଛି।

## ମୃତକଙ୍କ ପରିବାରକୁ ସାଂସଦଙ୍କ ସହାୟତା

କେନ୍ଦ୍ରାପଡା, ୨୩/୧୦ (ନି.ପ୍ର): କେନ୍ଦ୍ରାପଡା ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ସାପ କାମୁଡାରେ ମୃତ୍ୟୁ ବରଣ କରିଥିବା ପରିବାରଙ୍କୁ ସହାୟତା ପ୍ରଦାନ କରିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଜୋନ ନଂ-୩୫ ଅନ୍ତର୍ଗତ ବଡ ମୂଳବସନ୍ତ ଗାଁର ମଞ୍ଜୁ ମଳିକଙ୍କ ପୁତ୍ର ଜୟରାମ ମଳିକ ସାପ କାମୁଡାରେ ମୃତ୍ୟୁ ବରଣ କରିଥିବା ଖବର ପାଇବା ପରେ ସାଂସଦ ଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶରେ ଜିଲ୍ଲା ବିଜେପି ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧିର ମଣ୍ଡଳୀ ମୃତକଙ୍କ ଶୋକ ସନ୍ତପ୍ତ ପରିବାର କୁ ଭେଟି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ସମୟରେ ରାଜ୍ୟ ମହିଳା ମୋର୍ଚ୍ଚା ସଂପାଦିକା କାନନବାଳା ଦାସ, ମଣ୍ଡଳ ସଭାପତି ମନମୋହନ ପାତ୍ରଙ୍କ ସମେତ ନିରାକାର ଦାସ, ତୁଷାରକାନ୍ତ ଅଧିକାରୀ, ସୁଧିର ରଞ୍ଜନ ପ୍ରଧାନ, ସଂଗ୍ରାମ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ କୃଷି ଦର୍ଶନ ଓ ସମ୍ପୂର୍ଣ୍ଣ ଗ୍ରାମ ବିକାଶ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୩/୧୦ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଦାନିବନ୍ଧ, ସମ୍ବଲପୁର ତରଫରୁ ଆଗାମୀ ନଭେମ୍ବର ୫ ତାରିଖରେ ଶାସନ ସ୍ଥିତ ପାବନ ସରୋବର ପରିସରରେ "ଭାରତୀୟ କୃଷି ଦର୍ଶନ ଓ ସମ୍ପୂର୍ଣ୍ଣ ଗ୍ରାମ ବିକାଶ" ଏକ ବିଶାଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି। ଏ ସମ୍ପର୍କରେ ଆଜି ପୂର୍ବାହ୍ନ ୧୦ଟା ସମୟରେ ଦାନିବନ୍ଧ ସ୍ଥିତ ଶିବ ଦର୍ଶନ ଭବନ ପରିସରରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ଉପକ୍ଷେତ୍ର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଦିଦି କୃଷକ ସମାଜ କିଭଳି ଭାବରେ ଆତ୍ମନିର୍ଭର ହୋଇପାରିବ ସେ ବିଷୟରେ ଉଦବୋଧନ ଦେଇଥିଲେ। ରାସାୟନିକ ସାର ଓ କୀଟନାଶକ ଔଷଧ ଚାଷରେ ବହୁଳ ବ୍ୟବହାର ଦ୍ୱାରା ଫସଲ ବିଷାକ୍ତ ହେବା ସଙ୍ଗେ ସଙ୍ଗେ ଚାଷୀର ମୁଣ୍ଡ ଉପରେ ଋଣ ଭାର ମଧ୍ୟ ବଢୁଥିବା ନେଇ ନିଜ ବ୍ୟକ୍ତବ୍ୟରେ କହିଛନ୍ତି। ଫଳରେ ଅନେକ ସମୟରେ ଜନସାଧାରଣ ମଧ୍ୟ ବିଷାକ୍ତ ଖାଦ୍ୟ ଖାଇ ରୋଗଗ୍ରସ୍ତ ହେଉଛନ୍ତି। ଏଣୁ ସମସ୍ୟାର ସମାଧାନ ରୂପରେ ପ୍ରାକୃତିକ ଚାଷ ପଦ୍ଧତି ଓ ଶାଶ୍ୱତ ଯୌଗିକ ଚାଷ ପ୍ରଣାଳୀକୁ ଆପଣାଇବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଧନକଉଡା, ଯୁଜୁମୁରା, ମାନେଶ୍ୱର, ରେଙ୍ଗାଲି, ନାକଟିଦେଉଳର କୃଷି ଉତ୍ପାଦିତ ସଙ୍ଗଠନ ତଥା ଅନ୍ୟାନ୍ୟ ବିଶିଷ୍ଟ ଚାଷୀ ମାନଙ୍କୁ ସଚେତନ କରାଇଥିଲେ। ରାଜଯୋଗିନୀ ପାର୍ବତୀ ଦିଦି ଆହୁରି ମଧ୍ୟ କହିଥିଲେ ଯେ, ଗ୍ରାମୀଣ ଜୀବନରେ ନୈତିକ ମୂଲ୍ୟର ଜାଗରଣ ଓ ସଂସ୍କାର ଶୁଦ୍ଧିକରଣ ଦ୍ୱାରା ଚାଷୀ ଓ ଗ୍ରାମବାସୀ ସଶକ୍ତ ଓ ସମୃଦ୍ଧଶାଳୀ ହୋଇପାରିବେ। ଏଥିସହ ନିୟମିତ ରାଜଯୋଗ ଅଭ୍ୟାସ ଦ୍ୱାରା ସମସ୍ତ ବ୍ୟକ୍ତି ବିଶେଷ ନିଶାମୁକ୍ତ ଜୀବନ ଯାପନ କରିବା ସହ ସୁସ୍ଥ ମାନସିକତା ସୃଷ୍ଟି ହୋଇପାରିବ। ଏହା ସହିତ ଆଗାମୀ ନଭେମ୍ବର ମାସ ୫ ତାରିଖରେ ମାଉଂଟଆବୁ ସ୍ଥିତ ବ୍ରହ୍ମାକୁମାରୀ ମୁଖ୍ୟାଳୟର ଗ୍ରାମବିକାଶ ପ୍ରଭାଗ ଅଧ୍ୟକ୍ଷ ବ୍ରହ୍ମାକୁମାର ରାଜୁ ଭାଇଜୀଙ୍କର ଆଗମନ ଉପଲକ୍ଷେ ପାବନ ସରୋବର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦେବା ସହିତ ଉକ୍ତ ଦିନ ସମସ୍ତେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରିଥିଲେ। ଆଜିର ଏହି କାର୍ଯକ୍ରମରେ ସମ୍ବଲପୁର ସହକାରୀ ଉଦ୍ୟାନ ଅଧିକାରୀ ବ୍ରହ୍ମାକୁମାରୀ ମୌସୁମୀ ଭଉଣୀ ଆଧ୍ୟାତ୍ମିକ ସନ୍ଦେଶ ଦେଇ କୃଷକ ମାନଙ୍କୁ କିପରି କର୍ତବ୍ୟନିଷ୍ଠ କରିପାରିବା ଏବଂ ସରକାରୀ ସ୍ତରରୁ କୃଷକ ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଲରପଙ୍କ, ସମ୍ବଲପୁରର ଚାଷୀ ନେତା ଅଶୋକ ପ୍ରଧାନ, ମିର୍ଗାମୁଣ୍ଡାର ହରି ଶଙ୍କର ପୁରୋହିତ ଓ ତାଲବର ବ୍ୟୋମକେଶ ଠାକୁର ପ୍ରମୁଖ ନିଜ ନିଜର ମତାମତ ଅଭିବ୍ୟକ୍ତ ପ୍ରକାଶ କରିଥିଲେ। ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ଆହୂତ କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫ ଜଣ ସଦସ୍ୟ ସଦସ୍ୟା ଯୋଗଦାନ କରିଥିଲେ।

# ମିଳିଲାନି ପୋଷାକ : ଚିରାଫଟା ପୋଷାକ ପିନ୍ଧି ବିଦ୍ୟାଳୟ ଆସୁଛନ୍ତି ବିଦ୍ୟାର୍ଥୀ

ଜୟପୁର, ୨୩/୧୦ (ନି.ପ୍ର): ମିଳିଲାନି ପୋଷାକ, ଚିରାଫଟା ପୋଷାକ ପିନ୍ଧି ବିଦ୍ୟାଳୟ ଆସୁଛନ୍ତି ବିଦ୍ୟାର୍ଥୀ। ନବମ, ଦଶମ ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳିବା ନେଇ ଅନିଶ୍ଚିତତା। କୋରାପୁଟ ଜିଲ୍ଲାରେ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ପୁରୁଣା, ଚିରାଫଟା ପ୍ୟାଂଟସାର୍ଟ ପିନ୍ଧି ଆସୁଛନ୍ତି। ଛାତ୍ରଛାତ୍ରୀଙ୍କୁ ପୋଷାକ ପ୍ରଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଶିକ୍ଷାବର୍ଷ ଅଧା ସରିଲାଣି, ହେଲେ ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନୂଆ ପୋଷାକ ମିଳିଲା ନାହିଁ। ନିୟମାନୁଯାୟୀ, ସରକାର ଅଗଷ୍ଟ ୧୫ ସୁଦ୍ଧା ବିଦ୍ୟାର୍ଥୀଙ୍କୁ ନୂଆ ପୋଷାକ ବଂଟନ କରିବା କଥା। ନୂଆ ପୋଷାକ ପିନ୍ଧି ଛାତ୍ରଛାତ୍ରୀ ସ୍ୱାଧୀନତା ଦିବସରେ ବିଦ୍ୟାଳୟକୁ ଆସିଥାନ୍ତେ କିନ୍ତୁ ଚଳିତ ବର୍ଷ ଅଗଷ୍ଟ ୧୫ ଯାଇ ଅକ୍ଟୋବର ଶେଷ ହେବାକୁ ବସିଲାଣି। ଏଯାବତ୍ ଛାତ୍ରଛାତ୍ରୀଙ୍କୁ ସରକାର ନୂଆ ପୋଷାକ ବଂଟନ କରୁ ନଥିବାରୁ ବିଦ୍ୟାର୍ଥୀ ପୁରୁଣା ୟୁନିଫର୍ମ ପିନ୍ଧି ପାଠପଢିବାକୁ ଆସୁଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନୂଆ ପୋଷାକ ବଂଟନ କରିବାକୁ ପଦକ୍ଷେପ ଗ୍ରହଣ କରୁନଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷକମାନଙ୍କୁ ପୋଷାକ ବଣ୍ଟନ ସହିତ ଅନ୍ୟାନ୍ୟ କାର୍ଯ୍ୟ ଦିଆଯାଉଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ବ୍ୟାହତ ହେଉଛି। ଛାତ୍ରଛାତ୍ରୀଙ୍କ ପାଠପଢାକୁ ଦୃଷ୍ଟିରେ ରଖି ସରକାର ଶିକ୍ଷକଙ୍କୁ ପୋଷାକ ଆଣି ବଂଟନ କରିବା ଦାୟିତ୍ୱରୁ ମୁକ୍ତ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କ ମାଧ୍ୟମରେ ୟୁନିଫର୍ମ ଦେବାକୁ ଉଦ୍ୟମ କରୁଛନ୍ତି। ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀ ଟେଲରିଙ୍ଗ ତାଲିମ ହାସଲ କରିଥିବା ଏସଏଚଜି ଗୁଡିକୁ ଚିଠି ଲେଖିଛନ୍ତି। ଏସଏଚଜି ଗୁଡିକ ପୋଷାକ ତିଆରି କରି ବିଦ୍ୟାଳୟକୁ ଯୋଗାଇ ଦେବେ। ସରକାରଙ୍କ ବ୍ୟବସ୍ଥା ଅନୁସାରେ ଯେଉଁ ଏସଏଚଜି ଟେଲରିଙ୍ଗ ଉପରେ ତାଲିମ ପାଇଥିବେ ସେହିମାନଙ୍କୁ ପୋଷାକ ତିଆରି ଦାୟିତ୍ୱ ଦିଆଯିବ। ଏସଏଚଜି ପୋଷାକ ଆଣି ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ହସ୍ତାନ୍ତର କରିବେ। ଏହାର ପ୍ରାପ୍ୟ ଏସଏଚଜିଙ୍କ ବ୍ୟାଙ୍କ ଖାତାକୁ ସିଧା ସିଧାସଳଖ ସରକାର ପଠାଇବେ ନାହିଁ। ଏହି ଟଙ୍କା ବିଦ୍ୟାଳୟର ବ୍ୟାଙ୍କ ଖାତାକୁ ଯିବ ଏବଂ ପ୍ରଧାନଶିକ୍ଷକ ଏସଏଚଜିଙ୍କ ପାଖରୁ ପୋଷାକ ପାଇବା ପରେ ଟଙ୍କା ପ୍ରଦାନ କରିବେ। ଏଠାରେ ପ୍ରଶ୍ନ ଉଠୁଛି, ଯଦି ଶିକ୍ଷକ ପୋଷାକର ମାନ ନେଇ ଏସଏଚଜିଙ୍କୁ କୁହନ୍ତି ତେବେ ଶିକ୍ଷକ ଏବଂ ଏସଏଚଜିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। ଶିକ୍ଷକମାନେ ଅନ୍ୟାନ୍ୟ କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତ ରହୁଥିବାରୁ ସରକାର ସେମାନଙ୍କ କାର୍ଯ୍ୟକୁ ହାଲୁକା କରିବା ପାଇଁ ଏଭଳି ନିଷ୍ପତିକୁ ଶିକ୍ଷକମାନେ ସ୍ୱାଗତ କରୁଛନ୍ତି। ବିଦ୍ୟାଳୟର ବ୍ୟାଙ୍କ ଖାତାକୁ ଏସଏଚଜିଙ୍କ ଟଙ୍କା ନଦେଇ ସିଧାସଳଖ ଭାବେ ସରକାର ଡିଇଓ ଓ ବିଇଓଙ୍କ ମାଧ୍ୟମରେ ପୋଷାକ ଗ୍ରହଣ କରି ପ୍ରାପ୍ୟ ପ୍ରଦାନ କରିବାକୁ ଜଣେ ପ୍ରଧାନଶିକ୍ଷକ କହିଛନ୍ତି। ଯାହାଫଳରେ ପୋଷାକ ମାନ ଉପରେ ଶିକ୍ଷକ ଏବଂ ଏସଏଚଜିଙ୍କ ମଧ୍ୟରେ କୌଣସି ଉତର ଦାୟିତ୍ୱ ରହିବ ନାହିଁ। ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପିଛା ତିନିହଳ ଡ୍ରେସ୍, ପିଲାର ବିଦ୍ୟାଳୟ ପରିଚୟପତ୍ର, ଟୋପି ଏବଂ ଜୋତା ବାବଦରେ ଏକ ହଜାର ଟଙ୍କା ଦିଆଯାଉଛି। ତିନି ହଳ ଡ୍ରେସ୍ ମଧ୍ୟରୁ ଦୁଇହଳ ବିଦ୍ୟାଳୟ ପିନ୍ଧି ଆସିବାକୁ ଥିବାବେଳେ ଗୋଟିଏ ହଳ ଘରେ ପିଲା ପିନ୍ଧିବ। ସରକାର ଏସଏଚଜିଙ୍କ ମାଧ୍ୟମରେ ପୋଷାକ ତିଆରି କରି ବିଦ୍ୟାଳୟଗୁଡିକୁ ବଣ୍ଟନ କରିବାକୁ ନିଷ୍ପତି ନେଇଛନ୍ତି। ତେବେ ଏସଏଚଜିଙ୍କୁ କେବେ ଦାୟିତ୍ୱ ଦିଆଯିବ ଏବଂ ସେମାନେ କେବେ ସୁଦ୍ଧା ପୋଷାକ ତିଆରି କରି ବିଦ୍ୟାଳୟଗୁଡିକୁ ଯୋଗାଣ କରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପ୍ରାଥମିକ ଶିକ୍ଷକ ସଂଘଗୁଡିକ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଶୀଘ୍ର ଛାତ୍ରଛାତ୍ରୀଙ୍କୁ ପୋଷାକ ପ୍ରଦାନ ପାଇଁ ଦାବି କରିଛନ୍ତି। କିନ୍ତୁ, ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଛାତ୍ରଛାତ୍ରୀ ଚିରାଫଟା ପୋଷାକ ପିନ୍ଧି ବିଦ୍ୟାଳୟ ଆସିବାକୁ ବାଧ ହେଉଥିବା ଶିକ୍ଷକ ସଂଘଗୁଡିକ ଦାବି କରିଛନ୍ତି। ସରକାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ରଙ୍ଗ ପରିବର୍ତନ କରିଛନ୍ତି। ହେଲେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ନୂଆ ୟୁନିଫର୍ମ ମିଳିପାରିଲା ନାହିଁ। ଅନୁରୂପ ଭାବେ ଛୋଟ ପିଲାଙ୍କ ପରି ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଚିରାଫଟା ୟୁନିଫର୍ମ ପିନ୍ଧି ବିଦ୍ୟାଳୟକୁ ଆସିଥିବା ଅଭିଯୋଗ ହୋଇଛି।

# କନ୍ଧମାଳ ଜିଲ୍ଲାର ସମିତି ସଭ୍ୟ/ସଭ୍ୟା ମହାସଂଘର ପକ୍ଷରୁ ଜିଲ୍ଲାପାଳ ଦାବିପତ୍ର ପ୍ରଦାନ ଓ ଜିଲ୍ଲାସ୍ତରୀୟ ବୈଠକ

କନ୍ଧମାଳ, ୨୩/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ସମିତି ସଭ୍ୟ ମହା ସଂଘର ସଭାପତି ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ଜିଲ୍ଲାର ର ୧୨ ଗୋଟି ବ୍ଲକର ସମସ୍ତ ସମିତି ସଭ୍ୟ ଓ ସଭ୍ୟା ମାନେ ସେମାନଙ୍କର ୧୨ଗୋଟି ଦାବିନେଇ କନ୍ଧମାଳ ଜିଲ୍ଲାପାଳ ଆମ୍ରିତ୍ ଋତୁରାଜଙ୍କୁ ଭେଟି ସେମାନଙ୍କର ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇ ଆଲୋଚନା କରିଥିଲେ। ଆଲୋଚନାରେ ଜିଲାପାଳ କେତେଗୋଟି ଦାବି ଯାହା ଜିଲ୍ଲା ପ୍ରଶାସନ ଦ୍ୱାରା ହୋଇପାରିବ ମୁଁ ଅତିଶିଘ୍ର ପୂରଣ କରିବି ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ସ୍ଥାନୀୟ ଫୁଲବାଣୀ ସହର ସଦର ମହକୁମା ଗାନ୍ଧିଶ୍ମୃତି ଭବନଠାରେ ଏକ ଜରୁରୀ କାଳୀନ ବୈଠକ ଆୟାଜନ କରିଥିଲେ। ଉକ୍ତ ବୈଠକରେ, ଫିରିଙ୍ଗିଆ ବ୍ଲକ ସମିତିର ଅଧକ୍ଷ ନାମିତ କହଁର, ଚକାପାଦ ବ୍ଲକ, ସମିତିର ଅଧକ୍ଷ। ବୈନେତ୍ରି କହଁର, ଜି, ଉଦୟ ଗିରି ବ୍ଲକ ଅଧକ୍ଷ।, ଓ କୋଟଗଡ଼ ବ୍ଲକ ସମିତିର ଅଧକ୍ଷ। ଅତିଥି ଭାବେ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କୁ ସମିତି ସଭ୍ୟ ମାନେ ବାରମ୍ବାର ଏହି ୧୨ଗୋଟି ଦାବିପତ୍ର ଦେଇଥିଲେ ମଧ୍ୟ ସେଥିରୁ ଗୋଟିଏ ମାତ୍ର ଦାବି ପୁରଣ ହୋଇଥିବା ସ୍ଥଳେ ଆଉ ୧୧ଗୋଟି ଦାବି ପୁରଣ ନରିବହେତୁ ସମିତି ସଭ୍ୟ ମାନେ କ୍ଷୁବ୍ଧ ପ୍ରକାଶ କରି ଆଜି ରାଜ୍ୟ ସରକାରଙ୍କୁ ଜିଲ୍ଲାପାଳ ଙ୍କ ମାଧ୍ୟମରେ ଦାବୀ ଉପସ୍ଥାପନ କରିଥିଲେ। ସମ୍ବିଧନିକ୍ ସୁପାରିଶ ଅନୁସାରେ ପ୍ରତ୍ୟେକ କ୍ଷେତ୍ରରେ ସମିତି ସଭ୍ୟଙ୍କୁ କ୍ଷମତା ଦିଆଯାଉ। ସରପଂଚ ଭଳି ସମିତି ସଭ୍ୟ/ସଭ୍ୟା ମାନଙ୍କୁ କ୍ଷମତା ଦିଆଯିବା, ପଂଚାୟତର ସମସ୍ତ କାର୍ଯ୍ୟ ସମିତି ସଭ୍ୟ/ସଭ୍ୟା ମାନଙ୍କ ଅନୁମୋଦନରେ କରାଯିବା, ପ୍ରତି ପଂଚାୟତ କାର୍ଯ୍ୟଳୟରେ ଲୋକଙ୍କ ଆପତି ଅଭିଯୋଗ ଶୁଣିବା ପାଇଁ ସମିତି ସଭ୍ୟ/ ସଭ୍ୟାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟଳୟ ବ୍ୟବସ୍ଥା କରାଯିବା, ପଂଚାୟତ ସମିତି ଆସୁଥିବା ସମସ୍ତ ଅନୁଦାନ କାର୍ଯ୍ୟ ସମିତି ସଭ୍ୟ ଓ ସଭ୍ୟା ଙ୍କ ପ୍ରସ୍ତାବରେ ଓ ସମିତି ବୈଠକରେ ଅନୁମୋଦନ କରାଯିବା, ସାଂସଦ ଓ ବିଧାୟକ ପାଣ୍ଠି ଭଳି ସମିତି ସଭ୍ୟ ପାଣ୍ଠି ସୃଷ୍ଟି କରାଯାଇ ବାର୍ଷିକ ପ୍ରତି ପଂଚାୟତ କୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବା, ପଂଚାୟତ କିମ୍ବା ପଂଚାୟତ ସମିତି ଯେକୌଣସି ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ଯାହା ସରକାରୀ ପତ୍ର ଆସୁଛି ସେଥିରୁ ଏକ କିତା ନକଲ ସମିତି ସଭ୍ୟସଭ୍ୟାମାନଙ୍କୁ ପ୍ରଦାନ କରାଯିବା, ଯେହେତୁ ପଂଚାୟତ ସମିତିର ଅଧକ୍ଷ ସମିତି ସଭ୍ୟ ସଭ୍ୟା ମାନଙ୍କ ଦ୍ୱାରା ଚୟନ କରାଯାଉଅଛି ସମିତି ସଭ୍ୟମାନଙ୍କୁ ସ୍ଥାୟୀ ସଦସ୍ୟ କରାଯାଇ ଅନାସ୍ଥା ପ୍ରସ୍ତାବ ଆଗତ ଭଳି କାର୍ଯ୍ୟରେ ସରପଂଚମାନଙ୍କର ଅଂଶଗ୍ରହଣକୁ ବାଦ୍ ଦେବାପାଇଁ ବିଧାନ ସଭାରେ ପ୍ରସ୍ତାବ ଅଣାଯାଇ ସଂଶୋଧନ କରାଯିବା, ପଂଚାୟତ ସମିତି ପଂଚାୟତ ଉପର ସଦନ୍ ହୋଇଥିବାରୁ ସମିତି ସଭ୍ୟ ସଭ୍ୟାମାନଙ୍କର ସମ୍ମାନ ହାନି କାରଣ ଯାଇ ମାସିକ ଭତା ପୂର୍ବଭଳି ସରପଂଚଙ୍କ ସହିତ ସମାନ କରାଯିବା, ସମିତି ସଭ୍ୟ/ ସଭ୍ୟାମାନଙ୍କ ପାଇଁ ଜୀବନ ବୀମା ସହିତ ଅବଧି ସରିଲା ପରେ ବିଧାୟକ ଓ ସାଂସଦ ଙ୍କ ଭଳି ଭାତ ପ୍ରଦାନ କରାଯିବା ଏବଂ ପଂଚାୟତ ସମିତି ବୈଠକ ପ୍ରତି ୨ମାସରେ ଥିବା ନିୟମକୁ କଡାକଡି କରାଯିବା ସହିତ ଷ୍ଟାଣ୍ଡିଂ କମିଟିକୁ କାର୍ଯ୍ୟ କ୍ଷମା କରାଯିବା ଆଦି ସବୁଦାବି ପାଇଁ ସଭାପତି ଶ୍ରୀ ବେହେରା ଗଣମାଧ୍ୟମ କୁ ଜଣାଇବା ସହିତ ଓଡ଼ିଶା ସରକାରଙ୍କୁ ଯଥାଶୀଘ୍ର ପୁରାଣ କରିବା ପାଇଁ ଅନୁରୋଧ କରିଥିଲେ। ଚାରି ଜଣ ନିମନ୍ତ୍ରିତ ଅଧକ୍ଷ। ସେମାନଙ୍କୁ ଏହି ସମସ୍ତ କାମରେ ସହଜଗ କରିବା ପାଇଁ ପ୍ରସ୍ତାବ ଦେଇଥିଲେ କାରଣ ସେମାନେ ମଧ୍ୟ ସମିତି ସଭ୍ୟରୁ ଅଧକ୍ଷା ହୋଇଥିବା ଅନୁଭବ କରିଥିଲେ। ନିର୍ବାଚନରେ ଲୋକମାନଙ୍କୁ ଦେଇଥିବା ପ୍ରତିଶୃତି ପୂରଣ କରିବାକୁ ହେଲେ, ଉପରକ୍ତ ଦାବି କୁଡିକ ସରକାରଙ୍କୁ ପୁରାଣ କରିବାକୁ ହେବ। ନଚେତ୍ ସମିତି ସଭ୍ୟ ପଦବୀ ରାଜନୀତି ମାନଚିତ୍ରରୁ ଲିଭିଜିବ ଥୟ ହେବନେଇ ସମିତି ସଭ୍ୟ ମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଘର ନେତୃତ୍ୱ ସଭ୍ୟ ମନେ ହେଲେ ମୌସୁମୀ ପ୍ରଧାନ, ଶିନିବାସ ମଲିକ, ପରେଶ୍ୱର କହଁର, ଜୁନେଶ ଗିଗାଲ, କୀରାପ ପ୍ରଧାନ, ସୂରଦା ପ୍ରଧାନ, ଜାନକୀ କହଁର ଅମୂଲ୍ୟ ଦେହୁରୀ। ସୁଭଦ୍ରା ବେହେରା, ଦମୟନ୍ତୀ ଯାନି।

## ବରିଷ୍ଠ ନାଗରିକଙ୍କର ଭତ୍ତା ବନ୍ଦ, ଭେଟିଲେ ଜିଲ୍ଲାପାଳଙ୍କୁ

କେନ୍ଦ୍ରାପଡା, ୨୩/୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅରଗଳ ପଂଚାୟତ ର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ପ୍ରକାର ଭତା ୩ ମାସରୁ ଉର୍ଦ୍ଧ୍ୱ ହେବ ବନ୍ଦହୋଇ ଯାଇଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ୨୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ଦୀର୍ଘ ମାସ ହେଲା ନିୟମିତ ହେଲା ଭତା ପାଇ ଆସୁଥିଲେ। କିନ୍ତୁ ଗତ କିଛିମାସ ହେଲା ବରିଷ୍ଠ ନାଗରିକ ମାନଙ୍କର ଭତା କେଉଁ କାରଣରୁ ବନ୍ଦ ହେଲା ଏମାନେ ମଧ୍ୟ ଜାଣିପାରୁ ନାହାଁନ୍ତି। ତେବେ ଭତା ନପାଇ ଏହି ବରିଷ୍ଠ ନାଗରିକ ମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବା ସହ ନିୟମିତ ଔଷଧ ଖାଇବାରୁ ବଂଚିତ ହେଉଥିବା ଜଣାପଡିଛି। ପ୍ରାୟ ଶତାଧିକ ବରିଷ୍ଠ ନାଗରିକ ମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଏମାନଙ୍କର ଭତା ଲାଗୁ କରିବା ପାଇଁ ଅରଗଳ ଗ୍ରାମର ଦାମୋଦର ମଳିକ, ପୂର୍ଣ୍ଣିମା ପଣ୍ଡା, ମଲ୍ଲୀ ମଳିକ, କାଂଚନଲତା ମଳିକ, କଳ୍ପତରୁ ସୂତାର, ଧ୍ରୁବ ସାହୁ, ପୁରୁଷୋତମ ଜେନା ପ୍ରମୁଖ ଦାବି କରିଛନ୍ତି।

# ଷ୍ଟେସନ ଅଟୋ ଚାଳକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା

ପୁରୀ, ୨୩/୧୦ (ନି.ପ୍ର): ରେଲୱେ ଷ୍ଟେସନ ଅଟୋ ଚାଳକ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ ମହାଡ଼ମ୍ବର ପାଳନ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡିଶା ଅଟୋ ଚାଳକ ସଂଘର ସଭାପତି କଟକ ମେୟର ସୁବାସ ଚନ୍ଦ୍ର ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହାସଂଘ ସଭାପତି ଦୁର୍ଗାଚରଣ ଖୁଂଟିଆ, ଉପସଭାପତି ଭଗବାନ ପଡ଼ିଆରୀ, ନିଖିଳ ଓଡିଶା ଅଟୋ ଚାଳକ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାମଲ, ରାଜୀବ ଜୋସେଫ, ଭାସ୍କର ସେଠୀ, ଆର ପୁରୁଷୋତମ, ସମ୍ପାଦକ ଅକ୍ଷୟ କୁମାର ପ୍ରଧାନ, ଡି ମୋହନ ରେଡ଼ି, ପି ଲୋକନାଥ ରାଓ, ଡି ନାରାୟଣ ରେଡ଼ି, ଅଭିମନ୍ୟୁ ବେହେରା, ରବୀନ ପଟ୍ଟନାୟକ, ସନ୍ତୋଷ କୁମାର ବାହିନୀପତି ଙ୍କ ସହିତ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ମଂଚାସିନ ହୋଇ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ।

# ଜିଲ୍ଲାରେ ବାତ୍ୟା ମୁକାବିଲା ନିମନ୍ତେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୨୩/୧୦ (ନି.ପ୍ର): ବାତ୍ୟା 'ଦାନା' କୁ ଦୃଷ୍ଟିରେ ରଖି ଆଜି ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଶ୍ରୀ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୋଲିସ ଉପ-ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ) ଡ଼. ସତ୍ୟଜିତ ନାୟକ, ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥି ସହିତ ସମସ୍ତ ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଡି ହୋଇ ନିଜ ନିଜ ଅଞ୍ଚଳର ସ୍ଥାନାନ୍ତରର ସ୍ଥିତି ଏବଂ ତତ୍ସମ୍ବନ୍ଧିତ ଜାରି ରହିଥିବା କାର୍ଯ୍ୟକଳାପ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ସହାୟତା ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ଆକଳନ କରାଯିବା ସହିତ ବିପର୍ଯ୍ୟୟ ପ୍ରସ୍ତୁତିର ବିଭିନ୍ନ ଦିଗକୁ ସତର୍କତାର ସହ ସମୀକ୍ଷା କରାଯାଇଥିଲା । ଏଥିସହିତ ସ୍ଥାନାନ୍ତର ପ୍ରକ୍ରିୟା, ଉଦ୍ଧାରକାରୀ ଦଳ ମୁତୟନ ଏବଂ ବାତ୍ୟା ଆଶ୍ରୟସ୍ଥଳୀ ଓ ବିକଳ୍ପ ସୁରକ୍ଷିତ ଆଶ୍ରୟସ୍ଥଳୀ ଉପରେ ବିଶେଷ ଆଲୋଚନା କରାଯାଇ ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରମୁଖତଃ ବୟସ୍କ ନାଗରିକ, ଗର୍ଭବତୀ ମହିଳା ଏବଂ ଭିନ୍ନକ୍ଷମଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆବଶ୍ୟକ ସ୍ଥଳରେ ଅଙ୍ଗନବାଡି ଦିଦିଙ୍କୁ ନିୟୋଜିତ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ସମସ୍ତ ଆଶ୍ରୟସ୍ଥଳୀରେ ଯେପରି ସ୍ଥାନାନ୍ତରିତ ଜନସାଧାରଣଙ୍କୁ ସଠିକ ସମୟରେ ଖାଦ୍ୟ ଯୋଗାଇ ଦିଆଯାଇ ପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବରିଷ୍ଠ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି ଓ ପ୍ରଭାବିତ ଅଞ୍ଚଳରେ ଶତପ୍ରତିଶତ ସ୍ଥାନାନ୍ତର ନିଶ୍ଚିତ କରିବାକୁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକର ତଦାରଖ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସମସ୍ତ ଉଦ୍ଧାର କାର୍ଯ୍ୟଗୁଡିକ ଉପରେ ନଜର ରଖାଯାଇଛି । ଆନ୍ତଃବିଭାଗୀୟ ସମନ୍ୱୟର ଗୁରୁତ୍ୱ ଉପରେ ଶ୍ରୀ ଚକ୍ରବର୍ତ୍ତୀ ଗୁରୁତ୍ୱାରୋପ କରିବା ସହ ଅଧିକ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଠାରେ ସୂଚନା ଥାଉ କି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସକ୍ରିୟ କରାଯାଇଛି । ଜିଲ୍ଲା ପ୍ରଶାସନକୁ ସହଯୋଗ କରିବା ସହ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

# ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ଦାନା ପାଇଁ ଜରୁରୀ ବୈଠକ




ଲଙ୍ଗଳେଶ୍ୱର , ୨୩/୧୦ (ନି.ପ୍ର): ବାତ୍ୟା ଦାନା ର ମୁକାବିଲା ପାଇଁ ଆଜି ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏ ବିଡ଼ିଓ ଶରତ ମଦୁଲି ଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକ ରେ ଏମ ଏଲ ଏ ସୁବାସିନୀ ଜେନା , ବିଡିଓ ପୁପମ ରାଉତ, ତହସିଲଦାର ଜନକ କୁମାର ନାୟକ, ଥାନା ଆଇ ଆଇ ସି ବ୍ରହ୍ମାନନ୍ଦ ସ୍ୱାଇଁ,ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକ, ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ଅଗ୍ନିଶମ ବିଭାଗର କାଶୀନାଥ ମାରାଣ୍ଡି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ବାତ୍ୟାର ମୁକାବିଲା ପାଇଁ ବ୍ଲକ, ତହସିଲ, ଶିକ୍ଷାନୁଷ୍ଠାନ କର୍ମଚାରୀ ଙ୍କୁ ନିୟୋଜିତ କରାଯିବା ନେଇ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବାତ୍ୟା ଆଶ୍ରୟ ସ୍ଥଳୀରେ ଲାଇଟ, ପାଣି, ପାଇଖାନାକୁ ପ୍ରସ୍ତୁତ ରଖା ଯାଇଛି। ଲୋକଙ୍କୁ ସ୍ଥାନାନ୍ତର ପାଇଁ ପ୍ରତି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ମାନଙ୍କୁ ସଜାଗ ରହିବାକୁ କୁହାଯାଇଛି। ଆବଶ୍ୟକ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆ ଯିବା ନେଇ ମଧ୍ୟ ଆଲୋଚନା ହୋଇଛି ।ଆଜି ଠାରୁ ବାତ୍ୟା ସରିବା ପର୍ଯ୍ୟନ୍ତ ଲୋକଙ୍କୁ ଡାକ ବାଜି ଯନ୍ତ୍ର ଯୋଗେ ସତର୍କ କରାଯିବ ।ସରପଞ୍ଚ ମାନେ ମଧ୍ୟ ଅସ୍ଥାୟୀ ଆଶ୍ରୟ ସ୍ଥଳୀ କରି ଲୋକଙ୍କୁ ଥଇଥାନ କରି ପାରିବେ ।ବାତ୍ୟା ଦାନା ଦ୍ୱାରା ଲୋକଙ୍କର ଯେପରି କୌଣସି କ୍ଷତି ନ ହୁଏ ସେଥିପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ବିଧାୟିକା ସୁବାସିନୀ ଜେନା ଅନୁରୋଧ କରିଥିଲେ। ଏଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆ ଯାଉ ବୋଲି ବିଧାୟିକା ଜେନା ଦାବି କରିଥିଲେ।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ପାଣିପମ୍ପ ଅଚଳ: ପାଣିପାଇଁ ମୁହଁ ଫେରାଇବାକୁ ବସିଲେଣି ପର୍ଯ୍ୟଟକ

ନୀଳଗିରି , ୨୩/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାଂସ୍କୃତିକ ପ୍ରାଣକେନ୍ଦ୍ର ନୀଳଗିରି। ଏଠାକାର ମନଲୋଭା ପ୍ରାକୃତିକ ପରିବେଶ, ସ୍ୱର୍ଣଚୁଡ ପର୍ବତ, ତୃତୀୟଶ୍ରୀକ୍ଷେତ୍ର ଭାବରେ ସୁପରିଚିତ ନୀଳଗିରିର ଜଗନ୍ନାଥ ମନ୍ଦିର, ପଶ୍ଚିମରେ ପରମଆରାଧ୍ୟା ମା ଭୁଦାରଚଣ୍ଡୀ, ସର୍ବୋପରି ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ବିଜେସ୍ଥଳୀ। କାହିଁ ଅନାଦି କାଳରୁ ଝରଣାଜଳର ପଥର କରୋଡରେ ବାବା ପଞ୍ଚଲିଙ୍ଗ ଆକାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ରାଜ୍ୟସରକାର ଉକ୍ତ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଥିବା ବେଳେ କୋଟିକୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଯୋଜନା କରି ଟଙ୍କା ମଞ୍ଜୁର ହୋଇଛି। ମାତ୍ର ଉକ୍ତ ପୀଠରେ ସର୍ବନିମ୍ନ ମୌଳିକ ସୁବିଧା ପାଣି ପାଇବାରେ ପର୍ଯ୍ୟଟକ ସମେତ ଉକ୍ତ ପୀଠରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ଦୋକାନୀ ପାଣି ମୁନ୍ଦାଏ ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ଉଠିଛି। ଫଳରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମୁହଁ ଫେରାଇବାକୁ ବସିଲେଣି। ବିଗତ ଏକମାସରୁ ଉର୍ଦ୍ଧ୍ୱ ହେବ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ନିର୍ମିତ ପାଣିପମ୍ପଟି ଅଚଳ ହୋଇ ପଡ଼ିଥିବା ଯୋଗୁଁ ପାଣି ମୁନ୍ଦାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପର୍ଯ୍ୟଟକ ସମେତ ଦୋକାନୀ। ଏନେଇ ବାରମ୍ବାର ଅଧିକାରୀ ମାନଙ୍କୁ ଜଣାଯାଇଥିଲା ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଶୈବପୀଠ ପାଇଁ ସ୍ୱତନ୍ତ୍ର ପାନୀୟଜଳର ବ୍ୟବସ୍ଥା ହୋଇନଥିବା ବେଳେ ଉକ୍ତ ପାଣିଟାଙ୍କିର ପାଣି ବ୍ୟବହାର ହେଉଥିବା ବେଳେ ଏକମାସ ଧରି ପମ୍ପ ଅଚଳ ହେବା ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

# ୟୁଟ୍ୟୁବ୍ ଦେଖି ଢିପଜମିରେ ମାଣ୍ଡିଆ ଚାଷକଲେ ଯୁବଚାଷୀ: ବାତ୍ୟା 'ଦାନା' ଆଶା ଆଶଙ୍କାରେ ସୁଶୀଲ




ନୀଳଗିରି, ୨୩/୧୦ (ନି.ପ୍ର): ନୀଳଗିରି ଉପଖଣ୍ଡ ଏକ ପାହାଡ ଜଙ୍ଗଲ ପରିପୂର୍ଣ୍ଣ କଙ୍କରିତ ଅଞ୍ଚଳଭାବେ ବେଶ ଜଣାଶୁଣା। ତେବେ ଇଚ୍ଛାଶକ୍ତି ଆଗରେ ହାର ମାନିଥାଏ ଅନେକ ବାଧାବିଘ୍ନ। ସେହିଭଳି ଏକଘଟଣା ଚାଷୀମାନଙ୍କ ପାଇଁ ବେଶ ଉତ୍ସାହପ୍ରଦ ହୋଇଥିବା ବେଳେ ବାତ୍ୟା 'ଦାନା'ଏଥିପାଇଁ ସୃଷ୍ଟି କରିଛି ଆଶା ଓ ଆଶଙ୍କା। ସୂଚନାରୁ ଜଣାଯାଇଛି ନୀଳଗିରି ବ୍ଲକ, ଜଡିଦା ପଂଚାୟତ ପୋଡାଶୁଳ ଗାଁର ଯୁବକ ସୁଶୀଲ କୁମାର ନାୟକଙ୍କ ଇଚ୍ଛାଶକ୍ତି ଆଗରେ ହାର ମାନିଛି ସବୁ ପ୍ରତିବନ୍ଧକ। ୟୁଟ୍ୟୁବ୍ ଦେଖି ମାଣ୍ଡିଆ ଚାଷ କରିବାର ନିଷ୍ପତି ନେଇ ୪ ଏକର ଟାଙ୍ଗଣା ଜମିରେ କରିଛନ୍ତି ମାଣ୍ଡିଆ ଚାଷ ।ଚାଷ ଭଲ ହୋଇଛି ମଧ୍ୟ ।ତେବେ ମହାବାତ୍ୟାର 'ଦାନା'ର ପ୍ରଭାବ କଣ ପଡ଼ିବ, ସେ ନେଇ ଚିନ୍ତାରେ ଅଛନ୍ତି ସୁଶୀଲ। ମାଣ୍ଡିଆ ଚାଷ ସମ୍ପର୍କରେ ସେ କୁହନ୍ତି, ମାଣ୍ଡିଆରେ ବହୁ ଔଷଧୀୟ ଗୁଣ ଭରିରହିଛି ବୋଲି ୟୁଟ୍ୟୁବ୍ରୁ ଜାଣି ଉକ୍ତଚାଷ କରିଛି ।ଚାରି ଏକର ଜମିରେ ଚାଷପାଇଁ ପ୍ରାୟ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ, ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ରହିଛି ।ତେବେ ବର୍ଷା,ବାତ୍ୟା ହେଲେ ଅବସ୍ଥା କଣ ହେବ ସେନେଇ ଚିନ୍ତାରେ ଅଛି। ଅନ୍ୟପକ୍ଷରେ, ନୀଳଗିରି ଅଂଚଳରେ, ମାଣ୍ଡିଆ ଚାଷ ନୂଆ ବୋଲି କୁହାଯାଇପାରିବ। ଏ ଅଞ୍ଚଳର ଚାଷୀମାନଙ୍କ ପାଇଁ ,ଏହା ଏକ ଉତ୍ସାହ ପ୍ରଦାନକାରୀ କାର୍ଯ୍ୟ ବୋଲି ବହୁଚାଷୀ ଓ ବୁଦ୍ଧିଜୀବି ମତ ପ୍ରକାଶ କରିଥିବା ଜଣାଯାଇଛି।






# ତୃପ୍ତିରାଣୀ ଓ ଦେବାଶିଷ ସିଂହଙ୍କ କବିତାଗ୍ରନ୍ଥ ଉନ୍ମୋଚିତ

ବାଲେଶ୍ୱର, ୨୩/୧୦ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନଠାରେ କବୟିତ୍ରୀ ତୃପ୍ତିରାଣୀ ପାତ୍ରଙ୍କ ଦୁଇଟି କବିତା ଗ୍ରନ୍ଥ 'କବିତା ମୋ ପ୍ରୀତି' ଓ 'ପ୍ରଣମ୍ୟ' ଏବଂ କବି ଦେବାଶିଷ ସିଂହଙ୍କର ଗୋଟିଏ କବିତା ପୁସ୍ତକ 'କବିତା ଭେଟି' ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଲୋକାର୍ପିତ ହୋଇଯାଇଛି। ଉନ୍ମୋଚକ ଭାବେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ସାରସ୍ୱତ ସାଧକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗ ଦେଇଥିବାବେଳେ ଗବେଷକ ଡ. ରମାକାନ୍ତ ନାୟକ, 'ଅକ୍ଷାଂଶ' ପତ୍ରିକା ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଓ କବି ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ ତିନୋଟି ପୁସ୍ତକକୁ ସମୀକ୍ଷା କରିଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଲେଖକ ତୃପ୍ତିରାଣୀ ପାତ୍ର ଓ ଦେବାଶିଷ ସିଂହ ନିଜ ନିଜର ଲେଖକୀୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ତୃପ୍ତିରାଣୀ ପାତ୍ରଙ୍କ ରଚିତ ଗୋଟିଏ ଗୀତିକବିତାକୁ କଲ୍ୟାଣୀ ନନ୍ଦ, ସୁବ୍ରତା ମହାନ୍ତି, ଅର୍ଚ୍ଚନା କର, ବାସନ୍ତୀ ଦେ, ଶାନ୍ତି ବିଶି ପ୍ରମୁଖ ଗାନ କରିଥିଲେ। ତବଲାରେ ସହଯୋଗ କରିଥିଲେ ଗୁରୁ ଲକ୍ଷ୍ମୀଧର ଜେନା। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭିତରକନିକା- ଧାମରା...

ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି। ଶ୍ର ଦାଶ କହିଛନ୍ତି, ଆଜି ସନ୍ଧ୍ୟାରେ ଉପକୂଳ ଓଡ଼ିଶାରେ ପବନର ବେଗ ଧୀରେ ଧୀରେ ବୃଦ୍ଧି ପାଇବ। ୨୪ ଓ ୨୫ ତାରିଖରେ ଅଧିକ ପବନ ହେବ। ବାତ୍ୟା ଉପକୂଳ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ ରହିବ। ପବନ ବେଗ ଅଧିକ ରହୁଥିବାରୁ ଗଛ ଉପୁଡ଼ିବା ସହ ବିଦ୍ୟୁତ ସେବା ପ୍ରଭାବିତ ହେବାର ସମ୍ଭାବନା ରହିଛି। ମାଟି ଘର ଭାଙ୍ଗିବା ସହ ଧାନ ଚାଷ କ୍ଷତି ହେବାର ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ମତ୍ସ୍ୟଜୀବୀଙ୍କୁ ଫେରିବାକୁ ଆସିବାକୁ କୁହାଯାଇଛି। ୨୫ତାରିଖ ଯାଏ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏଥିସହ ପୁରୀ, ପାରାଦୀପ ଓ ଧାମରାକୁ ୪ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ସେହିପରି ଗୋପାଳପୁର ବନ୍ଦରକୁ ୨ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି।

## ନୂଆ ଧାନ ସଂଗ୍ରହ ନୀତି...

ବାକି ୮୦୦ଟଙ୍କାକୁ କେମିତି ପ୍ରଦାନ କରିବେ ତା'ର ମୋଡ଼ାଲିଟି ସମ୍ପର୍କରେ ଖାଦ୍ୟ ଓ ଧାନ ସଂଗ୍ରହଣ ନୀତିରେ ଦର୍ଶାଇନାହାନ୍ତି । ତେବେ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ, ଧାନବିକ୍ରି କରିବା ପାଇଁ ୧୭ଲକ୍ଷ ଚାଷୀ ପଞ୍ଜିକୃତ ହୋଇଛନ୍ତି । କଟନୀ-ଛଟନୀ ହେବନି ଓ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ପ୍ରଦାନ କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ 'ସମୃଦ୍ଧ କୃଷକ ଯୋଜନା' ନାମରେ ଏକ କଲ୍ୟାଣକାରୀ କୃଷି ଯୋଜନା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରସ୍ତାବକୁ ଆଜି କ୍ୟାବିନେଟ ମଞ୍ଜୁରୀ ମିଳିଛି । ଏହି ଯୋଜନାରେ ରାଜ୍ୟ ସରକାରଙ୍କ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପଞ୍ଜିକୃତ ଚାଷୀମାନଙ୍କଠୁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ସହ ଇନପୁଟ୍ ସହାୟତା ପ୍ରଦାନ କରି, କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କାରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯିବ । ଧାନ ମଞ୍ଜି ଉତ୍ପାଦନ ନିମନ୍ତେ ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥା ଅଧୀନରେ ପଞ୍ଜିକୃତ ହୋଇ ରାଜ୍ୟ ବିହନ ନିଗମ ଲିମିଟେଡ୍ ମାଧ୍ୟରେ ପ୍ରମାଣିତ ଧାନ ବିହନ ବିକ୍ରୟ କରୁଥିବା ସମସ୍ତ ବିହନ ଉତ୍ପାଦକମାନେ ଏହି ଯୋଜନା ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ସେହିପରି 'ସୁଭଦ୍ରା' ଯୋଜନାରେ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଓ ଆବେଦନରେ ହେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ସୁଭଦ୍ରା ଗାଇଡଲାଇନକୁ ସଂଶୋଧନ ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ସୁଭଦ୍ରା ଯୋଜନାରେ ଏକ କୋଟି ଆବେଦନକାରୀ ନାମ ପଞ୍ଜିକରଣ କରିଛନ୍ତି ଓ ମୋଟ ୨ଟି ପର୍ଯ୍ୟାୟରେ ୬୦ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଅନୁମୋଦନ କରାଯାଇଛି ।

## ଯୁଦ୍ଧ ନୁହେଁ, ଶାନ୍ତି ଆଲୋଚନା...

ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଉପସ୍ଥିତ ଥିଲେ। ମୋଦୀ କହିଥିଲେ ଆଜିର ଚମତ୍କାର ବୈଠକ ଆୟୋଜନ କରିଥିବାରୁ ମୁଁ ରାଷ୍ଟ୍ରପତି ପୁଟିନଙ୍କୁ ଅଶେଷ କୃତଜ୍ଞତା ଜଣାଉଛି। ମୁଁ ବହୁତ ଖୁସି ଯେ ଆଜି ଆମେ ପ୍ରଥମ ଥର ପାଇଁ ଏକ ବ୍ରିକ୍ସ ପରିବାର ଭାବରେ ସାକ୍ଷାତ କରୁଛୁ। ବ୍ରିକ୍ସ ପରିବାର ସହିତ ଜଡିତ ସମସ୍ତ ନୂତନ ସଦସ୍ୟ ଏବଂ ବନ୍ଧୁମାନଙ୍କୁ ମୁଁ ହୃଦୟରୁ ସ୍ୱାଗତ କରୁଛି। ଗତ ଏକ ବର୍ଷ ମଧ୍ୟରେ ରୁଷିଆର ସଫଳ ରାଷ୍ଟ୍ରପତି ପାଇଁ ମୁଁ ରାଷ୍ଟ୍ରପତି ପୁଟିନଙ୍କୁ ଅଭିନନ୍ଦନ ଜଣାଉଛି। ବନ୍ଧୁଗଣ, ଆମର ସଭା ଏପରି ଏକ ସମୟରେ ହେଉଛି ଯେତେବେଳେ ଯୁଦ୍ଧ, ବିବାଦ, ଅର୍ଥନେ?ତିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଇତ୍ୟାଦି ଅନେକ ଚ୍ୟାଲେଞ୍ଜ ଆମକୁ ଘେରି ରହିଛି। ବିଶ୍ୱରେ ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ ବିଭାଜନ ବିଷୟରେ ଆଲୋଚନା ହେଉଛି । ମୁଦ୍ରାସ୍ଫୀତି ରୋକିବା, ଖାଦ୍ୟ ନିରାପତ୍ତା, ଶକ୍ତି ନିରାପତ୍ତା, ସ୍ୱାସ୍ଥ୍ୟ ସୁରକ୍ଷା, ଜଳ ନିରାପତ୍ତା ସବୁ ଦେଶ ପାଇଁ ପ୍ରାଥମିକ ବିଷୟ ଅଟେ। ଟେକ୍ନୋଲୋଜି ଯୁଗରେ, ସାଇବର ସୁରକ୍ଷା, ଡିପ୍ ଫେକ୍, ବିଛିନ୍ନତା ଭଳି ନୂତନ ଆହ୍ୱାନ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ବ୍ରିକ୍ସକୁ ନେଇ ଅନେକ ଆଶା ରହିଛି। ମୁଁ ବିଶ୍ୱାସ କରେ ଯେ ଏକ ବିବିଧ ଏବଂ ଅନ୍ତର୍ଭୂକ୍ତ ପ୍ଲାଟଫର୍ମ ଭାବରେ ବ୍ରିକ୍ସ ସମସ୍ତ ପ୍ରସଙ୍ଗରେ ଏକ ସକାରାତ୍ମକ ଭୂମିକା ଗ୍ରହଣ କରିପାରିବ । ଏହି ପରିପ୍ରେକ୍ଷୀରେ, ଆମର ଆଭିମୁଖ୍ୟ ଲୋକକେନ୍ଦ୍ରିକ ହେବା ଉଚିତ୍। ଆମେ ବିଶ୍ୱ କୁ ଏହି ବାର୍ତ୍ତା ଦେବା ଉଚିତ ଯେ ବ୍ରିକ୍ସ ଏକ ବିଭାଜନକାରୀ ନୁହେଁ ବରଂ ଏକ ଜନସ୍ୱାର୍ଥ ଗୋଷ୍ଠୀ। ଆମେ ଯୁଦ୍ଧ ନୁହେଁ କଥାବାର୍ତ୍ତା ଏବଂ କୂଟନୈତିକ ସ୍ଥିତିକୁ ସମର୍ଥନ କରୁ । ଯେପରି ଆମେ ଏକତ୍ର କୋଭିଡ ପରି ଏକ ଚ୍ୟାଲେଞ୍ଜକୁ ପରାସ୍ତ କରିଥିଲୁ, ଭବିଷ୍ୟତ ପିଢ଼ି ପାଇଁ ଏକ ନିରାପଦ, ଶକ୍ତିଶାଳୀ ଏବଂ ସମୃଦ୍ଧ ଭବିଷ୍ୟତ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ଆମେ ସମ୍ପୂର୍ଣ୍ଣ ସକ୍ଷମ ଅଟୁ। ଆତଙ୍କବାଦ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣର ମୁକାବିଲା ପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡିବ। ଏପରି ଗମ୍ଭୀର ବିଷୟ ଉପରେ ଦ୍ୱିତୀୟ ମାନଦଣ୍ଡ ପାଇଁ ସ୍ଥାନ ନାହିଁ। ଆମ ଦେଶର ଯୁବବର୍ଗମାନଙ୍କ ମଧ୍ୟରେ ମୌଳବାଦୀ ଚିନ୍ତାଧାରାକୁ ରୋକିବା ପାଇଁ ଆମେ ସକ୍ରିୟ ପଦକ୍ଷେପ ନେବା ଉଚିତ୍। ମିଳିତ ଜାତିସଂଘରେ ଅନ୍ତର୍ଜାତୀୟ ଆତଙ୍କବାଦ ଉପରେ ବିସ୍ତୃତ ସମ୍ମିଳନୀର ବିଚାରାଧୀନ ପ୍ରସଙ୍ଗରେ ଆମକୁ ଏକାଠି କାମ କରିବାକୁ ପଡିବ। ସେହିଭଳି ସାଇବର ସୁରକ୍ଷା, ନିରାପଦ ଏବଂ ସୁରକ୍ଷିତ ଏଆଇ ପାଇଁ ବିଶ୍ୱସ୍ତରୀୟ ନିୟମାବଳୀ ପାଇଁ କାର୍ଯ୍ୟ କରାଯିବା ଉଚିତ୍। ବ୍ରିକ୍ସ ଅଂଶୀଦାର ଭାବରେ ନୂତନ ଦେଶକୁ ସ୍ୱାଗତ କରିବାକୁ ଭାରତ ପ୍ରସ୍ତୁତ। ଏ ବାବଦରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ଗ୍ରହଣ କରାଯିବା ଉଚିତ୍ ଏବଂ ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟଙ୍କ ମତକୁ ସମ୍ମାନ ଦିଆଯିବା ଉଚିତ୍। ଜୋହାନ୍ସବର୍ଗ ସମ୍ମିଳନୀରେ ଆମେ ଗ୍ରହଣ କରିଥିବା ମାର୍ଗଦର୍ଶିକା ନୀତି, ମାନକ, ମାନଦଣ୍ଡ ଏବଂ ପ୍ରକ୍ରିୟା ସମସ୍ତ ସଦସ୍ୟ ଏବଂ ସହଭାଗୀ ଦେଶ ଅନୁସରଣ କରିବା ଉଚିତ୍। ବ୍ରିକ୍ସ ହେଉଛି ଏକ ସଂଗଠନ ଯେଉଁଥିରେ ସମୟ ସହିତ ନିଜକୁ ପରିବର୍ତ୍ତନ କରିବାର ଇଚ୍ଛା ଶକ୍ତି ଅଛି । ଆମେ ସମଗ୍ର ବିଶ୍ୱ ସାମ୍ନାରେ ଆମର ଉଦାହରଣ ସୃଷ୍ଟି କରିବା ଏବଂ ବିଶ୍ୱ ଅନୁଷ୍ଠାନଗୁଡ଼ିକର ସଂସ୍କାର ପାଇଁ ସର୍ବସମ୍ମତି କ୍ରମେ ସ୍ୱର ଉତ୍ତୋଳନ କରିବା ଉଚିତ୍ । ମିଳିତ ଜାତିସଂଘ ସୁରକ୍ଷା ପରିଷଦ, ବହୁପକ୍ଷୀୟ ବିକାଶ ବ୍ୟାଙ୍କ, ବିଶ୍ୱ ବାଣିଜ୍ୟ ସଂଗଠନ ପରି ବିଶ୍ୱ ଅନୁଷ୍ଠାନଗୁଡ଼ିକର ସଂସ୍କାର ଆଣିବା ପାଇଁ ଆମେ ଠିକ୍ ସମୟରେ ଆଗକୁ ବଢ଼ିବା ଉଚିତ୍। ବ୍ରିକ୍ସର ପ୍ରୟାସକୁ ଆଗକୁ ନେବାବେଳେ, ଆମେ ଯତ୍ନବାନ ହେବା ଉଚିତ ଯେ ଏହି ସଂସ୍ଥାର ଭାବମୂର୍ତ୍ତି ଏପରି ହୋଇ ନ ଥାଏ ଯେ ଆମେ ବିଶ୍ୱ ଅନୁଷ୍ଠାନଗୁଡ଼ିକର ସଂସ୍କାର ଆଣିବାକୁ ଚାହୁଁନାହୁଁ ବରଂ ସେଗୁଡିକୁ ବଦଳାଇବାକୁ ଚାହୁଁଛୁ। ଗ୍ଲୋବାଲ୍ ସାଉଥ୍ ଦେଶଗୁଡିକର ଆଶା, ଆକାଂକ୍ଷା ଏବଂ ଆଶା ମଧ୍ୟ ମନେ ରଖିବା ଉଚିତ୍ । ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ ଏବଂ ଏହାର ଜି-୨୦ ର ଅଧକ୍ଷତା ସମୟରେ ଭାରତ ଏହି ଦେଶଗୁଡ଼ିକର ସ୍ୱରକୁ ବିଶ୍ୱ ସ୍ତରରେ ରଖିଛି। ମୁଁ ଖୁସି ଯେ ବ୍ରିକ୍ସ ଅଧୀନରେ ଏହି ପ୍ରୟାସଗୁଡ଼ିକ ମଧ୍ୟ ଶକ୍ତି ପ୍ରାପ୍ତ କରୁଛି। ଗତ ବର୍ଷ ଆଫ୍ରିକୀୟ ଦେଶଗୁଡିକ ବ୍ରିକ୍ସରେ ଯୋଡି ହୋଇଥିଲେ। ଚଳିତ ବର୍ଷ ଗ୍ଲୋବାଲ ସାଉଥ୍ର ଅନେକ ଦେଶ ରୁଷିଆ ଦ୍ୱାରା ଆମନ୍ତ୍ରିତ ହୋଇଛନ୍ତି। ବ୍ରିକ୍ସ ଗୋଷ୍ଠୀ, ବିଭିନ୍ନ ଚିନ୍ତାଧାରା ଏବଂ ଚିନ୍ତାଧାରାର ମିଳନ ଦ୍ୱାରା ଗଠିତ, ଆଜି ବିଶ୍ୱକୁ ସକାରାତ୍ମକ ସହଯୋଗ ଦିଗରେ ଆଗେଇ ନେବାକୁ ପ୍ରେରଣା ଯୋଗାଉଛି। ଆମର ବିବିଧତା, ପରସ୍ପର ପ୍ରତି ସମ୍ମାନ, ଏବଂ ସହମତି ମାଧ୍ୟମରେ ଆଗକୁ ବଢ଼ିବାର ପରମ୍ପରା ଆମର ସହଯୋଗର ଆଧାର ଅଟେ। ଆମର ଏହି ଗୁଣ ଏବଂ 'ବ୍ରିକ୍ସ ଆତ୍ମା' ଅନ୍ୟ ଦେଶମାନଙ୍କୁ ମଧ୍ୟ ଏହି ଫୋରମ୍ ଆଡକୁ ଆକର୍ଷିତ କରୁଛି। ମୁଁ ନିଶ୍ଚିତ ଯେ ଆଗାମୀ ସମୟରେ, ଆମେ ସମସ୍ତେ ଏହି ଅନନ୍ୟ ପ୍ଲାଟଫର୍ମକୁ ନେଇ ସଂଳାପ, ସହଯୋଗ ଏବଂ ସମନ୍ୱୟର ଏକ ଉଦାହରଣ ସୃଷ୍ଟି କରିବୁ ଏହି ପରିପ୍ରେକ୍ଷୀରେ, ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟ ଭାବରେ ଭାରତ ସର୍ବଦା ନିଜର ଦାୟିତ୍ୱ ପୂରଣ କରିବ ବୋଲି ମୋଦୀ କହିଛନ୍ତି।

## ଘୋଷଣା ହେଲା...

ସଞ୍ଜୟ ରାଉତ କହିଛନ୍ତି ଯେ ଆମେ ପିଡବ୍ଲ୍ୟୁପି, ସିପିଏମ୍, ସିପିଆଇ ଏବଂ ଆମ୍ ଆଦମୀ ପାର୍ଟିକୁ ସିଟ୍ ଦେବୁ। ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲ କହିଛନ୍ତି ଯେ ଗୁରୁବାର ଅବଶିଷ୍ଟ ସିଟ୍ ଉପରେ ଚିତ୍ର ମଧ୍ୟ ସ୍ପଷ୍ଟ ହେବ। ଆମେ ମିଳିତ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛୁ ଏବଂ ଆମର ସଂଖ୍ୟାଗରିଷ୍ଠ ସରକାର ଆସିବେ। ସୂଚନା ଥାଉ କି ଯେ ସମାଜବାଦୀ ପାର୍ଟି, ଆମ୍ ଆଦମୀ ପାର୍ଟି ଏବଂ ଅନ୍ୟାନ୍ୟ ଦଳ ମଧ୍ୟ ମହାରାଷ୍ଟ୍ରରେ ନିର୍ବାଚନ ଲଢ଼ିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

## ଆଜି ଓ ଶୁକ୍ରବାର...

ସୂଚନାରୁ ପ୍ରକାଶ, ୨୪ ତାରିଖ ମଧ୍ୟ ରାତିରୁ ୨୫ ତାରିଖ ସକାଳ ଭିତରେ ବାତ୍ୟା 'ଦାନା' ଲ୍ୟାଣ୍ଡଫଲ କରିବ। ତେବେ କେଉଁଠି ବାତ୍ୟା 'ଦାନା' ଲ୍ୟାଣ୍ଡଫଲ୍ କରିବ, ତାହାର ଚିତ୍ର ସ୍ପଷ୍ଟ ହୋଇନାହିଁ। ତଥାପି ଧାମରାରୁ ଭିତରକନିକା ଭିତରେ ବାତ୍ୟା 'ଦାନା' ଲ୍ୟାଣ୍ଡଫଲ କରିପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି। ଯେଉଁଥିପାଇଁ ରାଜ୍ୟ ସରକାର ପ୍ରସ୍ତୁତିକୁ ଜୋରଦାର କରିଛନ୍ତି।

# କେନ୍ଦ୍ରାଂଚଳ ଡି.ଆଇ.ଜିଙ୍କ ଭସାଣି ସମୀକ୍ଷା ଓ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୩/୧୦ (ନି.ପ୍ର): କେନ୍ଦ୍ରାଂଚଳ ଡି.ଆଇ.ଜି ଚରଣ ସିଂ ମୀନା କେନ୍ଦ୍ରାପଡା ଗସ୍ତରେ ଆସି ଜିଲ୍ଲା ପୋଲିସ ପ୍ରଶାସନ ସହ ବାତ୍ୟା ମୁକାବିଲା ଓ ଭସାଣୀ ଉତ୍ସବ ନିୟନ୍ତ୍ରଣ ସଂପର୍କରେ ସମୀକ୍ଷା କରିଥିବା ଜଣାପଡିଛି । ଶ୍ରୀ ମୀନା ବୁଧବାର ପୂର୍ବାହ୍ନରେ କେନ୍ଦ୍ରାପଡାରେ ପହଂଚିବା ପରେ ପୋଲିସ ମୁଖ୍ୟାଳୟରେ ବାତ୍ୟା ସମୟ ଓ ବାତ୍ୟା ପରବର୍ତୀ ପୋଲିସ ପ୍ରସାଶନର ଦାୟିତ୍ୱ, ଶାନ୍ତି ଶୃଙ୍ଖଳା ରକ୍ଷା, ଉଦ୍ଧାର କାର୍ଯ୍ୟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସଂପର୍କରେ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହା ସହ ବାତ୍ୟା ପୂର୍ବରୁ ଭସାଣୀ ଉତ୍ସବକୁ ସମାପ୍ତ କରିବା ପାଇଁ ପୂଜା କମିଟି ସହିତ ସମନ୍ୱୟ ରକ୍ଷା କରି ଜିଲ୍ଲା ପୋଲିସ ପ୍ରଶାସନ କାର୍ଯ୍ୟ କରିବା ଦିଗରେ ପ୍ରତ୍ୟେକ୍ଷ ଭାବେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଏସ.ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଏସ.ଡି.ପି.ଓ ଦେବେନ୍ଦ୍ର ମଲ୍ଲିକ, ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ଥାନା ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ ।

## ବାତ୍ୟା ସୁଯୋଗରେ କୃତ୍ରିମ ଅଭାବ ଜନିତ ଦରବୃଦ୍ଧି ରୋକିବା ପାଇଁ ପ୍ରଶାସନିକ ଚଢ଼ଉ

ଭଦ୍ରକ, ୨୩/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାରୀ, ଦରବୃଦ୍ଧି, ବେନିୟମ ମହଜୁଦ ଭଳି ଖବର ଓ ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନ ତରଫରୁ ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାତ୍ୟା ମୁକାବିଲା ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ସାଂସଦ ଓ ଜିଲ୍ଲାର ସମସ୍ତ ବିଧାୟକମାନଙ୍କ ଅଭିଯୋଗ ନେଇ ଏହି ଚଢ଼ଉ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଜିଲ୍ଲାଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଓ ଏ.ସି.ଏସ୍.ଓ ଶରତ ବେହେରାଙ୍କୁ ନେଇ ଭଦ୍ରକ ସହରରେ ପରିବା ବଜାର ଓ ବଡ଼ ବଡ଼ ଆଳୁ, ପିଆଜ ଗୋଦାମମାନଙ୍କରେ ଚଢ଼ଉ କରାଯାଇଥିଲା । ଆଳୁ କିଲୋପ୍ରତି ୩୦ଟଙ୍କା ଓ ପିଆଜ କିଲୋ ପ୍ରତି ୫୫ଟଙ୍କାରେ ବିକ୍ରି କରାଯାଉଥିବା ଦର ତାଲିକାକୁ ଦୋକାନୀମାନେ ଦୋକାନ ଆଗରେ ଖାଉଟୀମାନଙ୍କ ଉଦ୍ଦେଶ୍ୟରେ ଫଳକ ଜରିଆରେ ଲେଖି ଜଣାଇବା ପାଇଁ କୁହାଯାଇଥିଲା । ଗୋଦାମ ଗୁଡ଼ିକର ଷ୍ଟକ ଓ କ୍ରୟ ବିଲ ଯାଞ୍ଚ କରାଯାଇ ଧାର୍ଯ୍ୟଦର ମଧ୍ୟରେ ବିକ୍ରୟ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟକି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ମଧ୍ୟ ଏହିପରି ଚଢ଼ଉ ପାଇଁ ବି.ଡ଼ି.ଓ. ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶପ୍ରଦାନ କରାଯାଇଛି । ଏହି ଚଢ଼ାଉ ପରେ ଭଦ୍ରକ ସହରରେ ଆଳୁ, ପିଆଜର ଦର ସ୍ୱାଭାବିକଥିବା ପରିଲକ୍ଷିତ ହୋଇଛି ।



## ବାତ୍ୟା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ବାତ୍ୟା ମୁକାବିଲା ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରସ୍ତୁତି । ଯେଉଁ ଜିଲ୍ଲାରେ ବାତ୍ୟା ପ୍ରଭାବ ରହିବ ସେଠି ଲୋକଙ୍କ ରହିବା ଖାଇବା ବ୍ୟବସ୍ଥା ବ୍ଲକ ଅଧିକାରୀ ଦାୟିତ୍ୱ ନେବେ । ଏନେଇ ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି । ଆରଡବ୍ଲୁଏସଏସ ବିଭିନ୍ନ ଜାଗାରେ କ୍ୟାମ୍ପ କରିଛି । କ୍ୟାମ୍ପ ମାଧ୍ୟମରେ ପାଣି ଓ ପାଣି ବୋତଲ ବ୍ୟବସ୍ଥା କରାଯାଇଛି । ଯେଉଁ ଅଂଚଳରେ ପାଣିରେ ଅଧିକ ସମସ୍ୟା ହେଲେ ସେଠି ପାଣି ପାଉଚ ପ୍ରସ୍ତୁତ କରି ତୁରନ୍ତ ପଂହଚାଯିବ । ଦୁଇ ଘଂଟା ରେ ୧୬ ହଜାର ପାଣି ପାଉଚ ପ୍ରସ୍ତୁତ ମେସିନ ପ୍ରସ୍ତୁତ କରାଯାଇଛି । ଟ୍ୟାଙ୍କର ମାଧ୍ୟମରେ ପାଣି ପଂହଚାଯିବ । ପଂଚାୟତ ଓ ଆରଡି ବିଭାଗର ରାସ୍ତା ଚିହ୍ନଟ ହୋଇଛି । ସମସ୍ତେ ଆଲର୍ଟ ଅଛନ୍ତି । ମାଟି ରାସ୍ତାକୁ ଅଧିକ ଫୋକସ କରାଯାଇଛି । ଘାଇ ସୃଷ୍ଟି ହେଲେ ବାଲି ବସ୍ତା ଦ୍ୱାରା ଘାଇ ମରାମତି କରାଯିବ ବୋଲି ପଂଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି ।

## ଅବସରପ୍ରାପ୍ତ ଡାକ୍ତର ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ନୀଳଗିରି , ୨୩/୧୦ (ନି.ପ୍ର): କଥାରେ ଅଛି 'ରୋଗୀ ସେବା ହିଁ ମାଧବ ସେବା' । ଗରିବ ଠାରୁ ଧନୀ ପର୍ଯ୍ୟନ୍ତ ଆଜିକାଲି ସମସ୍ତେ ବିଭିନ୍ନ ପ୍ରକାରର ମାରାତ୍ମକ ରୋଗରେ ପୀଡିତ । ତେବେ ଭାରତୀୟ ରେଳ ବିଭାଗର ଜଣେ ଅବସରପ୍ରାପ୍ତ ଡାକ୍ତର ନିଜର କର୍ମମୟ ଜୀବନରୁ ଅବସର ନେଲାପରେ ଏବେ ରୋଗୀସେବାରେ ନିୟୋଜିତ କରିଛନ୍ତି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ସନ୍ତରାଗଡ଼ିଆ ଗ୍ରାମର ଅବସରପ୍ରାପ୍ତ ରେଳବାଇ ଡାକ୍ତର ଗଜେନ୍ଦ୍ର ନାରାୟଣ ପଣ୍ଡା ବୁଧବାର ଏକ ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଇଥିଲେ । ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଜଣ ପୁରୁଷ ଓ ମହିଳା ନିଜର ଡାଇବେଟିସ ଓ ରକ୍ତଚାପ ପରୀକ୍ଷା କରିଥିଲେ । ଉକ୍ତ ଶିବିରରେ ସମସ୍ତଙ୍କୁ ମାଗଣା ଔଷଧ ମଧ୍ୟ ବିତରଣ କରାଯାଇଥିଲା । ରକ୍ତପରୀକ୍ଷକ ଭାବେ ଶ୍ରୀମତୀ କମଳା ମହାରଣା ରୋଗୀଙ୍କର ରକ୍ତ ପରୀକ୍ଷା ସହିତ ସମସ୍ତ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପାଣିଗ୍ରାହୀ, କାର୍ତ୍ତିକ ବ୍ରହ୍ମ, ଅନୁଜ ଦାସ, ରବୀନ୍ଦ୍ର ରାଉତ, ସନ୍ନ୍ରୁ ରାଉତ, ଯଦୁନାଥ ସାମଲ ଓ ରାଜେନ୍ଦ୍ର ପଣ୍ଡା ଇତ୍ୟାଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୂର୍ବରୁ ଡାକ୍ତର ଗଜେନ୍ଦ୍ର ନାରାୟଣ ପଣ୍ଡା ଏହିଭଳି ଭାବରେ ଅନେକଥର ବିନା ମୂଲ୍ୟରେ ରୋଗୀମାନଙ୍କୁ ଚିକିତ୍ସା କରି ଔଷଧ ବିତରଣ କରିଥିବାର ସୂଚନା ରହିଛି ।

## ଲଙ୍ଗଳେଶ୍ୱରରେ ରାବଣ ପୋଡ଼ି ଉତ୍ସବ




ଲଙ୍ଗଳେଶ୍ୱର, ୨୩/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆ ଠାରେ ହର ପାର୍ବତୀ କ୍ଲବ୍ ଆନୁକୂଲ୍ୟରେ ପବିତ୍ର ଶାରଦୀୟ ଦୁର୍ଗା ପୂଜୋତ୍ସବ ଅବସରରେ ମଙ୍ଗଳବାର ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଆୟୋଜକ କମିଟିର ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ । ହର ପାର୍ବତୀ କ୍ଲବର ସଭାପତି ତୁଷାରକାନ୍ତ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ସମ୍ମାନିତ ଅତିଥି ଭାବେ ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ବଣିଆଡ଼ିହା ସମିତି ସଦସ୍ୟ କଟି ମାରାଣ୍ଡି, ବରିଷ୍ଠ ନେତା ଅଜୟ କୁମାର ସାମଲ, ଧର୍ମପଦ ଗିରି, ସୁବ୍ରତ ପଣ୍ଡା,ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ସୁଲତା ନାୟକ, ରଞ୍ଜିତା ଟୁଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ହର ପାର୍ବତୀ କ୍ଲବର ବରୁଣ ହାଇଟ୍ , ଶିତାଂଶୁ ବାରିକ, ଜମେଶ ପଟ୍ଟାୟତ, ବଳିଆ ସେଠୀ, ମୀନକେତନ ଦାସ, ଶ୍ୟାମସୁନ୍ଦର ପଢିଆରୀ, ଆଶିଶ୍ ଦେ, ଦେବବ୍ରତ ଦାସ,ଯାଦବ ସାହୁ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଆତସବାଜି କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଟିମ୍ ଏଭେଞ୍ଜର ମେଲୋଡି ପରିବେଷଣ ହୋଇଥିଲା ।

## ପାଣିରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ବସ୍ତା ୨୩/୧୦(ନିପ୍ର) ପାଣିରେ ବୁଡି ଯୁବତୀ ଙ୍କ ମୃତ୍ୟୁ ଘଟିଛି । ସୂଚନାରୁ ପ୍ରକାଶ ରୂପସା ଥାନା , କସିପଦା ପଞ୍ଚାୟତ ଅନ୍ତର୍ଗତ ମିରିଗିମୁଣ୍ଡି ଗାଁ ର ଜ୍ୟୋତ୍ସ୍ନାରାଣୀ ବର (ବୟସ - ୨୪) ବୁଧୁବାର ସକାଳ ସମୟରେ ତାଙ୍କ ଘର ନିକଟରେ ଥିବା ପୋଖରୀକୁ ଗାଧେଇବା ପାଇଁ ଯାଇଥିବା ବେଳେ ଅସାବଧାନତା ହେତୁ ପୋଖରୀ ରେ ପଡ଼ି ଯାଇଥିଲେ । ପରେ କିଛି ସମୟ ପରେ ତାଙ୍କୁ ଘର ଲୋକ ଖୟାଖୋଜି କରି ପାଖ ପୋଖରୀରୁ ପାଇ ଥିଲେ । ତାଙ୍କୁ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ରୂପସା ପୋଲିସ ଏକ ଅପମୃତ୍ୟୁ ମାମଲା କେସ ନଂ ୧୧/୨୪ ରେ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

## ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ବିଧାୟକ



ବେତନଟୀ , ୨୩/୧୦ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ପାଟଳୀପୁରା ପଞ୍ଚାୟତ ଦାରିହା ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳି ଠାରେ ପହଁଞ୍ଚିଥିଲେ ଲୋକ ପ୍ରିୟ ବିଧାୟକ ଶ୍ରୀ ସନାତନ ବିଜୁଳି । ଜିଲ୍ଲାର ଉପଜିଲ୍ଲାପାଳ , ବ୍ଲକର ବିଡିଓ ତହସିଲଦାର ଏବଂ ଗ୍ରାମର ବରିଷ୍ଠ ମାନ୍ୟଗନ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ବଙ୍ଗୋପସାଗରରେ ସୃଷ୍ଟି ସମ୍ଭାବ୍ୟ ବାତ୍ୟା ଦାନାର ସଫଳ ମୁକାବିଲା ପାଇଁ ଆଜି ଆଲୋଚନା କରିଥିଲେ । କିପରି ଆଜି ରାତି ସୁଧା ଘରକୁ ଘର ବୁଲି ଚାଳ ଛପର ମାଟି ଘରୁ ଲୋକ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ,ରନ୍ଧା ଖାଦ୍ୟ ଶୁଖିଲା ଖାଦ୍ୟ ଯଥା ଶିଘ୍ର ବଣ୍ଟନ କରାଯିବ ନିର୍ଦ୍ଦେଷ ଦେଇଥିଲେ ବିଜୁଳି ଭାଇ । ସମସ୍ତ ଜନସାଧାରଣମାନଙ୍କୁ ଭୟଭୀତ ନହୋଇ ସତର୍କ ରହିବାକୁ ଏବଂ ସମସ୍ତ ସରକାରୀ ନିର୍ଦ୍ଦେଶାନାମା ପାଳନ କରିବାକୁ ଅନୁରୋଧ । ପ୍ରଶାସନ ଏବଂ ସରକାର ସର୍ବଦା ଆପଣଙ୍କ ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ସଜାଗ ରହିବେ ।

## ବାତ୍ୟା 'ଦାନା'ର ମୁକାବିଲା ପାଇଁ ବସ୍ତା ବିଧାୟିକାଙ୍କ ଦ୍ୱାରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୨୩/୧୦ (ନି.ପ୍ର): ବାତ୍ୟା 'ଦାନା' ମୁକାବିଲା ପାଇଁ ସଜାଗ ବସ୍ତା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟିକା ସୁବାସିନୀ ଜେନା । ବିଧାୟିକା ଶ୍ରୀମତୀ ଜେନା ବସ୍ତା, ବାଲିଆପାଳ ବ୍ଲକ ର ବିଭିନ୍ନ ଅଞ୍ଚଳ ବୁଲି ଲୋକ ମାନଙ୍କୁ ବାତ୍ୟା ସମ୍ପର୍କରେ ସଚେତନ କରାଇବା ସହିତ ଲଙ୍ଗଳେଶ୍ୱର ବାସଭବନରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ । ଏଥିରେ ବସ୍ତା ଓ ବାଲିଆପାଳ ବ୍ଲକ ର ନେତୃତ୍ୱ ମଣ୍ଡଳୀ ଯୋଗ ଦେଇ ଦଳଗତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ବାତ୍ୟା ରେ ଲୋକ ମାନଙ୍କୁ ସହଯୋଗ କରିବାକୁ ନିବେଦନ କରିଥିଲେ । ଏଥିସହିତ ଦୁଇଟି ବ୍ଲକ ରେ ଦୁଇଟି କମିଟି ଗଠନ କରାଯାଇ ବାତ୍ୟା ଶେଷ ପର୍ଯ୍ୟନ୍ତ ଲୋକ ମାନଙ୍କର ସମସ୍ୟା ସହିତ ଜଡିତ ରହିବାକୁ ବିଧାୟିକା ନିର୍ଦ୍ଦେଶ ଦେଇଛନ୍ତି । ଜରୁରୀ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ୍ ସଭାପତି ଅନିଲ କୁମାର ମହାନ୍ତି, ପୂର୍ବତନ ଚେୟାରମେନ ଲକ୍ଷ୍ମୀଧର ଦାସ,ପ୍ରଦୀପ ବିଶ୍ୱାଳ,ଅଜୟ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ନେତା ମହେଶ୍ୱର ଜେନା,ଭଗବାନ ବିଶ୍ୱାଳ ଙ୍କ ସହ ବହୁ ବିଜୁ ଜନତା ଦଳ ର ନେତୃତ୍ୱ ଯୋଗ ଦେଇ ବାତ୍ୟା 'ଦାନା' ର ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ ।

## ବାତ୍ୟା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସଜାଗ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ବାତ୍ୟା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ପ୍ରଭାବିତ ଜିଲ୍ଲା ଗୁଡିକରେ ସିଡିଏମଓ ମାନଙ୍କୁ ନର୍ଦ୍ଦେଶ ଦିଆଯାଇଛି । ଆଶୁ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବେ । ସାପ କାମୁଡା ଇଞ୍ଜେକ୍ସନ ସହ ସମସ୍ତ ପ୍ରକାର ସେବା ଦେବାକୁ ଆଲର୍ଟ ରହିବେ । ଡାକ୍ତର ମାନଙ୍କର ଛୁଟି ମଧ୍ୟ ବାତିଲ ହୋଇଛି । ମୁଖ୍ୟମନ୍ତ୍ରୀ ନିଜେ ସବୁ ମନିଟରିଂ କରୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ଲୋକଙ୍କ ପାଖରେ ସେବା ପହଂଚାଇବେ । ଜିରୋ କାଜୁଆଲିଟିକୁ ଗୁରୁତ୍ୱ ଦିଆଯାଇଥିବା ମୁକେଶ ମହାଲିଙ୍ଗ କହିଛନ୍ତି ।

## ସାମ୍ବାଦିକ ସଂଘର ବାର୍ଷିକ ସମାବେଶରେ ଯୋଗଦେବେ ମୁଖ୍ୟମନ୍ତ୍ରୀ : ଅରୁଣ କୁମାର ଓତା



ଉଦଳା , ୨୩/୧୦ (ନି.ପ୍ର): ଚଳିତ ବର୍ଷ ମୟୂରଭଂଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ସମାବେଶ ଉଦଳା ଠାରେ ଅନୁଷ୍ଠିତ ହେବା ସହିତ ଉକ୍ତ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ବୋଲି ସଂଘର ସଭାପତି ଅରୁଣ କୁମାର ଓତା ଜଣାଇଛନ୍ତି । ଏଥିପାଇଁ ସଂଘ ତରଫରୁ ପ୍ରସ୍ତୁତି ପର୍ବ ଆଗେଇ ଚାଲିବା ସହିତ ଉଦଳା ଠାରେ ବାରମ୍ବାର ବୈଠକ ବସୁଛି । ସେହିପରି ଚଳିତ ଅକ୍ଟୋବର ୨୨ ତାରିଖ ମଙ୍ଗଳବାର ଦିନ ବିଧାୟକ ଭାସ୍କର ମଢ଼େଇଙ୍କ ଉଦଳାସ୍ଥିତ ବାସଭବନ ଠାରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିବାର ଜଣାଯାଇଛି । ଏହି ଅବସରରେ ପ୍ରକାଶ ପାଇବାକୁ ଥିବା ସଂଘର ମୁଖପତ୍ରର ସମସ୍ତ ଦାୟିତ୍ୱ ଉଦଳା ବିଜ୍ଞାପତି ଅଂଚଳ ପରିଷଦର ନଗରପାଳ ତଥା ସଂଘର ବରିଷ୍ଠ ସଦସ୍ୟା ପ୍ରମିଳା ପଣ୍ଡାଙ୍କୁ ଅର୍ପଣ କରାଯାଇଛି । ତେବେ ମୁଖପତ୍ର ପାଇଁ ଖୁବ୍ ଶିଘ୍ର ଏକ କମିଟି ଗଠନ କରି ଲେଖା, ବାର୍ତ୍ତା ଓ ବିଜ୍ଞାପନ ସଂଗ୍ରହ ସହ ପ୍ରକାଶନ କ୍ଷେତ୍ରରେ ପ୍ରମିଳା ପଣ୍ଡାଙ୍କୁ ସହଯୋଗ କରିବା ପାଇଁ ଦାୟିତ୍ୱ ଦିଆଯିବ ବୋଲି ଉପଦେଷ୍ଟା ସନ୍ତୋଷ ବାଛିନି କହିଛନ୍ତି । କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିବା ବେଳେ ଜିଲ୍ଲାର ଅନ୍ୟ ଅଂଚଳର ସାମ୍ବାଦିକ ମାନେ ସହଯୋଗର ହାତ ବଢ଼ାଇବାକୁ ସଭାପତି ଅନୁରୋଧ ଜଣାଇଛନ୍ତି । ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଜଗବନ୍ଧୁ ପ୍ରଧାନ, ମନୋଜ କୁମାର ବେହେରା, ନେତାଜି ରଥ ପ୍ରମୁଖ ଉପସ୍ଥିତ ଥିଲେ ।

DSPL - 156





ଓଡ଼ିଶା ସରକାର

### ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି । ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ -

- ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି -
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି ।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ ।

ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR: 10003/13/0084/2425

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo